୬ ରାହୁଲ ଦ୍ରାବିଡ଼ଙ୍କୁ ପଛରେ ପକାଇଲେ ଷ୍ଟିଭ୍ ସ୍ମିଥ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୪୦ ● ୭ ଜାନୁଆରୀ ୨୦୨୬, ବୁଧବାର ● ଭୁବନେଶ୍ୱର ● Vol -32 ● Issue-340 ● 7th January 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟରେ ଉପର ମୁହାଁ ବାୟୁ ପ୍ରଦୂଷଣ : ଟ୍ୱିନ୍‌ସିଟିରେ ଲାଗିଲା ବଡ କଟକଣା

# ସନ୍ଧ୍ୟାରୁ ସକାଳ ୧୦ ନିର୍ମାଣ କାମ ବନ୍ଦ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ଦେଶର ରାଜଧାନୀ ଦିଲ୍ଲୀ ସହର ଭଳି ଭୟଙ୍କର ବାୟୁ ପ୍ରଦୂଷଣ ସ୍ଥିତି ଆଡକୁ ମୁହାଁଇଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହର। ଯାହାକି ରାଜ୍ୟ ସରକାରଙ୍କ ଚିନ୍ତା ବଢାଇ ଦେଇଛି। ଦିଲ୍ଲୀ ଭଳି ଓଡ଼ିଶାରେ ଏବେ ସ୍ଥିତି ସାଙ୍ଘାତିକ ଆଡକୁ ଯାଉଛି । ପ୍ରତ୍ୟେକ ଦିନ ବାୟୁ ପ୍ରଦୂଷଣ ସ୍ତର (ଏକ୍ୟୁଆଇ) ବଢୁଛି । ବାୟୁ ପ୍ରଦୂଷଣରେ ଦେଶରେ ସବୁଠୁ ଆଗରେ ରହୁଛି ଓଡ଼ିଶା। ଓଡ଼ିଶାର ତାଳଚେର ଦେଶର ସର୍ବାଧିକ ପ୍ରଦୂଷିତ ସହର ଭାବେ ଗଣାଯାଇଥିବା ବେଳେ ବାଲେଶ୍ୱର ସହର ମଧ୍ୟ ଏହି କ୍ୟାଟାଗୋରୀରେ ଯୋଡି ହୋଇଛି। ଦୁଇଦିନ ତଳେ ବାଲେଶ୍ୱର ପାଇଁ ଜିଲ୍ଲା ପ୍ରଶାସନ କଟକଣା ଜାରି କରିଥିଲେ। ପରେ ମଙ୍ଗଳବାର ଟ୍ୱିନସିଟି କଟକ-ଭୁବନେଶ୍ୱରରେ ରାଜ୍ୟ ସରକାର ଏହି କଟକଣା ଲଗାଇଛନ୍ତି । ଓଡ଼ିଶାର ଏକାଧିକ ସହରରେ ଏବେ ବାୟୁ ପ୍ରଦୂଷଣ ମାତ୍ରା ବିପଜ୍ଜନକ ମୁହାଁ ହେବାରେ ଲାଗିଛି। ଏକ୍ୟୁଆଇ ସ୍ତର ରେକର୍ଡ ହାରରେ ବୃଦ୍ଧି



ପାଇ ଜାତୀୟ ପ୍ରଦୂଷଣ ତାଲିକାରେ ଓଡ଼ିଶା ଶୀର୍ଷରେ ରହିଛି। ଏହାକୁ ନେଇ ରାଜ୍ୟ ସରକାର ତତ୍ପର ହୋଇଛନ୍ତି। ପ୍ରଦୂଷଣ ମାତ୍ରା ହ୍ରାସ କରିବା ଦିଗରେ କାମ କରିବା ପାଇଁ ପ୍ରଶାସନ ପକ୍ଷରୁ ଜରୁରୀକାଳୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ବିଶେଷ କରି ଟ୍ୱିନସିଟି କଟକ-ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ମାତ୍ରା କମାଇବା ପାଇଁ ନିର୍ମାଣ କାର୍ଯ୍ୟ ଉପରେ ପ୍ରତିବନ୍ଧକ ଲଗାଯିବା ସହ ଧୂଳି ପ୍ରବଣ ଜୋନ୍ ଉପରେ କଡା ନଜର ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସନ୍ଧ୍ୟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସହରାଞ୍ଚଳ ମଧ୍ୟରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ରହିଛି। ସହର ମଧ୍ୟକୁ ଭାରି ଯାନ ପ୍ରବେଶ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ସେହିପରି କୋଇଲା ଜାଳେଣିକୁ ବନ୍ଦ ପାଇଁ ଏବଂ ରାସ୍ତା କଡ଼ରେ ଥିବା ଢ଼ାବା ଓ ହୋଟେଲଗୁଡିକ ଉପରେ ନଜର ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କେବଳ ଟ୍ୱିନସିଟିରେ ନୁହେଁ ତାଳଚେର ଏବଂ ବାଲେଶ୍ୱର ଜିଲ୍ଲାରେ କଟକଣା କରାଯାଇଛି। ରାଜ୍ୟରେ ବାୟୁ ପ୍ରଦୂଷଣ ସ୍ଥିତି ଜାନୁଆରୀ ମାସର ପ୍ରଥମ ସପ୍ତାହରେ ଅର୍ଥାତ୍ ୧ ତାରିଖରୁ ୬ ତାରିଖ ମଧ୍ୟରେ ଅନୁଗୁଳ ସହରର ଏକ୍ୟୁଆଇ ଯଥାକ୍ରମେ ୨୯୬, ୩୪୬, ୩୨୧, ୨୩୬, ୨୪୧ ଏବଂ ୨୬୦ ରହିଥିବା ବେଳେ ବାରିପଦା ସହରର ଏକ୍ୟୁଆଇ ଯଥାକ୍ରମେ ୩୧୯, ୩୧୨, ୩୨୪ ଏବଂ ୧୪୬ ରହିଥିଲା। ସେହିପରି ବାଲେଶ୍ୱର ସହରର ଏକ୍ୟୁଆଇ ଯଥାକ୍ରମେ ୩୩୭, ୩୧୮, ୨୯୭, ୩୦୬, ୧୫୦ ଏବଂ ୧୮୯ ରହିଥିଲା। ସେହିପରି ଭୁବନେଶ୍ୱର ସହରର ଏକ୍ୟୁଆଇ ଯଥାକ୍ରମେ ୩୦୫, ୩୧୭, ୨୯୪, ୨୪୮, ୨୫୬ ଏବଂ ୨୩୮ ରହିଛି। ସେହିପରି କଟକ ସହରର ଏକ୍ୟୁଆଇ ଯଥାକ୍ରମେ ୩୦୪, ୩୨୪, ୩୦୦, ୨୭୭, ୨୫୧ ଏବଂ ୧୯୮ ରହିଥିବା ରେକର୍ଡ ହୋଇଛି। *(ପୃଷ୍ଠା ୭ରେ)*

### ୫୫ ବର୍ଷରେ ପଦାର୍ପଣ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୫୫ ବର୍ଷରେ ପଦାର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ତାଙ୍କର ଜନ୍ମଦିନ ଉପଲକ୍ଷେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଓଡ଼ିଶାର ପରିଶ୍ରମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା।

ସେ ଓଡ଼ିଶାର ବିକାଶ ପଥକୁ ବୃଦ୍ଧି କରିବା ଏବଂ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଉଲ୍ଲେଖନୀୟ ପ୍ରୟାସ କରିଛନ୍ତି। ଲୋକଙ୍କ ସେବାରେ ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରୁଛି।

ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଆପଣଙ୍କ ଶୁଭେଚ୍ଛା ଏବଂ ଉତ୍ସାହଜନକ କଥା ପାଇଁ ଧନ୍ୟବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ। ଆପଣଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନ ଅଧିକ ଉତ୍ସର୍ଗୀକୃତ ଭାବରେ ଓଡ଼ିଶାବାସୀଙ୍କ



ସେବା କରିବାର ମୋର ସଂକଳ୍ପକୁ ଆହୁରି ଦୃଢ଼ କରିଚାଲିଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା।

ମୋଦୀ ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆପଣ ରାଜ୍ୟରେ ନିରନ୍ତର ଭାବେ ଜନସେବା ଏବଂ ସୁଶାସନକୁ ତ୍ୱରାନ୍ୱିତ କରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ଆପଣଙ୍କର ସଫଳ ଜୀବନ ଯାତ୍ରାର କାମନା କରୁଛି।

ସେହିପରି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ଦିଲ୍ଲୀମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡାଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ବିଜେପି ରାଜ୍ୟ ଶାଖା ସଭାପତି ମନମୋହନ ସାମଲ ଓ ଅନ୍ୟ କର୍ମକର୍ତ୍ତା, ଦଳର ବିଧାୟକ ଓ ସାଂସଦ ଏବଂ ଦଳର ବିଭିନ୍ନ ଛାମୁଆ ସଂଗଠନର ନେତା ଓ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୭୨ ଜାନୁଆରୀ ୬ ତାରିଖରେ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅଧୀନ ରାଇକଳା ଗ୍ରାମର ଏକ ସାଧାରଣ ସାନ୍ତାଳ ଆଦିବାସୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ଅତି ସାଧାରଣ ପୃଷ୍ଠଭୂମିରୁ ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀରେ ପହଞ୍ଚିବା ପଛରେ ରହିଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସଂଘର୍ଷର କାହାଣୀ। ଜଣେ ନିରାଡ଼ମ୍ବର ମଣିଷ ଭାବେ ସେ ଆଜି ମଧ୍ୟ ନିଜର ସାଧାରଣ ଜୀବନଶୈଳୀ ପାଇଁ ସମସ୍ତଙ୍କର ପ୍ରିୟ ହୋଇ ରହିଛନ୍ତି। ତାଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନ ସାକାର ହେବ ବୋଲି ଓଡ଼ିଶାବାସୀ ଆଶାବାଦୀ।

ମୋହନ ସପ୍ତମ ଶ୍ରେଣୀରେ ପଢ଼ିବା ସମୟରେ ମା'ଙ୍କ ଦେହାନ୍ତ ପରେ ସାବତ ମା' ନାଥମଣି ମାଝି ତାଙ୍କୁ ପୁଅ ଭଳି ଯତ୍ନ କରି ବଡ଼ କରିଥିଲେ। ପରେ ସେ ୧୯୮୭ରେ ଝୁମ୍ପୁରା ହାଇସ୍କୁଲରୁ ମାଟ୍ରିକ୍ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଜଙ୍ଗଲ ମନ୍ତ୍ରୀଙ୍କ ବଡ଼ ଘୋଷଣା: ପକ୍ଷୀଙ୍କ ଗୋଡ଼ରେ ଲାଗିବ ସାଟେଲାଇଟ ଟ୍ରାନ୍ସମିଟର।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ କାଲମାଡିଙ୍କ ପୁଣେରେ ପରଲୋକ।
- ଭାରତ-ପାକିସ୍ତାନ ସୀମାରୁ ପ୍ରାୟ ୧୦୦ କୋଟି ମୂଲ୍ୟର ହେରୋଇନ୍ ଜବତ, ଚାରି ଜଣ ଚୋରା ଚାଲାଣକାରୀ ଗିରଫ ।
- ଶୀତ ଉତ୍ସବ ପୂର୍ବରୁ ଦାରିଙ୍ଗବାଡ଼ିରେ ସ୍ୱଚ୍ଛତା ଅଭିଯାନ।
- ବିଶ୍ୱ ପରିସ୍ଥିତିର ପ୍ରଭାବରେ ସୁନା ଓ ଚାନ୍ଦି ଦର ବୃଦ୍ଧି।
- ପଶ୍ଚିମ ଓଡ଼ିଶାରେ ସଡ଼କ ଦୁର୍ଘଟଣା, ଅନେକ ମୃତ।
- ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ବିଦ୍ୟୁତ ବିଘ୍ନ।
- ପାହାଡ଼ିଆ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ପର୍ଯ୍ୟଟକଙ୍କ ଭିଡ଼।
- ମାଲକାନଗିରିର କିଛି ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୮୨ (+୬୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୨୫ (+୫୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୧୨ (+୪୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୧ (+୬)

# 'ଭିବି ଜି ରାମ ଜି' ବିଲ୍‌ର ଲକ୍ଷ୍ୟ ବିକଶିତ ଭାରତ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି ରାମ ଜି)ବିଲ୍ ସଂସଦରେ ପାଶ୍ ହୋଇ ଆଇନ୍‌ରେ ପ୍ରଣୟନ ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଏହି ଆଇନ୍‌ର ନାମକରଣ ଜରିଆରେ ବିକଶିତ ଭାରତର ଲକ୍ଷ୍ୟକୁ ଯୋଡ଼ାଯାଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ



ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। କେବଳ ତାଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ। ବିରୋଧୀ ଦଳଗୁଡ଼ିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି। ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ *(ପୃଷ୍ଠା ୭ରେ)*

# ଏଥର ରବିବାର ଉପସ୍ଥାପନ ହୋଇପାରେ ବଜେଟ୍ !

ନୂଆଦିଲ୍ଲୀ, ୬।୧

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ ଉପସ୍ଥାପନ କରିବାକୁ ପ୍ରସ୍ତୁତ। ତେବେ ଏଥର ଟିକିଏ ଅଡୁଆ ରହିଛି । କାରଣ ଫେବ୍ରୁଆରୀ ୧ ରବିବାର ପଡୁଛି । ସେଦିନ ସାଧାରଣତଃ ସଂସଦ ବନ୍ଦ ଥାଏ । କିନ୍ତୁ ଏଥିପାଇଁ ଏଥର ଅନ୍ୟ ଏକ ତାରିଖରେ ବଜେଟ୍ ଆଗତ ହେବ କି ?

ସରକାରୀ ମହଲରୁ ମିଳିଥିବା ରିପୋର୍ଟ ଅନୁସାରେ, ସରକାର ଫେବୃଆରୀ ୧ ରେ ହିଁ ବଜେଟ ଉପସ୍ଥାପନ କରିବାକୁ ଯୋଜନା କରୁଛନ୍ତି । ତଥାପି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ବସିବ । ସଂସଦୀୟ



ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଅର୍ଥମନ୍ତ୍ରଣାଳୟର ଅଧିକାରୀମାନେ ଯୋଗ ଦେବେ । ଏହି ବୈଠକର ବଜେଟ୍ ତାରିଖକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହେବ । କେତେକ ସୂତ୍ର ଅନୁସାରେ ରବିବାର *(ପୃଷ୍ଠା ୭ରେ)*

# ବସ୍ ଧକ୍କାରେ ଯୁବ ସାମ୍ବାଦିକାଙ୍କ ମୃତ୍ୟୁ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ମଙ୍ଗଳପୁର ନିକଟ ଜମାଲପୁର ଛକ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ ଲାଲ ରଙ୍ଗର ସ୍କୁଟି ଆକ୍ଟିଭାକୁ ପଛପଟୁ ଧକ୍କା ଦେଲା ସାରଳା ବସ୍ । ଘଟଣା ସ୍ଥଳରେ ସ୍କୁଟିରେ ଯାଉଥିବା ଦୁଇ ଜଣ ମହିଳାଙ୍କ ଦୁର୍ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା ବେଳେ ପିପିଲି ପୁଲିସ୍ ପହଞ୍ଚି ମୃତଦେହ କୁ ଜବତ କରିବା ସହ ଯାତାୟାତ ସ୍ୱାଭାବିକ କରିଛି । ସେପଟେ ମୃତ ଦୁଇ ମହିଳାଙ୍କ ମଧ୍ୟରୁ ଜଣେ *(ପୃଷ୍ଠା ୭ରେ)*

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୁବ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ସେ ସୋସିଆଲ ମିଡିଆରେ ଲେଖିଛନ୍ତି ବୈଦ୍ୟୁତିକ ଗଣମାଧ୍ୟମ ନ୍ୟୁଜ-୭ ର ଯୁବ ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ। ଜଣେ ଦାୟିତ୍ୱସମ୍ପନ୍ନ ସାମ୍ବାଦିକା ଭାବେ ଗଣମାଧ୍ୟମ ଜଗତରେ ତାଙ୍କର ସୁନାମ ରହିଥିଲା । ସାମ୍ବାଦିକତା *(ପୃଷ୍ଠା ୭ରେ)*

### ଷଷ୍ଠ ଜାତୀୟ ଚିଲିକା ମହୋତ୍ସବ ଉଦ୍‌ଘାଟିତ

# ପ୍ରବାସୀ ପକ୍ଷୀ ଆସିବା ଓଡ଼ିଶାରେ ଅନୁକୂଳ ଜଳବାୟୁର ସୂଚକ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ପର୍ଯ୍ୟଟନ ବିଭାଗ ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହଭାଗିତାରେ ଲୋକସେବା ଭବନ ସମ୍ମେଳନ କକ୍ଷରେ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉପକୂଳକୁ ପ୍ରବାସୀ ପକ୍ଷୀଙ୍କ ଯାତ୍ରା ଓଡ଼ିଶାର ଅନୁକୂଳ ଜଳବାୟୁର ସୂଚକ ବୋଲି ମତ



ପ୍ରକାଶ କରିଛନ୍ତି । ସୁରକ୍ଷିତ ଓ ସଂରକ୍ଷିତ ଜଙ୍ଗଲର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୁରକ୍ଷିତ ପ୍ରାକୃତିକ ଉପାଦାନ ସୁରକ୍ଷିତ ପର୍ଯ୍ୟଟନର ପ୍ରତୀକ ବୋଲି ମତପ୍ରକାଶ କରିଛନ୍ତି । ଚିଲିକାରେ ପ୍ରବାସୀ ପକ୍ଷୀ*(ପୃଷ୍ଠା ୭ରେ)*

# ସୋନିଆ ଗାନ୍ଧୀ ଅସୁସ୍ଥ

ନୂଆଦିଲ୍ଲୀ, ୬।୧

ମଙ୍ଗଳବାର ସକାଳେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ତୁରନ୍ତ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନେତାମାନେ ହସ୍ପିଟାଲରେ ପହଞ୍ଚିବା ଆରମ୍ଭ କରିଛନ୍ତି। ତଦାରଖ ପାଇଁ ଡାକ୍ତରଙ୍କ ଏକ ଦଳ ନିୟୋଜିତ କରାଯାଇଛି। ତଥାପି, କଂଗ୍ରେସ ଏପର୍ଯ୍ୟନ୍ତ ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ଅଫିସିଆଲ ବିବୃତ୍ତି ଜାରି କରିନାହିଁ।

ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ଏବଂ ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ବହୁତ ଦିନ ଧରି ଅସୁସ୍ଥ ଅଛନ୍ତି। ସୋନିଆ ଗାନ୍ଧୀ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ମଧ୍ୟ ହସ୍ପିଟାଲକୁ ଯାଆନ୍ତି।

## ଏକାଳ ପଖାଳ



ଅଭଦ୍ରାମୀ ଛଡା କିଛି ଜଣାନାହିଁ
ବାହାରି ଯାଉଛି କଥା
ବିରୋଧୀ ଦଳିଆ ଅଳିଆ କରନ୍ତି
ଶୁଣି ଲାଜେ ନୁଁଏ ମଥା
ଏଇଟା ତାଙ୍କର ପ୍ରଥା
ପ୍ରଧାନମନ୍ତ୍ରୀଙ୍କୁ ଏମିତି କହିବା
ଜଣାପଡେ ତାଙ୍କ ବ୍ୟଥା।

# ଭାରତ-ବାଂଲାଦେଶ ସୀମାରେ ହାଇଆଲର୍ଟ



ନୂଆଦିଲ୍ଲୀ, ୬।୧

ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ଯୋଗୁଁ ଭାରତ ଏବେ ହାଇ ଆଲର୍ଟରେ ଅଛି। ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମାରେ ସୁରକ୍ଷାକୁ ଆହୁରି ବୃଦ୍ଧି କରାଯାଇଛି। ସୀମା ସୁରକ୍ଷା ବଳ (ବିଏସଏଫ୍) ଚିକେନ୍ ନେକ୍ ଅଞ୍ଚଳର ପ୍ରାୟ ଅଞ୍ଚଳରେ ଏକ ନୂତନ ଡିଜାଇନ୍ ବାଡ଼ (ଏନଡିଏଫ୍) ସ୍ଥାପନ କରାଯାଇଛି।

ରିପୋର୍ଟ ଅନୁଯାୟୀ, ବିଏସଏଫ୍ ପକ୍ଷରୁ ବିଶେଷ ସମ୍ବେଦନଶୀଳ ଅଞ୍ଚଳରେ ୧୨ ଫୁଟ ଉଚ୍ଚତାର ଅତ୍ୟାଧୁନିକ ବାଡ଼ ସ୍ଥାପନ କରାଯାଇଛି । ସ୍ମାର୍ଟ ବାଡ଼ ବ୍ୟବହାର କରାଯାଇଛି କାରଣ ଏହାର ଡିଜାଇନ୍ ଏବଂ ଉଚ୍ଚତା ଏହାକୁ ଅତିକ୍ରମ କରିବା ପ୍ରାୟ ଅସମ୍ଭବ। ଏହାକୁ କାଟିବା ମଧ୍ୟ ସହଜ ନୁହେଁ। ବିଏସଏଫ୍ ଅଧିକାରୀମାନେ କହିଛନ୍ତି ଯେ ଏହି ବ୍ୟବସ୍ଥା ଅନୁପ୍ରବେଶ ଏବଂ ଗୋରୁ ଚୋରା ଚାଲାଣ ଘଟଣା ହ୍ରାସ କରିବ।

ସିଲିଗୁଡ଼ି କରିଡର ଭାବରେ ଜଣାଶୁଣା ଚିକେନ୍ ନେକ୍ ହେଉଛି ଏକ ସଂକୀର୍ଣ୍ଣ ଭୂମି ଯାହା ଭାରତୀୟ ମାନଚିତ୍ରରେ କୁକୁଡ଼ାର ବେକ ସହିତ ସଦୃଶ। ଚିକେନ୍ ନେକକୁ ଉତ୍ତର-ପୂର୍ବର ଜୀବନରେଖା ଭାବରେ ବିବେଚନା କରାଯାଏ *(ପୃଷ୍ଠା ୭ରେ)*

# ପୁଣି ଲଘୁଚାପ ସମ୍ଭାବନା ଶୀତ ଆହୁରି ଥରାଇବ

ଭୁବନେଶ୍ୱର, ୬।୧

ନ୍ୟୁଜ୍ ବ୍ୟୁରୋ

ବର୍ଷ ଆରମ୍ଭରୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପୂର୍ବ ବିଷୁବ ରେଖା ନିକଟରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଭାରତ ମହାସାଗର ଉପରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କହିଛି।

ଏହି ଲଘୁଚାପ ପ୍ରଣାଳୀ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡ଼ିଶା ଆଡକୁ ଗତି କରିବ ବୋଲି ଆଶା କରାଯାଉଛି। ତେବେ ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ।

ପାଣିପାଗ ସଂସ୍ଥାଗୁଡ଼ିକ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗବିଭାଗ ପୂର୍ବାନୁମାନ କରିଛି।

ଅନ୍ୟପକ୍ଷରେ ପୂରା ଓଡ଼ିଶାକୁ ଶୀତଲହରୀ ଅକ୍ତିଆର କରିଛି। ଶୀତର ପ୍ରଭାବ ଏତେ ବଢ଼ି ଯାଇଛି ଯେ, କେବଳ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ିର ଲୋକେ ଥରୁନାହାନ୍ତି ବରଂ ରାଜଧାନୀ ଭୁବନେଶ୍ୱରବାସୀ ମଧ୍ୟ *(ପୃଷ୍ଠା ୭ରେ)*



## ରାଜ୍ୟସ୍ତରୀୟ ଶାରଳା ନାଟକ ମହୋତ୍ସବ
# ମଞ୍ଚ ଅଭିନେତା ନିରଞ୍ଜନ ଓ ବରିଷ୍ଠ ସାମ୍ବାଦିକ ଶଶାଙ୍କଙ୍କୁ ପ୍ରଥମା ସମ୍ମାନ-୨୦୨୬ ପ୍ରଦାନ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

'କମଳା' କେବଳ ଜଣେ ମହିଳା ନୁହେଁ, ସମଗ୍ର ନାରୀଜାତିର ପ୍ରତୀକ । 'କମଳା' ଏକ ଆଇନା, ଯେଉଁଥିରେ ଆମେ ନିଜ ମୁହଁ ଦେଖି ଲଜ୍ଜା ଅନୁଭବ କରିଥାଉ । ଜଗତସିଂହପୁରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ 'ପ୍ରଥମା ଫାଉଣ୍ଡେସନ୍' ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'କମଳା' ସମାଜର ନଗ୍ନ ବାସ୍ତବତାକୁ ପଦାକୁ ଆଣିଛି । ଜୀବନରେଖା ଥିଏଟ ?ର କଳାକାରମାନଙ୍କ ନିଖୁଣ ଅଭିନୟ ଏହି ନାଟକକୁ ଅତ୍ୟନ୍ତ ଜୀବନ୍ତ କରିଦେଇଥିବା ବେଳେ ଦର୍ଶକଙ୍କ ଆଖି ଓଦା କରିଦେଇଥିଲା । ଜଗତସିଂହପୁର ଟାଉନ୍‌ସ୍ଥିତ ସଂସ୍କୃତି ଭବନ ପରିସରରେ ଚାଲିଥିବା ଏହି ନାଟକ ଉତ୍ସବରେ ଗତକାଲି ଭଳି ଆଜି ମଧ୍ୟ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ପ୍ରେକ୍ଷାଳୟ ଦର୍ଶକପୂର୍ଣ୍ଣ ରହିଥିଲା । ବିଜୟ ତେନ୍ଦୁଲକରଙ୍କ ମୂଳ ରଚିତ ତଥା ଚିନ୍ମୟୀ ଷଡ଼ଙ୍ଗୀଙ୍କ ଦ୍ୱାରା ଅନୁସର୍ଜିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଥିଲେ । ଆଜିର ଦ୍ୱିତୀୟ ଦିବସକୁ କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ଜଗତସିଂହପୁର ସାହିତ୍ୟ ପରିଷଦର ସଂପାଦକ କବି ଉମାକାନ୍ତ ନାୟକ, ଜୀବନରେଖା ଥିଏଟରର ଉପଦେଷ୍ଟା ଇ. ବିଜୟ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ । ଦୁଃଖିର ।ମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ନାଟକ ଉତ୍ସବର ଆଭିମୁଖ୍ୟ କହିଥିଲେ । ଏହି ଅବସରରେ ମଞ୍ଚ ଅଭିନେତା ନିରଞ୍ଜନ ବେହେରା, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା ଓ ଯୁବ ସାମ୍ବାଦିକ ତାପସ ଦାସଙ୍କୁ "ପ୍ରଥମା ସମ୍ମାନ –୨୦୨୬" ପ୍ରଦାନ କରାଯାଇଥିଲା । କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ "ସ୍ମୃତି ସମ୍ମାନ" ତାଙ୍କ ପୁଅ ସରୋଜ ଦ୍ୱିବେଦୀ ଗ୍ରହଣ କରିଥିଲେ । ଏଥିସହ "କମଳା" ନାଟକର ନିର୍ଦ୍ଦେଶକ ଅଭିନ୍ନ ରାଉତରାୟଙ୍କୁ ଅତିଥି ସମ୍ମାନିତ କରିଥିଲେ । ଆଇନଜୀବୀ ନରେଶ ଦାସ ଓ ସାରଦା ଦାସ ମାନପତ୍ର ପାଠ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, ଉପସଭାପତି କାଳୀକିଙ୍କର ମହାନ୍ତି, ସଦସ୍ୟ ସଞ୍ଜୀବ ବରାଳ ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଉତ୍ସବର ସଂପାଦକ ସୋମନାଥ ପରିଡ଼ା ଧନ୍ୟବାଦ୍ ଦେଇଥିବା ବେଳେ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ସଞ୍ଚାଳନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଗୋଚ୍ଛାୟତ, ବିଜୟ କୁମାର ରାଉତ, ସୁଦୀପ୍ତ ପରିଡ଼ା, ମନୋଜ ମହାପାତ୍ର, ପବିତ୍ର ପରିଡ଼ା, ନିଖିଳ ରଞ୍ଜନ ନାୟକ, ଅନୀଲ ଦାସ, ସୁରେଶ ପ୍ରଧାନ, ପିଙ୍କୁ ପ୍ରଧାନ, ପ୍ରିୟବ୍ରତ ଦାସ ଓ ଅବିନାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ରବିବାର ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର "ରଙ୍ଗମ୍" ନାଟ୍ୟାନୁଷ୍ଠାନ ପରିବେଷଣ କରିବେ ଚର୍ଚ୍ଚିତ ନାଟକ "ସମ୍ପର୍କ" ।

# ଜାନକୀ ବାବୁଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତ ରାଜ୍ୟପାଳ ସ୍ୱଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶତ ବାର୍ଷିକ ଜୟନ୍ତୀ ଉତ୍ସବ ଚିନ୍ତାମଣୀ ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସ ଓ ପୁରାତନ ଛାତ୍ର ସଂସଦ ତରଫରୁ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ତଥା ପଂଚସଖା ଶିକ୍ଷାସେତୁ କମିଟି ସଭାପତି ଭ୍ରମରବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱର୍ଗତ ପଟ୍ଟନାୟକଙ୍କ ଚିତା ଭସ୍ମ ଥିବା ମଣ୍ଡପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସର୍ବ ଧର୍ମ ପ୍ରାର୍ଥନା କରା ଯାଇଥିଲା । ଏଥିରେ ପୂର୍ବତନ ଶିକ୍ଷକ ହୃଦାନନ୍ଦ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଖଣ୍ଡୁଆଳ, ଗୟାଧର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟାନୟକଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଆଲୋଚନା କରି ମଧୁସାଗର ବିଦ୍ୟାପୀଠକୁ ସ୍ୱତନ୍ତ୍ର ଆବାସିକ ବିଦ୍ୟାପୀଠ ଭାବରେ ସ୍ୱର୍ଗତ ପଟ୍ଟନାୟକ ସ୍ୱୀକୃତି ପ୍ରଦାନ କରିଥିଲେ । ସଭା ଶେଷରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଥିଲା । ବୈଷ୍ଣବ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ନବ ବର୍ଷ ଅବସରରେ କବିତା ପାଠୋତ୍ସବ




**ରମ୍ଭା, ନ୍ୟୁଜ ବ୍ୟୁରୋ:**

ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କାର୍ଯ୍ୟକ୍ରମର ମୁଖ୍ୟ ଆବାହକ ତଥା ଗଞ୍ଜାମ ସାହିତ୍ୟ ଘର ସଭାପତି ଅବସରପ୍ରାପ୍ତ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସି ଏଚ ସୁଧାକର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସର ପ୍ରାପ୍ତ ଶିକ୍ଷକ ଗୋକୁଳ ଚନ୍ଦ୍ର ନାହାକ ବେଦ ପାଠ କରିଥିଲେ । ବରିଷ୍ଠ କବି ପ୍ରଶାନ୍ତ ମହାନ୍ତି ଓ ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ପ୍ରଧାନ କବିତା ଗୁଡ଼ିକ ସଂଯୋଜନା କରିଥିଲେ । ସର୍ବ ରଞ୍ଜିତ କୁମାର ନାହାକ, ଏନ୍ ଯୋଗେଶ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ଅଶୋକ କୁମାର ସାହୁ, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ଜଗଦୀଶ ଚନ୍ଦ୍ର ପାଳ,ସନ୍ଧ୍ୟା ରାଣୀ ଦେବୀ, ସୁରେନ୍ଦ୍ର ବେହେରା, ଗଣେଶ ଚନ୍ଦ୍ର ବେହେରା, ଶେଷଦେବ ବେହେରା, ସୁଦର୍ଶନ ଛୋଟରାୟ, ବିଜୟ କୁମାର ସ୍ୱାଇଁ, ଇନ୍ଦ୍ରମଣି ନାୟକ, ଭଗବାନ ନାୟକ, ବିଦ୍ୟାଧର ପ୍ରଧାନ, ସାଗର ମହାରଣା ପ୍ରମୁଖ ତିରିଶି ଜଣ କବି ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ସେମାନଙ୍କୁ ସୁବଳୟା ପୂଜ୍ୟ ପୂଜା ପରିଷଦ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା । ପରିଶେଷରେ ପରିଷଦର ସମ୍ପାଦକ ଅଶୋକ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ଓ ଗଣେଶ ଚନ୍ଦ୍ର ବେହେରା, ପ୍ରତାପ ଚନ୍ଦ୍ର ବେହେରା, ଅଭିମନ୍ୟୁ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଖରିଫ ଧାନ ଖର୍ଦ୍ଦି ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଥିବା କୃଷି ସମବାୟ ସମିତିର ସଂପାଦକ ସଂଘର ଜିଲ୍ଲପାଳଙ୍କ ସହିତ ଅଲୋଚନା କରିଛନ୍ତି । ଜିଲ୍ଲପାଳ ରଘୁରାମ ଆର ଆୟାର ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ସଂଘ ତରଫରୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ପ୍ୟାକ୍ସର ବିଭିନ୍ନ ସମସ୍ୟା ଯଥା ଗୋଦାମ ଗୃହ ଓ ଅନ୍ୟାନ୍ୟ ଅସୁବିଧା ସଂପର୍କରେ ଆଲୋଚନା କରି ସମାଧାନ କରିଛନ୍ତି । ପ୍ୟାକ୍ସ ଗୁଡିକୁ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ସହିତ କୌଣସି ଚାଷୀ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅଁ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛଁ । ଜିଲ୍ଲା ପ୍ୟାକ୍ସ ସଂଘର ସଭାପତି ବୈରାଗୀ ସାହୁଙ୍କ ନେତୃତ୍ୱରେ ଏହି ଆଲେଚନା ସମୟରେ ସଂପାଦକ ଅସିତ ବେହୁରିଆଙ୍କ ସମେତ କେଷାଧ୍ୟକ୍ଷ ସୁବୋଧ ଲେଙ୍କା, ଗୌରାଙ୍ଗ ପ୍ରଧାନ, ଲୋହିତ ରାୟ, ଶ୍ରୀହର୍ଷ ମହାନ୍ତି, ହେମନ୍ତ କୁମାର ପାତ୍ର, ପ୍ରଶାନ୍ତ ମହାପାତ୍ର, ମନୋରଂଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ମୁଗ ଚାଷ ପାଇଁ କେନାଲରେ ପାଣି ଛାଡିବାକୁ ଦାବି



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ହଜାର ହଜାର ଚାଷୀ ମୁଗ ଫସଲ ଉପରେ ନିର୍ଭର କରନ୍ତି । କିନ୍ତୁ ଚଳିତ ବର୍ଷ କେନାଲରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ନ ଛାଡିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି । ପ୍ରତ୍ୟେକ ବର୍ଷ ଡାଲୁଅ ଧାନ କଟା ସରିବା ପରେ ଚାଷୀ ମାନେ ରବି ଫସଲ ପାଇଁ ଚାଷ ବିଲକୁ ପ୍ରସ୍ତୁତ କରିଥାନ୍ତି । ଚାଷ ଜମିରେ ଜଳ ସେଚନ ଅଭାବରୁ ମାଟି ଶୁଖି ଫାଟି ଯାଉଥିବା ବେଳେ ମୁଗ ବିରି ଭଳି ଲାଭ ଜନକ ଫସଲ କରିବାକୁ ଅଣ୍ଟା ଭିଡିଥିବା ଚାଷୀ ନିରାସ ହୋଇ ପଡିଛନ୍ତି । ଜିଲ୍ଲାର ୯ଟି ବ୍ଲକରେ ହଜାର ହଜାର ଚାଷୀ କେନାଲରେ ପାଣିକୁ ଅପେକ୍ଷା କରି ବସି ରହିଥିବା ବେଳେ ମୁଗ ଚାଷ କରିପାରୁ ନାହାଁନ୍ତି । ତୁରନ୍ତ ଜଳ ସମ୍ପଦ ବିଭାଗ କେନାଲରେ ପାଣି ଛାଡିବାକୁ କେନ୍ଦ୍ରାପଡା ଜିଲ୍ଲା ସାମାଜିକ ବିକାଶ ପରିଷଦ ସଭାପତି ରଶ୍ମି ରଂଜନ ଚୌଧୁରୀଙ୍କ ନେତୃତ୍ୱରେ ରଂଜନ ରାଉତ, ହିମାଂଶୁ ଭୂଷଣ ନନ୍ଦ, ପ୍ରଦିପ ରାଉତ, ସୁବୋଧ କୁମାର ଦାସ, ଗୋବିନ୍ଦ ମଲିକ, ଉମେଶ ପାଢି, ବିପ୍ଳବ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଟ ଜେନାଙ୍କୁ କେନାଲରେ ପାଣି ଛାଡିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ସ୍ମୃତିଚାରଣ ସଭା




**ବ୍ୟାସନଗର, ନ୍ୟୁଜ ବ୍ୟୁରୋ:**

ଶନିବାର ଯାଜପୁର ଜିଲ୍ଲାର ବ୍ୟାସନଗର ସହର ସ୍ଥିତ ବ୍ୟାସଦେବ ଟାଉନହଲ ଠାରେ କୋରାଇର ପୂର୍ବତନ ବିଜେପି ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ କୋରାଇ ବିଧାୟକ ଆକାଶ ଦାସନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଦଳବଳ ନିର୍ବିଶେଷରେ କୋରାଇର ସର୍ବାଦଳର ନେତାମାନେ ଏହି ସ୍ମୃତି ଚାରଣ ସଭାରେ ଯୋଗ ଦେଇଥିଲେ ଏବଂ ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଞ୍ଚିତା ମହାନ୍ତି ଜଣେ ପ୍ରଭାବଶାଳୀ ନାରୀନେତ୍ରୀ ସାଙ୍ଗକୁ ଜଣେ ଜଗନ୍ନାଥ ପ୍ରେମୀ, ସ୍ନେହୀ ଓ ମିଷ୍ଟଭାଷି ବିଧାୟିକା ଥିଲେ ଏବଂ କୋରେଇ ବାସୀଙ୍କ ପାଇଁ ଛାଡିଯାଇଥିବା ଶୂନ୍ୟତା କୋରେଇ ବାସୀଙ୍କ ହୃଦୟରେ ପ୍ରେରଣା ହୋଇରହିବ । ତାଙ୍କ ପ୍ରେରଣାରେ କୋରେଇର ବିକାଶକୁ ଶୀର୍ଷକୁ ନେବାକୁ ମୋତେ ଅନେକ ପ୍ରେରଣା ଦେବ ବୋଲି କହନ୍ତି ବିଧାୟକ ଆକାଶ ଦାସନାୟକ । ଅନ୍ୟପଟେ ବର୍ଷୀୟାନ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ମୁଁ ମର୍ମାହତ ଓ ତାଙ୍କ ଦୁଃଖ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସଞ୍ଚିତା ମହାନ୍ତି ବିଧାୟକ ଥିବାବେଳେ ସେ କୋରେଇର ଅନେକ ବିକାଶ କାର୍ଯ୍ୟ କରିଛନ୍ତି ଓ ଖାଲି କୋରେଇ ନୁହେଁ ଓଡ଼ିଶାର ଜଣେ ସଶକ୍ତ ନାରୀନେତ୍ରୀ ଥିଲେ । ସେ କୋରେଇ ବାସୀଙ୍କୁ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାରେ ବାନ୍ଧି ରଖିଥିଲେ ବୋଲି କହନ୍ତି ବର୍ଷୀୟାନ ନେତା ଶ୍ରୀଯୁକ୍ତ ଘଡ଼ାଇ ।

# କେନ୍ଦ୍ରାପଡା ହାଇସ୍କୁଲର ୧୯୭୧ ବ୍ୟାଚର ବନ୍ଧୁ ମିଳନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଅନ୍ୟତନ ପୁରାତନ ହାଇସ୍କୁଲ ଭାବେ ପରିଚିତ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ପୌରାଂଚଳ ଅନ୍ତର୍ଗତ କେମିଷ୍ଟ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନରେ ପୁରାତନ ଛାତ୍ରମାନେ ଉପସ୍ଥିତ ରହି ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ଆଦାନ ପ୍ରଦାନ କରିଥିଲେ । ଏଥି ସହିତ ହାଇସ୍କୁଲର ଉନ୍ନତି ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଖେଲ ଚନ୍ଦ୍ର ସାମନ୍ତ, ଗୋପୀନାଥ ବାରିକ, ରାଜ ଗୋପାଳ ମହାନ୍ତି, ସୟଦ ଅଖତର ଅଲ୍ଲୀ, ଅଖିଳ ବିଶ୍ୱାଳ, ନାରାୟଣ ପ୍ରସାଦ ସ୍ୱାଇଁ, ସୁଧିନ୍ଦ୍ର ନାରାୟଣ ପତି, ଅନାଦି ଚରଣ ନାୟକ, ଭାଗିରଥୀ ମର୍ହାି, ଶ୍ରୀଧର ବେହେରା, କ୍ଷେତ୍ରବାସୀ ମିଶ୍ର, ଧରଣୀଧର ସ୍ୱାଇଁ, ଦେବେନ୍ଦ୍ର ପତି, ଛବି ପ୍ରସାଦ ମହାକୂଳ, ଧରଣୀଧର ପୃଷ୍ଟି ପ୍ରଦିପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣି ପଞ୍ଚାୟତ ପକ୍ଷ ଅବସରରେ ଗଡିଲା ସଚେତନତା ରଥ




**ବରଗଡ଼, ନ୍ୟୁଜ ବ୍ୟୁରୋ**

ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ୨୦୨୫-୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ, ମଙ୍ଗଳବାର ସକାଳ ୧୧ ଘଟିକା ସମୟରେ ଏକ ସଚେତନତା ରଥ ପରିକ୍ରମା ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଡିଭିଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଜିଲ୍ଲା ସ୍ତରୀୟ ମୁଖ୍ୟ ସମାରୋହ ୧୩ ଜାନୁଆରୀ ୨୦୨୬ରେ ପାଳନ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଛି । ଜଳ ପରିଚାଳନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷଣ, ରଚନା, କ୍ୱିଜ୍, ଚିତ୍ରାଙ୍କନ ଏବଂ ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତା ଡିଭିଜନ ସ୍ତରରେ ଆୟୋଜନ କରାଯିବ । ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ଜିଲ୍ଲା ସ୍ତରରେ ଅଂଶଗ୍ରହଣ କରିବେ ଏବଂ ବିଜେତାମାନଙ୍କୁ ୧୩ ଜାନୁଆରୀରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ଏହା ବ୍ୟତୀତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ କରିବା ପାଇଁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହଯୋଗରେ ଜଣେ ପ୍ରଗତିଶୀଳ ଚାଷୀଙ୍କୁ ଚୟନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏହି ସମୀକ୍ଷା ବୈଠକରେ ବରପାଲି ଜଳସେଚନ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବରଗଡ଼ ଏସ.ଡି.ଓ, ପଦମପୁର ମାଇନର ଇରିଗେସନ ବିଭାଗର ଉପବିଭାଗୀୟ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଏହି ପାଣି ପଞ୍ଚାୟତ ପକ୍ଷକୁ ସଫଳ ଓ ଉତ୍ସାହପୂର୍ଣ୍ଣ ଭାବେ ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

# ବୌଦ୍ଧକୁ ପର୍ଯ୍ୟଟନ ହବ୍ କରିବାରେ ଜନତାଙ୍କ ସହଯୋଗ ଆବଶ୍ୟକ



**ବୌଦ୍ଧ, ନ୍ୟୁଜ ବ୍ୟୁରୋ:**

ଶୁକ୍ରବାର ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସର ସହିତ ଉଦଘାଟିତ ହୋଇଯାଇଛି ବୌଦ୍ଧ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା । ଜାନୁଆରୀ ୨ ତାରିଖ ବୌଦ୍ଧ ଜିଲ୍ଲାର ୩୨ତମ ପ୍ରତିଷ୍ଠା ଦିବସରେ ଆୟୋଜିତ ହୋଇଛି ବୌଦ୍ଧ ମହୋତ୍ସବ । ମହୋତ୍ସବ ପାଇଁ ଜିଲ୍ଲାର ହରଭଙ୍ଗା, ବୌଦ୍ଧ ଓ କଣ୍ଟାମାଳ ବ୍ଲକରୁ ସ୍ୱତନ୍ତ୍ର ସାଂସ୍କୃତିକ ଦଳ ବୌଦ୍ଧର ବୁଦ୍ଧ ମନ୍ଦିରଠାରେ ପହଞ୍ଚିବା ପରେ ଭଗବାନ ବୁଦ୍ଧଙ୍କ ଠାରେ ପୂଜାର୍ଚ୍ଚନା ପରେ ଏକ ବିଶାଳ ଶୋଭାଯାତ୍ରାରେ ତିନୋଟି ବ୍ଲକରୁ ଆସିଥିବା ମଶାଲ ମହୋତ୍ସବ ମଣ୍ଡପ ନିକଟରେ ସ୍ଥାପନ କରାଯାଇଥିଲା । ଏହି ବିଶାଳ ଶୋଭାଯାତ୍ରାରେ ବୌଦ୍ଧ ବିଧାୟକ ତଥା ସରାକୀର ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, କନ୍ଧମାଳ ସାଂସଦଙ୍କ ବୌଦ୍ଧ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ତିନି ବ୍ଲକର ବିଡ଼ିଓ, ତହସିଲଦାର ଓ ହଜାର ହଜାର ସଂଖ୍ୟାରେ କଳାକାର ସାମିଲ ହୋଇଥିଲେ । ଏହାପରେ ମଞ୍ଚରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିବାପରେ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା, ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ-୨୦୨୬ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରି କହିଥିଲେ ଯେ ବିକଶିତ ଭାରତରେ ବୌଦ୍ଧ ଜିଲ୍ଲା ସାମିଲ ହୋଇଥିବା ଓ ବୌଦ୍ଧକୁ ମ୍ୟୁନସିପାଲିଟି ମାନ୍ୟତା ପ୍ରଦାନ କରାଯାଇଥିବାରୁ ଏହାର ବିକାଶ ତ୍ୱରାନ୍ୱିତ ହେବ । ଏକ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ ପାଇଁ ୬ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯିବ । ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ କହିଥିଲେ ଯେ ବୌଦ୍ଧକୁ ପର୍ଯ୍ୟଟନ ହବ୍ କରିବାରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ଶ୍ରୀ ନାଏକ ଓ ଏସପି ଶ୍ରୀ ଗୋଏଲ ପ୍ରମୁଖ ଉଦଘାଟନ ଉତ୍ସବରେ ଯୋଗଦେଇ ସ୍ୱଦେଶୀ ମେଳାର ଶୁଭାରମ୍ଭ ସହ ସମସ୍ତ ହସ୍ତକଳା ତଥା ସ୍ଥାନୀୟ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ବୁଲି ଦେଖିଥିଲେ । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସ୍ଥାପିକା ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ମଞ୍ଚରେ ଫୁଲବାଣୀର ନଟରାଜ ଅନୁଷ୍ଠାନର ଓଡିଶୀ, ଆସାମର ବିହୁ, ଉତ୍ତରପ୍ରଦେଶ ମଥୁରାର ମୟୂରୀ, ବଲାଙ୍ଗୀରର ଡାଲଖାଇ, କୋରାପୁଟର ଡୁରୁଆ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏହାକୁ ବହୁସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଉପଭୋଗ କରିଥିବାବେଳେ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା ସିନେ ତାରକା ସ୍ୱରାଜ ଏବଂ ଅଭିନେତ୍ରୀ ଦିବ୍ୟା ଓ ସିଜଲର୍ସ ଡ୍ୟାନସ ଗ୍ରୁପର ନୃତ୍ୟ ।

# ରାଜ୍ୟ ସରକାରଙ୍କୁ ରାଜସ୍ୱ ଅମଲା ସଂଘର ସାଧୁବାଦ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୮୮୯୮ ତାରିଖ:- ୧୫-୦୩-୨୦୨ ୪ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ଦୀର୍ଘ ଦିନ ହେଲା ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା । ଯଦ୍ୱାରା କି ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିବା ଦ୍ୱାରା ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରିଥିଲେ । ଏହାଦ୍ୱାରା ଆର୍ଥିକ କ୍ଷତି ମଧ୍ୟ ଅମଲା ମାନଙ୍କୁ ସହିବାକୁ ପଡୁଥିଲା । ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଏହି ବିଷୟରେ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ବିଷୟକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ବିଚାର କରି ଗତ ୦୨-୧୨-୨୦୨୫ ତାରିଖରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ, ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକର ଆୟୋଜନ କରିଥିଲେ । ଏହି ବୈଠକରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ (ରାଜସ୍ୱ), ଦେଓରଞ୍ଜନ କୁମାର ସିଂଙ୍କ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରିଙ୍କ ସହ ଓଡ଼ିଶା ରାଜସ୍ୱ ଅମଲା ସଂଘ ନେତୃବୃନ୍ଦ ଉପସ୍ଥିତ ରହି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଶେଷକରି ଜିଲ୍ଲାସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ଏବଂ ବିଶେଷ କରି ୧୧-୦୮-୨୦୨୫ ତାରିଖ ଠାରୁ ୨୫-୦୮-୨୦୨୫ ତାରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା । ବୈଠକର ଆଲୋଚନା ସମୟରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ, ସୁରେଶ ପୂଜାରୀ ମହୋଦୟ ଦେଇଥିବା ପ୍ରତିଶ୍ରୁତି ମୁତାବକ ସ୍ଥଗିତ ଥିବା ଦରମା ଏବଂ ଦୀର୍ଘ ଦିନ ସ୍ଥଗିତ ଥିବା ଅମଲାମାନଙ୍କର ପଦୋନ୍ନତିକୁ ପୁନର୍ବାର ଦେବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ଲୋକ ସଭା ଭବନ, ଓଡ଼ିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୨୦୭ ତାରିଖ :-୦୨-୦୧-୨୦୨୬ ପ୍ରକାରେ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ କୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ସୁବର୍ଣ୍ଣପୁର ଜିଲ୍ଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଜିଲ୍ଲା ଉପାଧ୍ୟକ୍ଷ ସହଦେବ ମେହେର, ସମ୍ପାଦକ ବନମାଳୀ ମେହେର ପ୍ରମୁଖ ସ୍ୱାଗତ କରିବା ସହିତ ଅନେକ ଅନେକ ସାଧୁବାଦ ଜଣାଇଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଜାନୁଆରୀ ୨୦୨୬ ବୁଧବାର





# ଜିଲ୍ଲାପାଳଙ୍କ କଡ଼ା ଆକ୍ସନ୍: ସରକାରୀ ବାବୁଙ୍କୁ ଡେରିରେ ଅଫିସ ଆସିବା ପଡ଼ିଲା ମହଙ୍ଗା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସରକାର ବଦଳିଲା କିନ୍ତୁ ସରକାରୀ ବାବୁଙ୍କ କାମ କରିବାର ଢାଞ୍ଚା ବଦଳିପାରୁନି। ମୋହନ ସରକାରରେ ପ୍ରଥମେ ଲୋକଙ୍କ କାମକୁ ଅଗ୍ରାଧିକାର ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଆଦିବାସୀ ବହୁଳ ରାୟଗଡା ଜିଲ୍ଲାରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ସେ ଯାହାବିହେଉ ରାୟଗଡା ଯୁବ ଜିଲ୍ଲାପାଳଙ୍କ କାର୍ଯ୍ୟଶୈଳି ଅନ୍ୟ ଜିଲ୍ଲାପାଳଙ୍କ ପାଇଁ ଏକ ଶିକ୍ଷଣୀୟ ପଦକ୍ଷେପ, ଏପରି ଜିଲ୍ଲାପାଳଙ୍କ କାର୍ଯ୍ୟରେ ଜିଲ୍ଲାର ଉନ୍ନତି ସୁନିଶ୍ଚିତ। ନୂତନବର୍ଷର ପ୍ରଥମ କଡା ପଦକ୍ଷେପ ଯାହା ଜଣାପଡୁଛି ଆଗକୁ ଜିଲ୍ଲାର ସମସ୍ତ ଅପାରଗତ ସରକାରୀ କର୍ମଚାରୀ ଠିକ୍ ବାଟକୁ ଆସିବା ସହ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଗୁଡିକ ସ୍ୱଚ୍ଛତା ଓ କ୍ଷିପ୍ର ଗତିରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଡେରିରେ ଅଫିସ୍ ଆସିଥିବା ୧୨ ଜଣ ଅଧିକାରୀଙ୍କୁ ବାହାରେ ଛିଡ଼ା କରିଦେଲେ। ଏଠାରେ ପ୍ରକାଶ ଯେ, ଚଳିତ ବର୍ଷର ପ୍ରଥମ ସୋମବାର ହେତୁ ରାୟଗଡା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଜିଲ୍ଲା ସ୍ତରୀୟ ଅଧିକାରୀ ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ଆସିବାରୁ ଭିତରକୁ ପ୍ରବେଶ କରିବା ପାଇଁ ଜିଲ୍ଲାପାଳ ବାରଣ କରିଛନ୍ତି। ଆଉ ତାଙ୍କୁ ବାରଣ କରିବାରୁ ଅଧିକାରୀଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ନିର୍ଦ୍ଧାରିତ ସମୟ ଦିନ ୧୦ଟାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଠିକ୍ ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ପହଞ୍ଚି ସାରିଥିଲେ ମଧ୍ୟ ଅଧିକାଂଶ ଜିଲ୍ଲା ସ୍ତରୀୟ ଅଧିକାରୀ ଶୁଣାଣିରେ ପହଞ୍ଚି ନଥିଲେ। ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆସିବା ପରେ ତୁରନ୍ତ ସୁରକ୍ଷା କର୍ମଚାରୀ ଓ ଅନ୍ୟ କର୍ମଚାରୀଙ୍କୁ ବିଳମ୍ବରେ ଆସିଥିବା ଅଧିକାରୀଙ୍କୁ ଅଭିଯୋଗ ପ୍ରକୋଷ୍ଠ ଭିତରକୁ ନଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ମଧ୍ୟରେ ରାୟଗଡା ଉପଜିଲ୍ଲାପାଳ ରମେଶ ଜେନାଙ୍କୁ ମଧ୍ୟ ବିଳମ୍ବରେ ଆସିବାରୁ ଭିତରକୁ ଛଡା ଯାଇନଥିଲା, ସେହିପରି ଜନ୍ମୟ ମହାପାତ୍ର, ଉପନିବନ୍ଧକ ଡିଆରସିଏସ୍, ଅଶୋକ ପ୍ରଧାନ, ଏସ୍‌ସିଏଫ୍, ଶ୍ରୀକାନ୍ତ ପାଣିଗ୍ରାହୀ, ସାମାଜିକ ସୁରକ୍ଷା ଅଧିକାରୀ, ସନ୍ତୋଷ ଧଳସମନ୍ତ, ଜିଲ୍ଲା ଅବକାରୀ ଅଧୀକ୍ଷକ, ମିନତି ଦେଓ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଦାଶରଥି ସରେନ୍, ଜିଲ୍ଲା ଯୋଗାଣ ଅଧିକାରୀ, ବସନ୍ତ ପ୍ରଧାନ, ଜିଲ୍ଲା ମୁଖ୍ୟ ସୂଚନା ଅଧିକାରୀ, ଶ୍ୟାମଘନ ଭୁଇଆଁ, ଶିକ୍ଷାଧିକାରୀ, ସୁଜିତ୍ କୁମାର ମିଶ୍ର, ରାୟଗଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚିତରଞ୍ଜନ ମଲ୍ଲିକ୍, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା ଏପରି ୧୨ ଜଣ ଅଧିକାରୀଙ୍କୁ ଶୁଣାଣି ପ୍ରକୋଷ୍ଠକୁ ଛଡ଼ାଯାଇନାହିଁ। ଅପ୍ରୀତିକର ପରିସ୍ଥିତିରେ ପଡିଯାଇଥିବା ଯୋଗୁ ଅଧିକାରୀମାନେ ବାଧ ହୋଇ ଶୁଣାଣି ପ୍ରକୋଷ୍ଠ ପାର୍ଶ୍ୱରେ ଥିବା ଇନୋଭେସନ୍ ସେଲ୍‌ରେ ବସିରହିଥିଲେ। ଅପରପକ୍ଷରେ ଲୋକଙ୍କ ଅଭିଯୋଗକୁ ସରକାର ପ୍ରାଥମିକତା ଦେଉଥିବା ଏବଂ ଏଥିରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ରହିଥିବାରୁ ଜିଲ୍ଲାପାଳ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଇଛି। ଅଭିଯୋଗ ଶୁଣାଣି ୧ ଘଣ୍ଟାରୁ ଅଧିକ ହୋଇଯାଇଥିଲେ ମଧ୍ୟ ଅଧିକାରୀମାନେ ବାହାରେ ଅପେକ୍ଷା କରି ବସିଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ଅଧିକାରୀଙ୍କ ମହଲରେ କୋକୁଆ ଭୟ ସୃଷ୍ଟି କରିଛି। ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ବହୁ ଅଭିଯୋଗକାରୀ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ଜିଲ୍ଲାପାଳଙ୍କ ଏହି ପଦକ୍ଷେପକୁ ଜିଲ୍ଲାବାସୀ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଆଲୋଚନା ହେଉଛି।

# ଭାଷା, ସାହିତ୍ୟର ବିକାଶ ପାଇଁ ଐକବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲା ଗାଇସିଲେଟ ଠାରେ 'ଘାଏ ଦେଖତ କଳାପଟା'ର ବାର୍ଷିକୋତ୍ସବ ନୂଆ ବର୍ଷ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହୁ କଲ୍ୟାଣ ମଣ୍ଡପ କଲଙ୍ଗାପାଲି ଠାରେ ସକାଳେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ କଳାପଟା ସାହିତ୍ୟ ସଂସଦର ସଭାପତି ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେସନରେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବରେ ଏବଂ ସାହିତ୍ୟ ଗବେଷକ ଉପେନ୍ଦ୍ର ଭୋଇ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଭାଷା ସାହିତ୍ୟର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ପରିଷଦର ସମ୍ପାଦକ ବୈରାଗୀ ସାହୁଙ୍କ ଉନ୍ମୋଚିତ ଭଗବତ ଗୀତାର ସମ୍ବଲପୁରୀ ଅନୁବାଦ ପୁସ୍ତକକୁ ସମୀକ୍ଷା କରି ଅଧ୍ୟାପକ ସୁଶାନ୍ତ ମିଶ୍ର ଜୀବନ ବଞ୍ଚିବାର ମନ୍ତ୍ର ହିଁ ଗୀତା ଅଟେ, ତେଣୁ ଅଖଣ୍ଡ ଭାରତରେ ଧର୍ମ, ସଂସ୍କୃତିକୁ ରକ୍ଷା କରି ସମାଜ ପରିବର୍ତ୍ତନ ପାଇଁ ଗୀତା ହିଁ ପ୍ରକୃଷ୍ଟ ଦର୍ଶନ ଅଟେ ବୋଲି ପ୍ରକାଶ କରିଥିଲେ। ସେହିପରି ଉନ୍ମୋଚିତ କଳାପଟା ସାହିତ୍ୟର ବାର୍ଷିକ ସଙ୍କଳନକୁ ସୁଶିଲ ଗୁରୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁକୁମାର ଭୋଇଙ୍କ ପୁସ୍ତକ ନାଟ ଲୋକାର୍ପିତ ହୋଇଥିବା ବେଳେ ରାଧାକାନ୍ତ ସାହୁଙ୍କୁ କଳାପଟା ସିରି, ସୁରେଶ ଭୋଇଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, ଅର୍ଜୁନ ମେହେରଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, କବିତା ମହରାଙ୍କୁ ଲକ୍ଷ୍ମୀପ୍ରିୟ ସ୍ମାରକୀ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ କବି ତେଜରୁ ବାରିକ ଅତିଥି ପରିଚୟ ଓ ଉପସଭାପତି ରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଧ୍ରୁବ ଚରଣ ପ୍ରଧାନ ସଭା ପରିଚାଳନା କରିଥିଲେ ଓ ଶେଷରେ ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଦ୍ୱିତୀୟ ଅଧିବେସନରେ ମନୋରଞ୍ଜନ ପୁରୋହିତ ଓ ହେମନ୍ତ ପଣ୍ଡାଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବିମାନେ କବିତା ଆବୃତ୍ତି କରିଥିଲେ। ଆଶୋକ ପୁଝାରୀ, ସୁକୁମାର ଭୋଇ, ଅଧିକାରୀ ସା, ରାମପ୍ରସାଦ ବାଗ, ଦିଲ୍ଲୀପ ମିଶ୍ର, ଦିବାକର ଯୋଶୀ, ରବୀନ୍ଦ୍ର ପଣ୍ଡା, ଅହଲ୍ୟା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ତୃତୀୟ ତଥା ଶେଷ ଅଧିବେସନରେ କରମସାନୀ ତଥା ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସୁଦୃଢ଼ ପାଇଁ ପଦକ୍ଷେପ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**




ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ପୋଲିସର ସୌଜନ୍ୟରେ ଖପ୍ରାଖୋଲ ପୋଲିସ ତରଫରୁ ସୋମବାର ବୁରୋମାଲ ଗ୍ରାମରେ ଏକ ବୃହତ୍ ଜନସମ୍ପର୍କ ଶିବିର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଅଧକ୍ଷତା କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ କୁମାର ପଣ୍ଡା ଉପସ୍ଥିତ ରହି ଶିବିରକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାନପୁର ସରପଞ୍ଚ ରୀନା ଜାଲ ଓ ଡି.ଭି.ଏଫ୍ ଇନଚାର୍ଜ ଜୟନ୍ତ କୁମାର ମହାପାତ୍ର, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ସଡଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିବା ବେଳେ, ବୃଦ୍ଧ–ବୃଦ୍ଧାମାନଙ୍କୁ ସାଲ, କମ୍ବଳ, ଲାଇଟ୍, ଛତା, ସାଉଣ୍ଡ ବାକ୍ସ ଓ ବିଭିନ୍ନ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଯୁବ ପିଢିଙ୍କୁ କ୍ରିକେଟ୍ କିଟ୍ ସହ ଟି–ସାର୍ଟ ବଣ୍ଟନ କରି ଖେଳ ପ୍ରତି ଆଗ୍ରହ ବଢ଼ାଇବାକୁ ପ୍ରେରଣା ଦିଆଯାଇଥିଲା। ଶିବିର ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟାଳୟ ପୋଲିସ ଡାକ୍ତରଖାନାରୁ ଡାକ୍ତର ଚିନ୍ମୟ ବିଶ୍ୱାଳ, ଡାକ୍ତର ରଶ୍ମିତା ବେହେରା, ଫାର୍ମାସିଷ୍ଟ ନିରାକାର ବାରିକ, ଏ.ଏନ୍.ଏମ୍ ଚନ୍ଦ୍ରକାନ୍ତି ବରିହା ଓ ଏମ୍.ଏଚ୍.ୟୁ. ସଦସ୍ୟମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ମାଗଣା ଚିକିତ୍ସା ସେବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଏହା ସହିତ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁର ୮ଟି କ୍ରିକେଟ ଦଳଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଥିଲା, ଯାହା ଯୁବମାନଙ୍କ ମଧ୍ୟରେ ସହଯୋଗ ଓ ସାମାଜିକ ସମ୍ପ୍ରୀତିକୁ ଆହୁରି ମଜବୁତ୍ କରିଥିଲା। ଏହି ଜନସମ୍ପର୍କ ଶିବିର ପୋଲିସ ଓ ସାଧାରଣ ଜନତା ମଧ୍ୟରେ ବିଶ୍ୱାସ, ସହଯୋଗ ଓ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାରେ ଏକ ସଫଳ ଓ ଅନୁକରଣୀୟ ପଦକ୍ଷେପ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଥିଲେ।

# ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ: ଜନସ୍ୱାସ୍ଥ୍ୟ ବିଭାଗର ଅନୁଧ୍ୟାନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣା ପରେ ଭୁବନେଶ୍ୱରରୁ ଜନସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ୍ ବିଦ୍ୟାଳୟକୁ ଯାଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯାଉଛି, ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଆସିବ। ପ୍ରକାଶ ଥାଉକି, ଖୋର୍ଦ୍ଧା ଗୁରୁଜଙ୍ଗ ସ୍ଥିତ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ସହିତ ୩୫ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଏକାଧିକ ପିଲା ଥଣ୍ଡା ଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ପିଲାମାନଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହ ନାଥ ଚକ୍ର ସୂଚନା ଦେଇଛନ୍ତି। ଦୂଷିତ ପାଣି ବ୍ୟବହାରରୁ ଏଭଳି ଘଟଣା ଘଟିଥିବା କେତେଜଣ ଅଭିଭାବକ ଗଣମାଧ୍ୟମରେ କହିଛନ୍ତି। ତେବେ କାହିଁକି ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି, ସେ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କୌଣସି ବାହାର ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ଦିଅନ୍ତୁ ନାହିଁ, ବାହାର ଖାଦ୍ୟ ଖାଇବା ଫଳରେ ପିଲାଙ୍କ ଦେହ ଖରାପ ହେବା ସହ ପରିବେଶ ପ୍ରଦୂଷଣ ହେଉଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ନୋଟିସ୍ ବୋର୍ଡରେ ସୂଚନା ଦେଇ ନିଜ ଉପରୁ ଦୋଷ ଖସାଇ ଦେବାକୁ ଚେଷ୍ଟା କରିଥିଲେ। ହେଲେ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ପାଇଁ ଅଭିଭାବକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଅନ୍ୟପଟେ ପିଲାମାନେ ବ୍ୟବହୃତ କରୁଥିବା ପାଣି ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଥିବା ଜଣାପଡ଼ିଛି। ମୁତାବକ, ଏହି ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୭୦ ଛାତ୍ରଛାତ୍ରୀ ଛାତ୍ରାବାସରେ ରହି ବିଦ୍ୟା ଅଧ୍ୟୟନ କରୁଛନ୍ତି। କିଛିଦିନ ହେବ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅବନତି ଘଟୁଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନଥିଲେ। ରବିବାର ଅପରାହ୍ନରେ ହଠାତ୍ ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସିତ ହୋଇ ଫେରିବା ପରେ ଘଟଣା ପଦାକୁ ଆସିଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ପରିବାର ଲୋକଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଡକାଇ ଘରକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ଦୂଷିତ ପାନୀୟଜଳ ବ୍ୟବହାରରୁ ପିଲାମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି ବୋଲି କିଛି ଅଭିଭାବକ ଅଭିଯୋଗ ଆଣିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏଠାରେ ଉପଯୁକ୍ତ ମୌଳିକ ସୁବିଧା ମିଳୁନାହିଁ, ପିଲାଙ୍କ ପାଠପଢ଼ା ବ୍ୟାହତ ହେବା ଆଶଙ୍କାରେ ଅଭିଭାବକମାନେ ନିରବ ରହୁଛନ୍ତି ବୋଲି ଜଣେ ଅଭିଭାବକ ନିଜ ନାମ ଗୋପନ ରଖି ଗଣମାଧ୍ୟମରେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହ ନାଥ ଚକ୍ର କହିଛନ୍ତି ଯେ, ଗତ ଛୁଟିରେ ଛାତ୍ରଛାତ୍ରୀମାନେ ଘରକୁ ଯାଇ ଫେରିଥିଲେ। ସେଥିରୁ ଜଣଙ୍କ ଦେହ ଖରାପ ଥିଲା। ପରୀକ୍ଷା ପରେ ଜଣ୍ଡିସ୍ ଲକ୍ଷଣ ଦେଖାଦେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନଭେମ୍ବର, ଡିସେମ୍ବର ମାସରେ କେତେଜଣଙ୍କୁ ଥଣ୍ଡା ଜ୍ୱର ହୋଇଥିଲା। ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଛାତ୍ରଛାତ୍ରୀମାନଙ୍କୁ ବ୍ୟାପିବା ଆଶଙ୍କାରେ ପରିବେଶ ସ୍ୱଚ୍ଛତା, ପାଣି ଟାଙ୍କି ନିୟମିତ ସଫା, ବିଶୋଧନ କରାଯାଉଛି। ଏଥିସହିତ ପିଲାଙ୍କୁ କେବଳ ନିଜ ପାଣି ବୋତଲ ବ୍ୟବହାର, ଫୁଟା ପାଣି ପିଇବା ପାଇଁ କୁହାଯାଉଛି। କେହି କାହାରି ଥାଳି ବ୍ୟବହାର କିମ୍ବା ଖାଦ୍ୟ ପଦାର୍ଥ ଖାଇବେ ନାହିଁ। ଏପରିକି ଖାଇବା ପୂର୍ବରୁ ଶୌଚ ଯିବା ପରେ ହାତଗୋଡ଼, ମୁହଁକୁ ଭଲଭାବେ ଧୋଇବା, ସଫା ବସ୍ତ୍ର ପରିଧାନ ବ୍ୟବହାର କରିବା ତଥା ନିଜ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଯାଉଛି। ସୋମବାର ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରାଯାଇଛି। ପିଲାଙ୍କୁ ଅବହେଳା କରାଯାଉଥିବା ଅଭିଯୋଗକୁ ଅସ୍ୱୀକାର କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ଚକ୍ର କହିଛନ୍ତି। ସେହିପରି ବିଦ୍ୟାଳୟର ଷ୍ଟାଫନର୍ସ ଶାନ୍ତିଲତା ବସ୍ତିଆ କହିଛନ୍ତି ଯେ, ଗତ ଅକ୍ଟୋବରରେ ଘରୁ ଫେରିଥିବା ଜଣେ ଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ତାଙ୍କ ସମ୍ପର୍କରେ ଆସିଥିବା ଛାତ୍ରଛାତ୍ରୀମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଏବେ ଶୀତଦିନ ଚାଲିଥିବାରୁ ଏକାଧିକ ଛାତ୍ରୀଛାତ୍ର ଥଣ୍ଡା ଜ୍ୱରରେ ପୀଡ଼ିତ ଥିବାରୁ ସେମାନଙ୍କର ମଧ୍ୟ ଚିକିତ୍ସା କରାଯାଉଛି।



# ସରକାରୀ ଜମିରୁ ତାନ୍ତ୍ରିକ ଅଟ୍ଟାଳିକା ଉଚ୍ଛେଦ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟତ ପେଣ୍ଠ ବାଲିକୁଦା ଗ୍ରାମର ସରକାରୀ ଜମିରେ ଜବରଦଖଲ କରି ନିଜର ତାନ୍ତ୍ରିକ ଅଟ୍ଟାଳିକା କରିଥିବା ବାଙ୍ଗଲାଦେଶୀ ହଳଦିଆ ବାବାଙ୍କୁ ହଟାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସୂଚନାଥାଉକି ବହୁବର୍ଷ ଧରି ବାଙ୍ଗଲାଦେଶରୁ ଆସିଥିବା ହଳଦିଆ ବାବା ବେଆଇନ୍ ଭାବେ କାଉଁରୀ ହାଡ଼ ରଖି ପୂଜାଅର୍ଚ୍ଚନା କରି ଲୋକମାନଙ୍କୁ ଝଡାଫୁଙ୍କା କରିବା ଯାଦୁ ଦେଖାଇ ନିରୀହ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ମାର୍ଶାଘାଇ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତହସିଲଦାର ରାଜନୈତିକ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହ କରୁନଥିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

## ବାର୍‌ହା ଆକ୍ରମଣରେ ୫ ଗୁରୁତର

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ବସିରା ଗ୍ରାମରେ ବାର୍‌ହା ଆକ୍ରମଣରେ ୫ ଜଣ ଗୁରୁତର ହୋଇଥିବା ଜଣାପଡିଛି। ଖବର ଅନୁସାରେ, ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକା ପ୍ରସାଦ ପଞ୍ଚାୟତ ବସିରା ଗ୍ରାମରେ ଦିନ ପ୍ରାୟ ୧୧ଟା ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ବାର୍‌ହା ଗ୍ରାମ ଭିତରେ ପଶି ପୃଥକ୍ ପୃଥକ୍ ୫ ଜଣଙ୍କୁ ଆକ୍ରମଣ କରିଥିଲା। ଫଳରେ ୨ ଜଣ ମହିଳା ସମେତ ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ହୋଇଥିବା ଦୂରମଣି ମହାନ୍ତ, ନିରୁପମା ମହାନ୍ତ, ଉମେଶ ଗିରୀ (ଯୋଡ଼ା), ଧରମେଶ ମୁଣ୍ଡାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ତେବେ ଉମେଶ ଗିରି ବସିରା ଗ୍ରାମକୁ ଏକ ସୁଧିକ୍ରିୟାରେ ଯୋଗଦେବା ପାଇଁ ଆସି ବାର୍‌ହା ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି।

# ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ବିବାହକୁ ମାତ୍ର ଦେଢ଼ ବର୍ଷ ହୋଇଛି। କାନ୍ଥରେ ଲେଖା ହୋଇଥିବା ଚିତା ନ ଲିଭିବା ପୂର୍ବରୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ମୃତ ମହିଳା ହେଲେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଏନ୍‌କେରେ ରହୁଥିବା ଅନୁପମ ଚାନ୍ଦଙ୍କ ସ୍ତ୍ରୀ ସଞ୍ଜନା ମିସ୍ତ୍ରୀ (୨୫)। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ କହୁଥିବାବେଳେ ଯୌତୁକରେ ଏକ କାର୍ ଆଣିବା ପାଇଁ ଦାବି କରି ଆମ ଝିଅକୁ ହତ୍ୟା କରାଯାଇଥିବା ସଞ୍ଜନାଙ୍କ ବାପା ପ୍ରଭାସ କୁମାର ମିସ୍ତ୍ରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସଞ୍ଜନାଙ୍କ ସ୍ୱାମୀ ଅନୁପମଙ୍କୁ ରଷ୍ଟ ପଚରାଉଚରା କରୁଛି। ପ୍ରଭାସଙ୍କ ଅଭିଯୋଗ ଅନୁଯାୟୀ, କାବୁଲ ଚାନ୍ଦଙ୍କ ସାନପୁଅ ଅନୁପମ ୧୫ ।୭।୨୦୨୪ରେ ବଙ୍ଗୀୟ ରୀତିନୀତି ଅନୁସାରେ ରାଇଘର ନିକଟସ୍ଥ ପାରୁଆ ଗ୍ରାମ ପଞ୍ଚାୟତର ଛତାବେଢ଼ା ଗ୍ରାମର ପ୍ରଭାସଙ୍କ ଝିଅ ସଞ୍ଜନାଙ୍କୁ ବିବାହ କରିଥିଲେ। ଅଭିଯୋଗ ଅନୁସାରେ ସଞ୍ଜନା ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ବାହାଘରର ମାତ୍ର ୧୦ ଦିନ ପରେ ଅନୁପମଙ୍କ ସହ ତାଙ୍କ ପରିବାର ଲୋକେ ଯୌତୁକରେ ଏକ କାର୍ ଆଣିବାକୁ ଦାବି କରି ସଞ୍ଜନାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। କାର୍ ନଆଣିଲେ ତାଙ୍କୁ ଜୀବନରେ ମାରିଦେବେ। ତେଣୁ ତାଙ୍କୁ ସେଠାରୁ ନେଇଯାଅ ବୋଲି ଶନିବାର ରାତିରେ ସଞ୍ଜନା ତାଙ୍କ ଦାଦାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଘଟଣାର ସମାଧାନ ପାଇଁ ପ୍ରଭାସ ରବିବାର ଆସିବାକୁ ବାହାରିଥିଲେ। ହେଲେ ରବିବାର ସକାଳ ୬ଟାରେ ସଞ୍ଜନା ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ଦେଖିଥିଲେ ବୋଲି ପ୍ରଭାସ କହିଛନ୍ତି। ଆମ ଝିଅ ଆତ୍ମହତ୍ୟା କରିନାହିଁ, ବରଂ ଶାଶୂଘର ଲୋକେ ମିଶିକି ତାକୁ ମାରି ଦେଇଛନ୍ତି ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶ୍ୱଶୁର କାବୁଲ ବୋହୂକୁ ନିର୍ଯାତନା ଦେବା କଥାକୁ ଖଣ୍ଡନ କରିଛନ୍ତି। ପୁଅ ଓ ବୋହୂ ଭିତରେ ସମ୍ପର୍କ ଭଲ ଥିଲା, କିନ୍ତୁ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କରିଛନ୍ତି ଆମେ ଜାଣିନାହୁଁ ବୋଲି କାବୁଲ କହିଛନ୍ତି। ଏ ନେଇ ପୋଲିସ ନଂ. ୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣାସ୍ଥଳରେ ନବରଙ୍ଗପୁର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି।

# ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୫୯ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ, ତନ୍ମଧ୍ୟରେ ୧୫୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଉପାୟୁକ୍ତ ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକ ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୨ ତାରିଖରେ କଣ୍ଠାପଡା ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ନିର୍ଗୁଣ୍ଡି ଡବଲ ମର୍ଡ଼ର ଘଟଣାରେ ଆଉ ୨ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଟାଙ୍ଗୀ ଥାନା ଅଧିନ ନିର୍ଗୁଣ୍ଡି ନିକଟ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ଗ୍ୟାରେଜ୍ ଭିତରେ ଗତ ୩୦ ତାରିଖ ରାତିରେ ଘଟିଥିବା ଡବଲ୍ ମର୍ଡ଼ର ଘଟଣାରେ ପୋଲିସ୍ ଆଉ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଦୁଇ ଜଣଙ୍କୁ ମିଶାଇ ଗିରଫ ସଂଖ୍ୟା ୫ରେ ପହଞ୍ଚିଲା। ଗିରଫ ଅଭିଯୁକ୍ତମାନେ ହେଲେ ସୁକିନ୍ଦା ଥାନା ବନ୍ଧଗାଁ ଅଞ୍ଚଳର ସ୍ୱପ୍ନେଶ୍ୱର ମହନ୍ତ ଓ କଟକ କାନପୁର ଥାନା କନକପୁର ଗ୍ରାମର ସୂର୍ଯ୍ୟମଣି ମୁଦୁଲି। ଏଥି ପୂର୍ବରୁ ଗ୍ୟାରେଜ୍ ମାଲିକ ନେମାଳ ଅଞ୍ଚଳର କୁଟିଲୋର ଦିଲ୍ଲିପ କୁମାର ନାୟକ (୩୯), ସିକ୍ୟୁରିଟି ଗାର୍ଡ୍ ଚୌଦ୍ୱାର ଅଞ୍ଚଳରେ ରହୁଥିବା ଜ୍ଞାନ ରଞ୍ଜନ ମହାନ୍ତି (୫୭) ଓ ଗ୍ୟାରେଜ୍ କର୍ମଚାରୀ ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ମିଥୁନ୍ କୁମାର ସିଂ ଓରଫ ବଉଳ (୨୫)ଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ନିକଟ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଲେଦ୍ ଗ୍ୟାରେଜ୍‌ରୁ ଦୁଇ ଜଣ ଯୁବକଙ୍କ କ୍ଷତ ବିକ୍ଷତ ମୃତଦେହ ଗତ ୩୧ ତାରିଖରେ ଟାଙ୍ଗୀ ପୋଲିସ ଉଦ୍ଧାର କରିଥିଲା।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୧।୨୦୨୬, ପୌଷ ଦି୨୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୬।୨୪।୨୬ ଚନ୍ଦ୍ରୋଦୟ- ରାଘ ୯।୨୪।୩୦**

ଚତୁର୍ଥୀ ପ୍ରାଘ ୬।୫୩ ପର୍ଯ୍ୟନ୍ତ। **ମଘା ନକ୍ଷତ୍ର-** ଦିଘ ୧୧।୫୮ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୬।୫୩ ଗତେ ବେଲ ଓ ପଣସ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୮।୩୯ ମଧ୍ୟେ। ଦିଘ ୧।୪୨ ଗତେ ଦିଘ ୩।୫୩ ମଧ୍ୟେ।



**ମେଷ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି। ଶତ୍ରୁ ପରାସ୍ତ ହେବେ। ଆୟ ଯୋଗ ରହିଛି। ପାରିବାରିକ ଜୀବନ ସୁଖମୟ ହେବାର ସୂଚନା। ମହିଳାମାନେ ସୁଖୀ ହେବେ।



**ବୃଷ:** ନୂତନ କର୍ମାରମ୍ଭର ସୁଯୋଗ ଜୁଟିପାରେ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର। ଆୟ ଓ ବ୍ୟୟ ସମାନ ରହିବ। ନୂତନ ଦ୍ରବ୍ୟ କ୍ରୟ କରିବାର ସମ୍ଭାବନା। ମନ ଭଲ ରହିବ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଘରେ ଶାନ୍ତିର ବାତାବରଣ ରହିବ। ବନ୍ଧୁ ଦର୍ଶନର ସୁଯୋଗ।



**କର୍କଟ:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା।



**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। ନୂତନ କର୍ମାରମ୍ଭ କରିବାର ସୁଯୋଗ ଜୁଟିପାରେ। ଆୟରେ ଉନ୍ନତି ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଗୃହେ ଆନନ୍ଦ ଦେଖାଦେବ।



**କନ୍ୟା:** ପରୋପକାରୀ ହେବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ। ମନ ଅସ୍ଥିର ରହିବ।



**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।



**ବିଛା:** କାର୍ଯ୍ୟରେ ସଫଳତା ଦେଖାଦେବ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ। ପିଲାମାନେ ପଢ଼ାପଢ଼ିରେ ମନ ଦେବେ। ଘରେ ଶାନ୍ତିର ବାତାବରଣ ରହିବ। ଭ୍ରମଣ ଯୋଗ ରହିଛି।



**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଦୟାଳୁ ହେବେ। ଦୂରଯାତ୍ରା କରିପାରନ୍ତି। ମହିଳାମାନେ ସୁଖୀ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ଆନନ୍ଦ ଦେଖାଦେବ।



**ମକର:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ। ସତ କଥା କହିଲେ ବି ନିଜର ଲୋକ ଭୁଲ୍ ବୁଝିବେ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ। ବ୍ୟୟର ମାତ୍ରା ବଢ଼ିବାର ସମ୍ଭାବନା।



**କୁମ୍ଭ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ଦେହ ଓ ମନ ଭଲ ରହିବ।



**ମୀନ:** ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ। କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ। ରୋଜଗାର ଭଲ ହେବ। ଶତ୍ରୁ ପରାଜିତ ହେବେ। ଘରେ ଶାନ୍ତି ଲାଭ ହେବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୧।୨୦୨୬, ପୌଷ ଦି୨୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୬।୨୪।୪୧ ଚନ୍ଦ୍ରୋଦୟ- ରାଘ ୧୦।୧୯।୪୦**

ପଞ୍ଚମୀ ପ୍ରାଘ ୬।୩୫ ପର୍ଯ୍ୟନ୍ତ। **ପୂର୍ବାଫାଲ୍ଗୁନୀ ନକ୍ଷତ୍ର-** ଦିଘ ୧୨।୨୭ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ସଂଘ ୬।୪୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର। ସଂଘ ୬।୪୦ ଗତେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। ସଂଘ ୬।୪୦ ଗତେ ବୃଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ପ୍ରାଘ ୬।୩୫ ଗତେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୫ ମଧ୍ୟେ।

31 YEARS
ସମ୍ବାଦ କଳିକା

# ଭେନେଜୁଏଲା ଉପରେ ପୁଣି ଆକ୍ରମଣ

ରାଷ୍ଟ୍ରପତି ଭବନ ନିକଟରେ ଗୁଳିବର୍ଷା ହୋଇଛି । ଭେନେଜୁଏଲାର ରାଷ୍ଟ୍ରପତି ଭବନ 'ମିରାଫ୍ଲୋରେସ୍ ପ୍ୟାଲେସ୍' ନିକଟରେ ପ୍ରବଳ ଗୁଳି ବିନିମୟ ହୋଇଛି । ଅଜଣା ଡ୍ରୋନ୍ ଭବନ ଉପରେ ଉଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଆତଙ୍କ ଖେଳିଯାଇଛି । ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଭେନେଜୁଏଲାରେ ପୁଣି ଥରେ ହିଂସା ଦେଖାଦେଇଛି । ପୁଣି ଗୁଳିବର୍ଷାରେ ଥରି ଉଠିଛି ଭେନେଜୁଏଲା । ଭେନେଜୁଏଲାର ରାଷ୍ଟ୍ରପତି ଭବନ 'ମିରାଫ୍ଲୋରେସ୍ ପ୍ୟାଲେସ୍' ନିକଟରେ ପ୍ରବଳ ଗୁଳି ବିନିମୟ ହୋଇଛି । ଏହାକୁ ଦେଇ ତୁରନ୍ତ ସୁରକ୍ଷା ବାହିନୀ ପାଲଟା ଫାୟାରିଂ କରିଥିଲେ । ଏହି ହମଲା ପୂର୍ବ ରାଷ୍ଟ୍ରପତି ମାଦୁରୋଙ୍କୁ ଗିରଫ ଓ ଡେଲ୍ସି ରୋଡ୍ରିଗ୍ସ ଅନ୍ତରୀଣ ରାଷ୍ଟ୍ରପତି ଭାବେ ଶପଥ ନେବାର କିଛି ସମୟ ପରେ ହୋଇଛି । ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଅନେକ ଭିଡ଼ିଓ କ୍ଲିପରେ ପ୍ରବଳ ଗୁଳି ଫୁଟିବାର ଶବ୍ଦ ଏବଂ ଆକାଶରେ ଟ୍ରେସର ଫାୟାରର ଚିତ୍ର ଦେଖାଯାଇଥିଲା । ସ୍ଥାନୀୟ ସମୟ ଅନୁସାରେ ସୋମବାର ରାତି ପ୍ରାୟ ୮ଟାରେ ଏହି ଆଟାକ୍ ହୋଇଛି ଯେଉଁଥିରେ ସେହି ଅଞ୍ଚଳରେ ଆତଙ୍କ ଖେଳାଯାଇଛି । ଏବେ ପ୍ରଶ୍ନ ପୁଣି ଭେନେଜୁଏଲା ଉପରେ କିଏ କଲା ଆକ୍ରମଣ ?

ଏହାକୁ ନେଇ ହ୍ୱାଇଟ୍ ହାଉସ୍‌ର ବିବୃତ୍ତି- ଭେନେଜୁଏଲାର ରାଷ୍ଟ୍ରପତି ବାସଭବନ ମିରାଫ୍ଲୋରେସ୍ ପ୍ୟାଲେସ୍ ନିକଟରେ ହୋଇଥିବା ଗୁଳିକାଣ୍ଡ ସମ୍ପର୍କରେ ହ୍ୱାଇଟ୍ ହାଉସ୍ ଏକ ବିବୃତ୍ତି ଜାରି କରିଛି । ଏହି ଗୁଳିକାଣ୍ଡରେ ଆମେରିକାର କୌଣସି ସମ୍ପୃକ୍ତି ନାହିଁ । ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ସିଏନଏନକୁ କହିଛନ୍ତି ଯେ, ସେମାନେ ଭେନେଜୁଏଲାର ଗୁଳିକାଣ୍ଡର ରିପୋର୍ଟ ଉପରେ କଡ଼ା ନଜର ରଖିଛନ୍ତି । ଆମେରିକାର ଆକ୍ରମଣ ପରେ ଭେନେଜୁଏଲାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ଆମେରିକା ନିୟନ୍ତ୍ରଣ କରିବ ନା ଜନତାଙ୍କ ନିର୍ବାଚିତ ସରକାର ଜାରି ରହିବ, ତାହା ନେଇ ସ୍ଥିତି ଅସ୍ପଷ୍ଟ । ଏଭଳି ଦ୍ୱନ୍ଦ୍ୱାତ୍ମକ ସ୍ଥିତି ମଧ୍ୟରେ ସୋମବାର ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ପତ୍ନୀ ସିଲିୟା ଫ୍ଲୋରେସଙ୍କୁ କୋର୍ଟକୁ ନିଆଯାଇଥିଲା । କୋର୍ଟରେ ହାଜର ହୋଇ ମାଦୁରୋ କହିଛନ୍ତି, ''ମୁଁ ନିର୍ଦ୍ଦୋଷ, ମୁଁ ଜଣେ ଭଦ୍ର ଲୋକ । ମୁଁ ଏବେ ବି ଭେନେଜୁଏଲାର ରାଷ୍ଟ୍ରପତି । ମୋତେ ଅପହରଣ କରାଯାଇଛି । ମୋତେ ଜୋର ଜବରଦସ୍ତ ଗିରଫ କରାଯାଇଛି । ମୋ ବିରୋଧରେ ଆମେରିକା ଆଣିଥିବା ତମାମ ଅଭିଯୋଗ ଭିତ୍ତିହୀନ । ମୋତେ ମୁକ୍ତ କରାଯାଉ ।'' ଏହା ପୂର୍ବରୁ କଡ଼ା ସୁରକ୍ଷା ବଳୟରେ ମାଦୁରୋ ଓ ପତ୍ନୀଙ୍କୁ ହାତକଡ଼ି ପିନ୍ଧାଇ ବ୍ରୁକ୍‌ଲିନ୍‌ସ୍ଥିତ ମେଟ୍ରୋପଲିଟାନ ଡିଟେନସନ ସେଣ୍ଟରରୁ ଫେଡେରାଲ କୋର୍ଟ ନିଆଯାଇଥିଲା । ସେମାନଙ୍କ ବିରୋଧରେ ଡ୍ରଗ୍ସ ଓ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ଅଭିଯୋଗ ରହିଛ । ଆମେରିକା ହମ୍‌ଲାରେ ମୃତ୍ୟୁସଂଖ୍ୟା ୮୦କୁ ବୃଦ୍ଧି ହୋଇଛି । ନ୍ୟୁୟର୍କରେ ୟୁଏନ୍‌ଏସ୍‌ସିର ଜରୁରି ବୈଠକ ହୋଇଛି । ମାଦୁରୋଙ୍କ ମୁକ୍ତି ପାଇଁ ରୁଷ୍ ଓ ଚୀନ୍ ଦାବି କରିଛନ୍ତି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ



### ଜ୍ଞାନକୋଷ

ମୋ ଆଖି ବୁଜିବ ଆଗୁ
ଜଗତରେ ଫୁଟିଥିବ
କୋଟି କୋଟି ସତ୍ୟପଦ୍ମ । ୧ ।
ମୋ ଶ୍ୱାସ ହଜିବା ଆଗରୁ
ଏ ଜଗତ ହସୁଥିବ
ପାଇ ସତ୍ୟ ସୁଧାରସ । ୨ ।
ମୋ ପାଦ ଥକିବା ପୂର୍ବରୁ
ଏ ଜଗତେ ଚାଲୁଥିବ
ସତ୍ୟ, ଶାନ୍ତି, ଦୟାଭାବ । ୩ ।
ମୋ ମନ ଭାଙ୍ଗିବା ପୂର୍ବରୁ
ଏ ଜଗତ ହୋଇଥିବ
ସତ୍ୟର ବୈକୁଣ୍ଠ ଧାମ । ୪ ।
ମୋ ଜ୍ଞାନ ହଜିବା ଆଗରୁ
ପୃଥିବୀ ଟା ହୋଇଥିବ
ମହା ଦିବ୍ୟ ଜ୍ଞାନମୟ । ୫ ।
ମୋ ଧ୍ୟାନ ହଜିବା ପୂର୍ବରୁ
ଏ ଧରଣୀ -ହସୁଥିବ
କୋଳେ ଧରି ଭଗବାନ । ୬ ।
ମୋ ସ୍ମୃତି ହଜିବା ଆଗରୁ
ଜାଗିଥିବ ଜଗତରେ
ଅହିଂସା ପ୍ରେମର ଭାବ । ୭ ।
ମୋ ନାମ ହଜିବା ପୂର୍ବରୁ
ଏ ଜଗତ ଭଜୁଥିବ
ରାମ କୃଷ୍ଣ ଶ୍ରୀ ଅନନ୍ତ ନାମ । ୮ ।
ଏ ଶରୀର ହଜିବା ଆଗରୁ
ହୋଇଥିବ କୋଟି କୋଟି
ଶୁଦ୍ଧ ଅଭିରାମ । ୯ ।

# କୁମ୍ଭୀର କାନ୍ଦଣା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

'କୁମ୍ଭୀର କାନ୍ଦଣା' ଉକ୍ତିଟି ସାଧାରଣରେ ପ୍ରାୟଶଃ ବ୍ୟବହୃତ ହୋଇଥାଏ । ଅର୍ଥାତ୍ ମିଛ କଥା କହି ଆଖିରୁ ଲୁହଗଡ଼ାଇ ଲୋକଙ୍କୁ ଭୁଲାଇବା । କୁମ୍ଭୀର ଯେତେବେଳେ ପାଟି ମେଲାକରି ପୁଣି ଚାପିଦିଏ ସେତିକିବେଳେ ତାହା ଆଖିରୁ କେତେ ଠୋପା ପାଣି ଝରିପଡ଼େ । ସେଥିପାଇଁ ଏପରି ଲୁହବୁହାକୁ 'କୁମ୍ଭୀର କାନ୍ଦଣା' ବୋଲି ଲୋକେ କହିଥାନ୍ତି । ସେହିଭଳି ଏବେ ସ୍ୱାଧୀନତାପରର ନେତାମାନେ କୁମ୍ଭୀର ଭଳି କାନ୍ଦଣା ସୃଷ୍ଟି କରି ଲୋକମାନଙ୍କର ମନ ଭୁଲାଇବା ନିମନ୍ତେ ଚେଷ୍ଟା କରିଆସୁଛନ୍ତି । ଲୋକମାନଙ୍କର ସୁଖ ଓ ଦୁଃଖ ସହିତ କୌଣସି ପ୍ରକାରର ସମ୍ପର୍କ ସେମାନଙ୍କର ନଥାଏ ବା ସାଧାରଣ କଥାରେ ସେମାନେ ଆଦୌ ବିଚଳିତ ହୋଇନଥାନ୍ତି ।

କିଛି ଦିନ ତଳେ ଓଡ଼ିଶାର ତିନିଜଣ ବରପୁତ୍ର ସ୍ୱର୍ଗତ ଲକ୍ଷ୍ମଣ ନାୟକ, ରଘୁ ଓ ଦିବାକରଙ୍କର ସ୍ମୃତି ଦିବସମାନ ପାଳିତ ହୋଇଯାଇଛି । ଲକ୍ଷ୍ମଣ ନାୟକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ କୋରାପୁଟର ମୈଥିଳୀ ଅଞ୍ଚଳରେ ସେତେବେଳର ଇଂରେଜ ସରକାର ବିରୁଦ୍ଧରେ ଆଦିବାସୀମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଭାଗନେବା ନିମନ୍ତେ ମତାଇବା ସହ ଶାସନକୁ ଅସ୍ତବ୍ୟସ୍ତ କରିପକାଇଥିଲେ । ତେଣୁ ସେତେବେଳର ସରକାର ସପକ୍ଷବାଦୀ କେତେକ କୁଚକ୍ରୀ ତାଙ୍କୁ ମିଛ ନରହତ୍ୟା ମକଦ୍ଦମାରେ ଫସାଇ ଦେଇଥିଲେ । ସେତେବେଳେର ବ୍ରିଟିଶ ସରକାରରଙ୍କ କଠୋର ନିୟମ ଅନୁସାରେ ସେଥିପାଇଁ ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କୁ ଫାଶୀ ଦଣ୍ଡ ମିଳିଥିଲା । ପଛରେ ଜଣାପଡ଼ିଲା ଯେ ସେ ସେପରି କୌଣସି ନରହତ୍ୟା ସହିତ ସମ୍ପୃକ୍ତ ନଥିଲେ । ସେତେବେଳକୁ ଆଉ ଲକ୍ଷ୍ମଣ ନାୟକ ଇହଧାମରେ ନଥିଲେ । ତାଙ୍କର ଶେଷ ରାତ୍ରିରେ ବ୍ରହ୍ମପୁର ଜେଲ୍‌ରେ ସାକ୍ଷାତ କରିଥିଲେ ସ୍ୱର୍ଗତ ସଦାଶିବ ତ୍ରିପାଠୀ । ସ୍ୱର୍ଗତ ତ୍ରିପାଠୀ ତାଙ୍କର ଶେଷ ଇଚ୍ଛା କ'ଣ ବୋଲି ପଚାରିବାରୁ ଦେଶର ସ୍ୱାଧୀନତା ଦେଖିବାକୁ ଇଚ୍ଛା ଥିଲେ ମଧ୍ୟ ଦେଖିପାରି ନଥିବାରୁ ଦୁଃଖ ପ୍ରକାଶ କରିଥିଲେ । ଶେଷ ମୁହୂର୍ତ୍ତରେ ଧୈର୍ଯ୍ୟହରା ନହୋଇ ବୀର ସଂଗ୍ରାମୀଙ୍କର ଏହିଭଳି ଚମକପ୍ରଦ ଉତ୍ତର ଥିଲା ବାସ୍ତବିକ ଅଭିନନ୍ଦନୀୟ । ଶେଷରେ ଭାରତବର୍ଷ ସ୍ୱାଧୀନତା ପାଇଲା । ମାତ୍ର ତାହା ଦେଖିବା ପାଇଁ ଆଉ ଲକ୍ଷଣ ନାୟକ ଇହଧାମରେ ନଥିଲେ । ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶରେ ତାଙ୍କୁ ଫାଶୀ ଦଣ୍ଡର ଆଦେଶ ଦେଇଥିଲେ ସେତେବେଳର ବିଚାରକ ସ୍ୱର୍ଗତ ଭି. ରାମନାଥନ୍, ଆଇ.ସି.ଏସ୍ ଓ ସରକାରୀ ଓକିଲ ଥିଲେ ବରହମପୁରର ସ୍ୱର୍ଗତ ଜଗନ୍ନାଥ ରାଓ । ତାଙ୍କ ସହିତ ଅନ୍ୟାନ୍ୟ କେତେକ ଅଫିସର ମଧ୍ୟ ସେଥିରେ ପୂର୍ଣ୍ଣ ମାତ୍ରାରେ ସମ୍ପୃକ୍ତ ଥିଲେ । ଦେଶ ସ୍ୱାଧୀନତା ପାଇଲା ପରେ ଭି. ରାମନାଥନ୍ ନିଜ ଚାକିରିରେ ଯଥେଷ୍ଟ ଉଚ୍ଚକୁ ଯାଇ ଶେଷରେ ଓଡ଼ିଶାର ମୁଖ୍ୟଶାସନ ସଚିବ ପଦରେ ଅଧିଷ୍ଠିତ ହୋଇପାରିଥିଲେ । ସେହିଭଳି ସ୍ୱର୍ଗତ ଜଗନ୍ନାଥ ରାଓ କଂଗ୍ରେସ ଦଳ ଟିକେଟରେ ବ୍ରହ୍ମପୁର ଲୋକସଭା ଆସନରୁ ବହୁବାର ନିର୍ବାଚିତ ହୋଇ କେନ୍ଦ୍ର ସରକାରରେ ମନ୍ତ୍ରୀ ହୋଇପାରିଥିଲେ । ସମ୍ଭବତଃ ନିଜର ତୋଷାମଦରେ ଶାସକମାନଙ୍କୁ ସନ୍ତୁଷ୍ଟ କରିବା ପରେ ସ୍ୱାଧୀନ ଭାରତରେ ଏପରି ସୁଯୋଗ ସେମାନଙ୍କୁ ଅପେକ୍ଷା କରିଥିଲା । ସ୍ୱାଧୀନତା ପାଇବାର ବହୁବର୍ଷ ପରେ ମୁଁ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବ, ସତ୍ୟପ୍ରିୟ ମହାନ୍ତି ଓ ସଦାଶିବ ତ୍ରିପାଠୀଙ୍କଠାରୁ ଏପରି କଥାର ଉତ୍ତର ଜାଣିବା ନିମନ୍ତେ ପଚାରିଥିଲି । ମୋର ପ୍ରଶ୍ନ ଥିଲା ଯେଉଁମାନେ ମିଥ୍ୟା ମକଦ୍ଦମାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଫାଶୀ ଦଣ୍ଡ ଦିଆଇଥିଲେ ସେମାନଙ୍କୁ ଏପରି ପଦୋନ୍ନତି କାହିଁକି ଦିଆଗଲା ? ମୋର ଏପରି ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ସେମାନଙ୍କଠାରୁ ପାଇପାରିନଥିଲି । ଅବଶ୍ୟ ସେତେବେଳେ ମୋର ବୟସ ଅତି କମ୍ ଥିଲା ଓ ମୁଁ ଥିଲି ଜଣେ ଛାତ୍ର । ସେହି ବିଷୟ ମଧ୍ୟ ବର୍ତ୍ତମାନର ଗଣତାନ୍ତ୍ରିକ ଦଳମାନଙ୍କର ନେତାମାନଙ୍କୁ ପଚରାଯାଇପାରେ । ସେହି ଅଫିସର ଓ ସରକାରୀ ଓକିଲମାନେ ଏବେ ଧରାଧାମରୁ ବିଦାୟ ନେଇଗଲେଣି । ଲକ୍ଷ୍ମଣ ନାୟକଙ୍କ ଫାଶୀ ପରଠାରୁ ସେମାନଙ୍କ ଚାକିରିରେ ସାମାନ୍ୟ ବ୍ୟତିକ୍ରମ ହେବାର ଦୃଷ୍ଟାନ୍ତ ଇତିହାସରେ ଦେଖାଯାଇନାହିଁ । ଅବସର ପରେ ମଧ୍ୟ ସ୍ୱଚ୍ଛନ୍ଦରେ ଜୀବନଯାପନ ସେମାନେ କରିପାରିଥିଲେ । ହୁଏତ ମୃତ୍ୟୁ ପରେ ଲକ୍ଷ୍ମଣ ନାୟକ ସହୀଦ ବୋଲାଇଲେ ମଧ୍ୟ ତାଙ୍କର ପରିବାର ଯେଉଁଭଳି ଭାବରେ ଦୁସ୍ଥ ଜୀବନ କଟାଇ ଆସୁଥିଲେ ସେମାନେ ସେହିଭଳି ରହିଗଲେ । କୌଣସି ଦଳୀୟ ରାଜନେତାମାନେ ମଧ୍ୟ ସେମାନଙ୍କୁ ସହାନୁଭୂତି ଦେଖାଇଲେ ନାହିଁ । ଅତି କମ୍‌ରେ ସେମାନଙ୍କ ପରିବାରରୁ ଜଣକୁ ଦଳୀୟ ପାର୍ଥୀ ଭାବରେ ଲଢ଼ିବା ପାଇଁ ଟିକେଟ ଦେଇପାରିଥିଲେ ଜାତିର ଗୌରବ ଯଥେଷ୍ଟ ବଢ଼ିଯାଇଥାନ୍ତା । ମାତ୍ର ସ୍ୱାଧୀନତା ପରବର୍ତ୍ତୀ କାଳର କୌଣସି ନେତା ସେମାନଙ୍କ ପରିବାର ପ୍ରତି ସାମାନ୍ୟତମ ସହାନୁଭୂତି ଦେଖାଇଲେ ନାହିଁ । ବର୍ଷକରେ ସେମାନଙ୍କର ପୁଣ୍ୟତିଥିମାନଙ୍କରେ ସମ୍ବାଦପତ୍ରମାନଙ୍କରେ ବଡ଼ ବିଜ୍ଞାପନଟିଏ ଦେଇ ସଭାରେ ନେତା ବା ଅଫିସରମାନେ ପଦେ ଦୁଇପଦ କଥା କହିଦେଲେ ସମ୍ଭବତଃ ତାଙ୍କ ପ୍ରତି ଶ୍ରଦ୍ଧା ଅର୍ପଣ ହୋଇଗଲା ବୋଲି ଭାବି ନିଆଯାଏ । ଏହାହିଁ ହେଉଛି ବିଚିତ୍ର ଗଣତନ୍ତ୍ର । ଦଳପତିମାନଙ୍କ ଆଶୀର୍ବାଦରୁ ବଜାରରେ ବୁଲୁଥିବା ବା ନାଟ ଦଳରୁ ଧରାହୋଇ ନେତା ସାଜିଥିବା ଥୋକାଏ ଆଜି ଲୋକମଙ୍ଗଳ ନିମନ୍ତେ ବହୁ କଥା କହିପାରୁଛନ୍ତି ହୁଏତ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସହୀଦ ପରିବାରଙ୍କୁ କେହି ପଚାରୁ ନାହାନ୍ତି । ଏହାକୁ ହିଁ କୁହାଯାଏ ଅନ୍ଧ ଗଣତନ୍ତ୍ର ।

ସେହିଭଳି ସେତେବେଳର ପୁରୀ ଜିଲ୍ଲା ରଣପୁର ପ୍ରଜାମେଳିରେ ବିଦ୍ରୋହୀମାନେ ବେଜେଲ୍ ଗେଟ୍‌କୁ ମାରିଦେଇଥିଲେ । ବେଜେଲ୍ ଗେଟ୍ ମରିବାର କରୁଣ ଦୃଶ୍ୟ ଯିଏ ନିଜ ଆଖିରେ ଦେଖିଥିଲେ ସେ ହେଉଛନ୍ତି ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟ । ତାଙ୍କ ମୁହଁରୁ ମୁଁ ଶୁଣିଛି ଯେ ବେଜେଲ୍ ଗେଟ୍ ବନ୍ଧୁକ ଫୁଟାଇ ନିଜକୁ ରକ୍ଷା କରିବା ନିମନ୍ତେ ଜଣକ ଘରକୁ ପଶିଗଲା ସମୟରେ ଶଗଡ଼ ଚକରେ ତାର ବେକ ପଶି ରହିଗଲା । ତାହାପରେ ଉତ୍ୟକ୍ତ ଜନତା ତାକୁ ସେଠାରେ ଠେଙ୍ଗାରେ ପିଟି ମାରି ଦେଇଥିଲେ । ଯେଉଁ ବ୍ୟକ୍ତିର ଠେଙ୍ଗା ମାଡ଼ରେ ସେ ମରିଥିଲେ ସେ ହେଲେ ଦୋଷମୁକ୍ତ ଓ ରଣପୁର ରାଜରାସ୍ତାରେ ମୁକ୍ତ ଭାବରେ ସେ ସେତେବେଳେ ଚାଲବୁଲ କରୁଥିଲେ । ସେତେବେଳେ ଗଙ୍ଗାଧର ପାଇକରାୟଙ୍କ ବୟସ ଥିଲା ମାତ୍ର ୧୫ରୁ ୧୬ବର୍ଷ ମଧ୍ୟରେ । ମାତ୍ର ଉଦୀୟମାନ ଯୁବକ ଦ୍ୱୟ ରଘୁ ଓ ଦିବାକରଙ୍କୁ ମିଥ୍ୟା ନରହତ୍ୟା ଦଣ୍ଡରେ ଦଣ୍ଡିତ କରାଇ ବିହାରର ଭାଗଲପୁର ଜେଲ୍‌ରେ ଫାଶୀ ଦିଆଯାଇଥିଲା । ବେଜେଲ୍ ଗେଟ୍ ମରିବା ପରେ ସେତେବେଳର ବ୍ରିଟିଶ ସରକାର ଯେପରି ହିଂସ୍ର ହୋଇଉଠିଥିଲେ ସେଥିରେ ଆଉ ବହୁତ ଲୋକଙ୍କର ପ୍ରାଣହାନି ହୋଇଥାନ୍ତା । ମାତ୍ର ତତ୍କାଳୀନ ଜନନେତା ସ୍ୱର୍ଗତ ହରେକୃଷ୍ଣ ମହତାବ ଏହି ବିଦ୍ରୋହକୁ ପ୍ରଶମିତ କରିପାରିଥିଲେ । ଫଳରେ ମହତାବଙ୍କୁ ଇଂରେଜ ଶାସନ ତରଫରୁ ହତ୍ୟା ଅଭିଯୋଗରେ ଦଣ୍ଡିତ କରିବାର ଉଦ୍ୟମ ହୋଇଥିବା ମୁଁ ସ୍ୱର୍ଗତ ପାଇକରାୟଙ୍କଠାରୁ ଶୁଣିଥିଲି । ରଘୁ ଦିବାକରଙ୍କୁ ଫାଶୀ ଦେବାର ଆଦେଶ ଦେଇଥିଲେ ସେତେବେଳର ଆଇ.ସି.ଏସ୍. ଅଫିସର ଡ. ବି. ଶିବରମଣ । ସେ ବି ସ୍ୱାଧୀନତାର ପରବର୍ତ୍ତୀ ସମୟରେ ରାଜ୍ୟର ଜଣେ ମୁଖ୍ୟଶାସନ ସଚିବ ରୂପେ କାର୍ଯ୍ୟ କରିଥିଲେ । ସମ୍ଭବତଃ ରଘୁ ଦିବାକରଙ୍କ ଭଳି ଦୁଇଜଣ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରି ଫାଶୀ ଦେବାପରେ ଏହା ଥିଲା ତାଙ୍କର ପୁରସ୍କାର । ନିଜ ଚାକିରିରେ ଅବସ୍ଥାପିତ ହେବାପରଠାରୁ ଅବସର ନେବା ପର୍ଯ୍ୟନ୍ତ ସେ ବେଶ୍ ସ୍ୱଚ୍ଛନ୍ଦରେ ରହିଥିଲେ । ଅଳ୍ପ ସମୟ ପାଇଁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱବେଳେ ସେ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ପଦ ମଧ୍ୟ ପାଇପାରିଥିଲେ । ମାତ୍ର ରଘୁ ଦିବାକରଙ୍କ ପରିବାରମାନେ କ'ଣ ପାଇଲେ ? କେବଳ ବର୍ଷକରେ ଦୁଇଥର ସ୍ମୃତି ଦିବସରେ କୁମ୍ଭୀର କାନ୍ଦଣା କାନ୍ଦି ନେତାମାନେ କେତେ ପଦ କହି ଭାଷଣ ଦେବା ହେଉଛି ସେମାନଙ୍କ ପ୍ରତି ସମ୍ମାନ । ମାତ୍ର ଦଳୀୟ ରାଜନେତାମାନଙ୍କଦ୍ୱାରା ତାଙ୍କ ପରିବାରର କେତେଜଣ ବିଧାନସଭା ବା ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଯାଇଥିଲେ ? ପରବର୍ତ୍ତୀ କାଳରେ ସେମାନଙ୍କ ପାଇଁ ବର୍ତ୍ତମାନର ନେତାମାନେ ଶ୍ରଦ୍ଧାଞ୍ଜଳୀ ସଭାମାନ କରି ଅଶ୍ରୁ ତର୍ପଣ କରିଚାଲିଛନ୍ତି । ସେମାନଙ୍କ ପାଇଁ ଥିଲା ଏହା କ'ଣ ଉପଯୁକ୍ତ ସମ୍ମାନ ? ଆମର ଉତ୍ତର ପୁରୁଷ ଏପରି କଥାରୁ କ'ଣ ଶିକ୍ଷା ପାଇବେ ? ଶାସନରେ ବର୍ତ୍ତମାନ ବହୁ ଭେଳିକି ଅଫିସର ଆସନ ଜମାଇ ବସିଛନ୍ତି । ସ୍ୱାଧୀନତାରେ ଝାସ ଦେଇ କେତେଜଣ କାରାବରଣ ବା ଫାଶୀ ଦଣ୍ଡ ପାଇଥିଲେ ସେମାନଙ୍କ ପାଖରେ ତାହାର ହିସାବ ମଧ୍ୟ ନଥିବ । ସେମାନେ କେବଳ ନିଜ ଉପରେ ଥିବା ଅଫିସର ବା ନିର୍ବାଚିତ ପ୍ରତିନିଧିମାନଙ୍କର ଇଚ୍ଛା ଅନୁସାରେ ଶାସନ କରିଚାଲିଛନ୍ତି । ଗାନ୍ଧୀ କିଏ ବୋଲି ପଚାରିଲେ ସେମାନେ ଇନ୍ଦିରା ଗାନ୍ଧୀଙ୍କ ବଂଶଧରଙ୍କୁ ହିଁ ଜାଣିଥାନ୍ତି । ପ୍ରକୃତ ଗାନ୍ଧୀଙ୍କ ବିଷୟରେ ଜାଣିଛନ୍ତି ସେମାନଙ୍କ ଭିତରୁ କେତେଜଣ ଅଫିସର ? ଅବିଭକ୍ତ ବଙ୍ଗଳା ଦେଶରେ ଯେତେବେଳେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ସେତେବେଳେ ସେଠାରେ ଅତି କମ୍ ବୟସର ଯୁବକମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସେମାନଙ୍କର ବୟସ ଥିଲା ପ୍ରାୟ ୨୦ରୁ ୨୪ ମଧ୍ୟରେ ଏବଂ ସେମାନେ ମୁଖ୍ୟତଃ ଥିଲେ ହିନ୍ଦୁ । ପାକିସ୍ତାନ ବା ବଙ୍ଗଳା ଦେଶ ସୃଷ୍ଟି ହେବାପରେ ସେମାନଙ୍କ ବିଷୟରେ କେହି ହେଲେ ପଦେ କଥା ଉଠାଇନଥିଲେ । ସହୀଦ କହିବା ତ ଦୂରର କଥା । ଏହା ହିଁ କଣ ସାମାଜିକ ଚେତନା ? କେବଳ ବଙ୍ଗଳା ଦେଶର କଥା କହିଲେ ହେବନାହିଁ ଭାରତର ବହୁ ସ୍ଥାନରେ ଏହିଭଳି ଦଣ୍ଡିତ ହୋଇଥିବା ନେତାମାନଙ୍କ ନାମ ଲୋକେ ପ୍ରାୟଶଃ ଭୁଲିଗଲେଣି । ଯଦି ଦୃଷ୍ଟିକୁ ଆସେ ତେବେ କୁମ୍ଭୀର କାନ୍ଦଣା ଭଳି ଦୁଇପଦ କଥା କହି ଜନମନ ସନ୍ତୁଷ୍ଟ କରିବା ହେଉଛି ନେତାମାନଙ୍କର କାର୍ଯ୍ୟ । ତେଣୁ ଦେଶରେ ଗଣତନ୍ତ୍ର କିଭଳି ଚାଲିଛି ତାହା ଏଥିରୁ ସହଜେ ଅନୁମେୟ । ଗଣତନ୍ତ୍ର କେବଳ ଦଳୀୟ ରାଜନୀତିକୁ ନେଇ ଗଢ଼ିଉଠିଛି ବୋଲି କୁହାଯାଏ । ମାତ୍ର ଯେଉଁ ଦଳରେ ଗଣତନ୍ତ୍ର ନାହିଁ ଓ ପରିବାରବାଦ ଶାସନ ଚାଲିଛି ସେମାନଙ୍କଠାରୁ କ'ଣ ବା ଆଶା କରାଯାଇପାରେ ? ଦଳରେ ଥିବା କେତେକ ସ୍ତାବକ ସେମାନଙ୍କର ବନ୍ଦନା ଚାଲିଛନ୍ତି । ଗଣମାଧ୍ୟମମାନେ ସେ ସବୁକୁ ବି ପ୍ରଚାର କରିବାରେ ବେଶ୍ ଓସ୍ତାଦ । ତାହା ପ୍ରକୃତ ଗଣତନ୍ତ୍ର ପ୍ରତି ହାସ୍ୟାସ୍ପଦ ବୋଲି କୁହାଯାଇପାରିବ । ଏହିଭଳି ପ୍ରଚଳିତ ଗଣତନ୍ତ୍ରରେ ରହି ରାଜନେତାମାନଙ୍କର କୁମ୍ଭୀର କାନ୍ଦଣା କେତେଦିନ ଚାଲିବ ଓ ତାହାର ଶେଷ ପରିଣତି କ'ଣ ହେବ ତାହାର ଉତ୍ତର ଉତ୍ତରପୁରୁଷମାନଙ୍କଠାରୁ ହିଁ ମିଳିପାରିବ ।

# ଚିକେନ୍ ନେକ୍, ସିଲିଗୁଡ଼ି କରିଡର ଓ ଭାରତ ବାଂଲାଦେଶ ସମ୍ପର୍କ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଭାରତ ମ୍ୟାପରେ ଦେଖାଯାଉଥିବା 'ଚିକେନ ନେକ' କଣ ? ଅନେକ ଲୋକ ଏହାକୁ ବୋଧହୁଏ ଜାଣି ନ ଥିବେ । ଆସନ୍ତୁ ଜାଣିବା ଏହି ଭାରତ ମ୍ୟାପ୍‌ରେ ଥିବା ଚିକେନ୍ ନେକ୍ ଓ କାହିଁକି ଆଜି ଏହା ପାଇଁ ଭାରତ ବଙ୍ଗଳାଦେଶର ସମ୍ପର୍କରେ ତିକ୍ତତା ଆସିଛି । ସିଲିଗୁଡ଼ି କରିଡର, ଯାହାକୁ ଚିକେନ୍ ନେକ୍ କୁହାଯାଏ, ଏହା ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ସଂଯୋଗ କରେ । ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ହିମାଳୟର ପାଦଦେଶରେ ଅବସ୍ଥିତ ସିଲିଗୁଡ଼ି କରିଡର, ଯାହାକୁ କୁହାଯାଏ 'ଚିକେନ୍ ନେକ୍' । ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟ ସ୍ଥାନ ସହ ସଂଯୋଗ କରୁଥିବା ଏକ ସଂକୀର୍ଣ୍ଣ ଭୂମି ଖଣ୍ଡ । ମାତ୍ର ୨୨ କିଲୋମିଟର ଚଉଡ଼ା ଏହି କରିଡର ଭାରତର ରଣନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଆଠଟି ରାଜ୍ୟ—ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ ଓ ତ୍ରିପୁରାକୁ ମୁଖ୍ୟ ଭାରତୀୟ ଭୂଖଣ୍ଡ ସହ ଯୋଡ଼ି ରଖିଛି । କିନ୍ତୁ ଏହାର ସଂକୀର୍ଣ୍ଣ ଗଠନ ଏହାକୁ ଭାରତର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟ କରିଛି । ଏହି ରାଜ୍ୟ ଗୁଡିକୁ ମଧ୍ୟ ସାତ ଭଉଣୀ କୁହଯାଏ । ଭାରତର ସିଲିଗୁଡି କରିଡର ବିଷୟରେ ପ୍ରାୟତଃ ଆଲୋଚନା ହୁଏ । ଏହା ଏକ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଯାହାକୁ ଚିକେନ୍ ନେକ୍ ମଧ୍ୟ କୁହାଯାଏ । ଏହା କହିବାର କାରଣ ହେଉଛି ଏହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ରାସ୍ତା ଯାହା ମାଧ୍ୟମରେ ସମଗ୍ର ଉତ୍ତର-ପୂର୍ବ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ ହୋଇଛି । ଏହାର ପତଳା ଆକୃତି ପାଇଁ ଏହାକୁ ଏପରି ନାମକରଣ କରାଯାଇଛି । ଭାରତର ଏହି ଅଞ୍ଚଳର ସବୁଠାରୁ ସଂକୀର୍ଣ୍ଣ ବିନ୍ଦୁରେ, ଏହା ମାତ୍ର ୨୨ କିଲୋମିଟର ଚଉଡା । ତେଣୁ, ଏହା ଭାରତ ପାଇଁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ । ଯଦି ଏହି ଅଞ୍ଚଳ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ଉତ୍ତର-ପୂର୍ବ ଭାରତ ମୁଖ୍ୟ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇଯାଇପାରେ । ସିଲିଗୁଡ଼ି ପଶ୍ଚିମବଙ୍ଗର ଉତ୍ତର ଭାଗରେ, ଦାର୍ଜିଲିଂ ଓ ଜଳପାଇଗୁଡ଼ି ନିକଟରେ ଅବସ୍ଥିତ । ଏହା ହିମାଳୟର ପାଦଦେଶରେ ଅବସ୍ଥିତ । ଏହା ପଶ୍ଚିମବଙ୍ଗର ଏକ ୬୦ କିଲୋମିଟର ଲମ୍ବା ଓ ୨୧ କିଲୋମିଟର ଚଉଡା ଭୂମି । ଏହି ସିଲିଗୁଡ଼ି କରିଡର ମାଧ୍ୟମରେ ଭାରତର ସୀମା ବାଂଲାଦେଶ ଓ ନେପାଳକୁ ସ୍ପର୍ଶ କରେ । ସିକିମ୍, ତିବ୍ବତର ଚୁମ୍ବି ଉପତ୍ୟକା ଓ ଭୁଟାନର ଡୋକଲାମର ତ୍ରି-ସଂଯୋଗ ଏହା ନିକଟରେ ଅଛି । ଏହାର ସଂକୀର୍ଣ୍ଣ ଗଠନ ଯୋଗୁଁ ଏହାକୁ ଚିକେନ ନେକ କୁହାଯାଏ, କାରଣ ଏହା କୁକୁଡ଼ାର ବେକ ପରି ଦେଖାଯାଏ । ଏଠାରୁ ଯାଇଥିବା ଜାତୀୟ ରାଜପଥ ଏବଂ ରେଳ ଲାଇନଗୁଡ଼ିକ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରନ୍ତି । ଏହି ମାର୍ଗରେ ତିନୋଟି ରାସ୍ତା ଅନ୍ତର୍ଭୁକ୍ତ - ସମୁଦ୍ର, ନଦୀ ଓ ସ୍ଥଳ । କୋଲକାତା ବନ୍ଦରରୁ ସମୁଦ୍ର ପଥରେ ମିଆଁମାରର ସିଟ୍ୱେ ବନ୍ଦରକୁ ଯିବାର ରାସ୍ତା, ଏହା ଆଗକୁ କଳାଦାନ ନଦୀ ଦେଇ ଓ ତା'ପରେ ମିଆଁମାରକୁ ମିଜୋରାମ ସହିତ ସଂଯୋଗ କରୁଥିବା ରାସ୍ତା । ଏହା ଉପରେ କାମ ବର୍ତ୍ତମାନ ଧୀର ଗତିରେ ଚାଲିଛି । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ଚିକେନ୍ ନେକ୍ ପାଇଁ ଭାରତ ଓ ବାଂଲାଦେଶ ମଧ୍ୟରେ ଦିନକୁ ଦିନ ତିକ୍ତତା କାହିଁକି ବଢ଼ି ଚାଲିଛି ।

ନିକଟରେ ଚୀନ୍ ଗସ୍ତରେ ଯାଇଥିବା ୟୁନୁସ୍, ଯେତେବେଳେ ଚୀନ୍‌କୁ ନିବେଶ ପାଇଁ ନିମନ୍ତ୍ରଣ କରିଥିଲେ, ସେ କହିଥିଲେ ଯେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ, ଯାହାକୁ ସେଭେନ୍ ସିଷ୍ଟର୍ସ କୁହାଯାଏ । ସମୁଦ୍ର ପାଖକୁ ଯିବା ପାଇଁ ସେମାନଙ୍କର କୌଣସି ରାସ୍ତା ନାହିଁ । ବାଂଲାଦେଶ ସେହି ଅଞ୍ଚଳରେ ସମୁଦ୍ରର ଏକମାତ୍ର ରକ୍ଷକ । ଏହା ଚୀନକୁ ଏଠାରେ ନିବେଶ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିବ । ଟେଲିଗ୍ରାଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ମହମ୍ମଦ ୟୁନୁସ୍ ଏପରି ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହା ଭାରତର ସୁରକ୍ଷା ପ୍ରତି ଚିନ୍ତାକୁ ବୃଦ୍ଧି କରୁଛି । ୟୁନୁସ୍ ଚୀନ୍ ?କୁ କଲିକତା ନିକଟସ୍ଥ ମୋଙ୍ଗଲା ବନ୍ଦର ପର୍ଯ୍ୟନ୍ତ ପ୍ରବେଶ କରିବାକୁ ଅନୁମତି ଦେଇଛି । ଏହି ବନ୍ଦର କୋଲକାତାରୁ ୧୮୦ କିଲୋମିଟର ଦୂରରେ ଅବସ୍ଥିତ । ଭାରତ ବର୍ଷ ବର୍ଷ ଧରି ଭାରତ ମହାସାଗରରେ ଚୀନ୍‌ର ପ୍ରଭାବକୁ ରୋକିବାକୁ ଚେଷ୍ଟା କରିଆସୁଛି କିନ୍ତୁ ଚୀନ୍ ଶେଷରେ ସଫଳ ହୋଇଛି । ଏବେ ସେ କୋଲକାତା ନିକଟରେ ଅଛନ୍ତି, ଯାହା ଭାରତର ଚିନ୍ତାକୁ ବଢ଼ାଇ ଦେଇଛି । ବାଂଲାଦେଶରେ ଚୀନ୍ ଏବଂ ପାକିସ୍ତାନର ହସ୍ତକ୍ଷେପ ବୃଦ୍ଧି ପାଉଛି । ମହମ୍ମଦ ୟୁନୁସ୍ ଚୀନ୍ ଏବଂ ପାକିସ୍ତାନକୁ ମୁକ୍ତ ହାତ ଦେଇଛି । ଏବେ ୟୁନୁସ୍ ଭାରତର ସୁରକ୍ଷା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ୟୁନୁସ୍ ପାକିସ୍ତାନୀ ସେନାକୁ ଭାରତର ପୂର୍ବ ସୀମା ନିକଟକୁ ଯିବା ପାଇଁ ଏକ ରାସ୍ତା ମଧ୍ୟ ଦେଇଛି । ବାଂଲାଦେଶ ବାୟୁସେନା ଏକ ଆଦେଶରେ କହିଛି ଯେ ଏହାର ପାଞ୍ଚ ଜଣ ବରିଷ୍ଠ ଅଧିକାରୀ ପାକିସ୍ତାନରେ ଜେଏଫ-୧୭ ଲଢୁଆ ବିମାନ ଉପରେ ତାଲିମ ନେବେ । ଏହି ବିମାନଟି ପାକିସ୍ତାନ ଏବଂ ଚୀନ୍ ମିଳିତ ଭାବରେ ନିର୍ମାଣ କରିଛନ୍ତି । ଲାଲମୋନିରହାଟ ବିମାନବନ୍ଦରରେ ଜେଏଫ-୧୭ ବିମାନ ନିୟୋଜିତ ହେବ ବୋଲି ବିଶ୍ୱାସ କରାଯାଉଛି । ଏବେ ଚୀନ୍ ମଧ୍ୟ ଏହାର ଦକ୍ଷିଣ ଦିଗରେ ରହିବେ କାରଣ ସେମାନେ ମୋଙ୍ଗଲା ବନ୍ଦରରେ ପ୍ରବେଶ କରୁଛି । ଏହା ବ୍ୟତୀତ, ଲାଲମୋନିରହାଟ ଏୟାରବେସରେ ପାକିସ୍ତାନୀ ଯୁଦ୍ଧ ବିମାନ ପହଞ୍ଚିବା ସମୟରେ ଭାରତୀୟ ସୀମା ନିକଟରେ ପାକିସ୍ତାନୀ ସାମରିକ କର୍ମଚାରୀଙ୍କ ଉପସ୍ଥିତି ରହିବ । ଏହି ବିମାନବନ୍ଦର ହାସିମାରା ଏୟାରବେସରୁ ୧୨୦ କିଲୋମିଟର ଦୂରରେ ଅବସ୍ଥିତ । ହାସିମାରା ଏୟାରବେସ୍ ଭାରତର ସିଲିଗୁଡି କରିଡର ନିକଟରେ ଅବସ୍ଥିତ, ଯାହାକୁ 'ଚିକେନ୍ ନେକ୍' ମଧ୍ୟ କୁହାଯାଏ । ଏହି କରିଡର ଭାରତକୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରେ ଏବଂ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହା ସ୍ପଷ୍ଟ ଯେ ବାଂଲାଦେଶ ଯୋଗୁଁ, ଚୀନ୍ ଏବଂ ପାକିସ୍ତାନ ଭାରତର ଦ୍ୱାରଦେଶରେ ପହଞ୍ଚିଛନ୍ତି । ଏହା ଯୋଗୁଁ ଭାରତର ସୁରକ୍ଷା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଭାରତର 'ଚିକେନ୍ ନେକ୍'ର ଉତ୍ତରରେ ଚୀନ୍‌ର ଉପସ୍ଥିତି ବିଷୟରେ ଚିନ୍ତା ପ୍ରକାଶ ପାଇଛି ।

ବର୍ତ୍ତମାନ ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତାକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ଭାରତର ଉତ୍ତର-ପୂର୍ବ ଓ 'ଚିକେନ ନେକ୍' କରିଡରକୁ ନେଇ ହେଉଥିବା ବୟାନବାଜି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଏପରି ବୟାନ 'ବିପଜ୍ଜନକ ଓ ଦାୟିତ୍ୱହୀନ' । ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ବଢୁଥିବା ମୌଳବାଦୀ ପ୍ରଭାବକୁ ପ୍ରତିଫଳିତ କରେ । ଯାହା ୟୁନୁସଙ୍କ ଯୁଗରେ ପ୍ରଭାବ ହାସଲ କରିଥିବା ଉଗ୍ରବାଦୀ ବଢାଇବାରେ ସାହାଯ୍ୟ କରେ । ସେ ଜୋର ଦେଇ କହିଥିଲେ ଯେ କୌଣସି ଗମ୍ଭୀର ଓ ଦାୟିତ୍ୱବାନ ନେତା ପଡ଼ୋଶୀ ଦେଶକୁ ଧମକ ଦେଇପାରିବେ ନାହିଁ । ବିଶେଷକରି ଯେଉଁ ଦେଶ ଉପରେ ବାଂଲାଦେଶ ବାଣିଜ୍ୟ, ପରିବହନ ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ନିର୍ଭର କରେ ଓ ବାଂଲାଦେଶର ଅର୍ଥନୀତି ଓ ସୁରକ୍ଷା ବହୁ ପରିମାଣରେ ନିର୍ଭର କରେ । ଶେଖ୍ ହସିନାଙ୍କ ଅନୁଯାୟୀ, ଏପରି ୟୁନୁସଙ୍କ ବୟାନବାଜି କେବଳ ବୈଚାରିକ କଳ୍ପନାକୁ ପୂରଣ କରେ ବାଂଲାଦେଶର ଜାତୀୟ ସ୍ୱାର୍ଥକୁ ନୁହେଁ । ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ମଧ୍ୟରେ ଶେଖ୍ ହାସିନା ବହୁତ କିଛି କହିଥିଲେ, ଯେଉଁଥିରେ ଉସମାନ ହାଦିଙ୍କ ହତ୍ୟା ଓ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ଲିଞ୍ଚିଂ ଅନ୍ତର୍ଭୁକ୍ତ । ଚିକେନ୍ ନେକ୍ ଧମକ ପ୍ରତି ଭାରତର ପ୍ରତିକ୍ରିୟା ସମ୍ପର୍କରେ ଶେଖ୍ ହସିନା କହିଥିଲେ ଯେ ଭାରତ ଏପରି ବୟାନ ବିଷୟରେ ଚିନ୍ତିତ ହେବା ସମ୍ପୂର୍ଣ୍ଣ ଯଥାର୍ଥ ଓ ସେ ଏହା ମଧ୍ୟ କହିଛନ୍ତି ଯେ ଏପରି ବୟାନ ବାଂଲାଦେଶର ଲୋକଙ୍କ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରେ ନାହିଁ । ବାଂଲାଦେଶର ଲୋକମାନେ ଭଲ ଭାବରେ ବୁଝନ୍ତି ଯେ ଆମର ସମୃଦ୍ଧି ଏବଂ ସୁରକ୍ଷା ଭାରତ ସହିତ ଦୃଢ଼ ସମ୍ପର୍କ ଉପରେ ନିର୍ଭର କରେ । ଅନ୍ତରୀଣ ସରକାରଙ୍କ ବୈଧତା ଉପରେ ପ୍ରଶ୍ନ ଉଠାଇ ଶେଖ୍ ହାସିନା କହିଛନ୍ତି, ୟୁନୁସଙ୍କ ପାଖରେ ବାଂଲାଦେଶର ବୈଦେଶିକ ନୀତିକୁ ପୁନଃନିର୍ଦ୍ଦେଶିତ କରିବାର କୌଣସି କ୍ଷମତା ନାହିଁ । ତାଙ୍କ ମତରେ, ବର୍ତ୍ତମାନର ସରକାରଙ୍କ ପାଖରେ ଭବିଷ୍ୟତ ପିଢ଼ିକୁ ପ୍ରଭାବିତ କରୁଥିବା ରଣନୈତିକ ନିଷ୍ପତ୍ତି ନେବାର କୌଣସି ଅଧିକାର ନାହିଁ । ଏଥିରୁ ସ୍ପଷ୍ଟ ଯେ ବାଂଲାଦେଶରେ ଶେଖ ହାସିନାଙ୍କ ସରକାରର ପତନ ଏବଂ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପରେ, ସମଗ୍ର ଅଞ୍ଚଳର ପରିସ୍ଥିତି ପରିବର୍ତ୍ତନ ହେଉଛି । କ୍ଷମତା ଗ୍ରହଣ କରିବା ପରଠାରୁ, ୟୁନୁସ୍ ନିରନ୍ତର ଏପରି ନିଷ୍ପତ୍ତି ନେଇଛନ୍ତି ଯାହା ବାଂଲାଦେଶକୁ ଚୀନ୍ ଏବଂ ପାକିସ୍ତାନର ନିକଟତର କରୁଛି । ଏହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ଚିନ୍ତାର କାରଣ ପାଲଟିଛି । ବିଶେଷଜ୍ଞମାନେ କହିଛନ୍ତି, ଭାରତ ଭୁଲିଯିବା ଉଚିତ୍ ନୁହେଁ ଯେ, ଚୀନ୍ ଏକା ବାଂଲାଦେଶକୁ ଆସିନାହିଁ ବରଂ ସେ ତାଙ୍କ ସହିତ ପାକିସ୍ତାନୀମାନଙ୍କୁ ମଧ୍ୟ ଆଣୁଛନ୍ତି । ଏହା ଏକ ପ୍ରକୃତ ଚ୍ୟାଲେଞ୍ଜ କାରଣ ପାକିସ୍ତାନ ମଧ୍ୟ ୟୁନୁସ ସରକାରଙ୍କ ଉଗ୍ର ଦକ୍ଷିଣପନ୍ଥୀ ମନୋଭାବରୁ ଲାଭ ପାଉଛି । ଏପରି ପରିସ୍ଥିତିରେ, ଭାରତକୁ ଏହି ଅଞ୍ଚଳରେ ନିଜର ଦବଦବା ବଜାୟ ରଖିବା ପାଇଁ ଅତିରିକ୍ତ ପରିଶ୍ରମ କରିବାକୁ ପଡିବ । ସେହି ସମୟରେ, ବାଂଲାଦେଶ ସୀମା ନିକଟରେ ନଜର ରଖିବାକୁ ପଡିବ । ସମ୍ପ୍ରତି ଏପରି ଅନେକ ରିପୋର୍ଟ ଓ ସୋସିଆଲ ମିଡିଆ ମାଧ୍ୟମରେ ଜଣା ପଡିଛି ଯେ ପାକିସ୍ତାନ ବାଂଲାଦେଶ ମାଧ୍ୟମରେ ଉତ୍ତର-ପୂର୍ବ ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିବାର ଯୋଜନା କରୁଛି ଓ ଏହାକୁ ଭିତରେ ଚୀନ ସପୋର୍ଟ କରୁଛି । ଏଣୁ ଆଞ୍ଚଳିକ ସଂଯୋଗ ଓ ଭୌଗୋଳିକ ରାଜନୀତି ସିଲିଗୁଡ଼ି କରିଡର କେବଳ ଭାରତ ପାଇଁ ନୁହେଁ, ଆଞ୍ଚଳିକ ରାଜନୀତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ନେପାଳ, ଭୁଟାନ ଓ ବାଂଲାଦେଶ ସହ ଭାରତର ବାଣିଜ୍ୟ ଓ ସାଂସ୍କୃତିକ ସଂଯୋଗର ଏକ ପ୍ରମୁଖ ମାର୍ଗ । ତିବ୍ବତର ଚୁମ୍ବି ଉପତ୍ୟକା ଓ ଡୋକଲାମର ତ୍ରି-ସଂଯୋଗ ନିକଟତା ଏହାକୁ ଚୀନ ସହ ରଣନୈତିକ ଚାପଜନକ ଅଞ୍ଚଳରେ ପରିଣତ କରିଛି । ୨୦୧୭ରେ ଡୋକଲାମ ସଂକଟ ଏହାର ଏକ ଉଦାହରଣ । ଭାରତ ସରକାର ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶ ଓ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ବହୁ ପଦକ୍ଷେପ ନେବା ଉଚିତ୍ । ନୂଆ ରାଜପଥ, ରେଳମାର୍ଗ ଓ ବିମାନବନ୍ଦର ନିର୍ମାଣ ମାଧ୍ୟମରେ ଉତ୍ତର-ପୂର୍ବର ସଂଯୋଗକୁ ସୁଦୃଢ଼ କରାଯିବା ଆବଶ୍ୟକ । ଏହା ସହିତ ଚୀନ, ପାକିସ୍ତାନ ଓ ବାଂଲାଦେଶକୁ ହାଲକା ଭାବରେ ନ ନେଇ ଏହାର ପ୍ରବଳ ମୁକାବିଲା କରିବା ପାଇଁ ଭାରତକୁ ସ୍ୱତନ୍ତ୍ର କୂଟନୀତି ସହ ସୈନ୍ୟ ଅଭ୍ୟାସ ଓ ସଶସ୍ତ୍ର ସୈନ୍ୟ ବାହିନୀ ଜାଗ୍ରତ କରି ରଖିବା ଉଚିତ୍ । ସିଲିଗୁଡ଼ି କରିଡର କ୍ଷେତ୍ର ତଥା ଚିକେନ୍ ନେକ୍‌କୁ ଜୋରରେ ହେଉ ଅବା କୂଟନୀତି ପ୍ରୟୋଗରେ ହେଉ ପ୍ରଶସ୍ତ କରି ଚୀନ, ପାକିସ୍ତାନର ଚକ୍ରାନ୍ତକୁ ପଣ୍ଡ କରି ଦେବା ଉଚିତ୍ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଜୀବନ-ମନ୍ତ୍ର: ସେ ବର୍ଷ, ସେ ବି ଋତୁ- ସେ ସୂର୍ଯ୍ୟ, ସେ ବି ଚନ୍ଦ୍ର



ଡିସେମ୍ବର ୩୧ରେ ଗୋଟିଏ ଇଂରେଜୀ ବର୍ଷ ସରେ। ଜାନୁଆରୀ ୧ରୁ ଆରମ୍ଭ ହୁଏ ଆଉ ଏକ ଇଂରେଜୀ ବର୍ଷ। ଏହା ଇଂରେଜୀ ନୂଆବର୍ଷ। ସେମିତି ଚୈତ୍ର ମାସାନ୍ତରେ ଗୋଟିଏ ବର୍ଷ ସରେ। ବୈଶାଖ ସଂକ୍ରାନ୍ତିରୁ ଆରମ୍ଭ ହୁଏ ଆଉ ଏକ ବର୍ଷ। ଏହା ଓଡ଼ିଆ ନୂଆବର୍ଷ। ସେଥିପାଇଁ ଜାନୁଆରୀ-୧ ପରି ମହାବିଷୁବ ସଂକ୍ରାନ୍ତି ମଧ୍ୟ ଆମ ପାଇଁ ପର୍ବ ଓ ଉତ୍ସବର ଦିନ। ଇଂରେଜୀ ନୂଆବର୍ଷରେ ସୂର୍ଯ୍ୟ ବା ଚନ୍ଦ୍ରଙ୍କର କିଛି ଭୂମିକା ନ ଥାଏ। ତାହା ପାଳିତ ହୁଏ ଗେିଗ୍ରୋରିଆନ୍ କ୍ୟାଲେଣ୍ଡର ଅନୁସାରେ- ବର୍ଷ, ମାସ, ଦିନର ଗଣନାରୁ। କିନ୍ତୁ ଆମର ବର୍ଷ, ମାସ, ଋତୁ, ଦିନ ଓ ରାତି- ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଆବର୍ତ୍ତନ ଆଧାରରେ ଗଣନା କରାହୋଇଥାଏ। ଏ ସବୁର ଘନିଷ୍ଠ ସଂପର୍କ ରହିଛି ଭଗବାନଙ୍କ ସହିତ। ଭଗବାନ କହିଲେ ଆମେ ମୁଖ୍ୟତଃ ବୁଝୁ ବିଷ୍ଣୁଙ୍କୁ। 'ବିଷ୍ଣୁସହସ୍ରନାମ'ର ସ୍ତୋତ୍ରର ରଚୟିତା ବ୍ୟାସଦେବ। ସେଥିରେ ଅଛି ଏହାର ପ୍ରମାଣ।

ଏହି ସ୍ତୋତ୍ରର ଶ୍ଳୋକ-୧୦ରେ ଅଛି ଭଗବାନ ବିଷ୍ଣୁଙ୍କର ଏ ସଂପର୍କିତ ଦୁଇଟି ନାମ– ଗୋଟିଏ 'ସମ୍ବତ୍ସରଃ' ଓ ଅନ୍ୟଟି 'ଅହଃ'। 'ସମ୍ବତ୍ସର'ର ଅର୍ଥ- ବର୍ଷ ଓ 'ଅହଃ'ର ଅର୍ଥ- ଦିନ। ସେହିପରି, ଶ୍ଳୋକ-୪୫ରେ ଅଛି ତାଙ୍କର ଆଉ ଏକ ନାମ- 'ଋତୁ'। ଏବେ ଆସିବା ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପ୍ରସଙ୍ଗକୁ। 'ବିଷ୍ଣୁସହସ୍ରନାମ' ସ୍ତୋତ୍ରର ୯୪ ଶ୍ଳୋକରେ ଅଛି, ତାଙ୍କର ଆଉ ଏକ ନାମ- ସୂର୍ଯ୍ୟ। ସେହିପରି, ୪୭ ଶ୍ଳୋକରେ ଅଛି ତାଙ୍କର ଏକ ନାମ- 'ନକ୍ଷତ୍ରୀ'। ଏହା ଚନ୍ଦ୍ରଙ୍କୁ ବୁଝାଏ, କାରଣ ଚନ୍ଦ୍ର ହେଉଛନ୍ତି ନକ୍ଷତ୍ରମାନଙ୍କର ସ୍ୱାମୀ। ଏହାର ଏକ ପ୍ରତିଫଳନ ମଧ୍ୟ ଆମେ ପାଉ 'ଶ୍ରୀମଦ୍ ଭଗବଦ୍ ଗୀତା'ର ଦଶମ ଅଧ୍ୟାୟ, ବିଭୂତିଯୋଗର ୨୧ ଶ୍ଳୋକରେ। ସେଥିରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ''ନକ୍ଷତ୍ରାଣାମହଂ ଶଶୀ।'' ଅର୍ଥାତ୍ ?, ମୁଁ ନକ୍ଷତ୍ରମାନଙ୍କ ମଧ୍ୟରେ ଶଶି ବା ଚନ୍ଦ୍ର। ଏଣୁ ଭଗବାନ ବିଷ୍ଣୁ ମଧ୍ୟ ଉଭୟ ସୂର୍ଯ୍ୟ ଓ ଚନ୍ଦ୍ର। ଆମେ ଜାଣୁ, ବର୍ଷ, ଋତୁ, ମାସ, ଦିନ ଓ ରାତି- ଏସବୁ ହୋଇଥାଏ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଆବର୍ତ୍ତନ ଫଳରେ। ଭଗବାନ ବିଷ୍ଣୁ ହିଁ ସେହି ଅଦୃଶ୍ୟ ଶକ୍ତି- ଯିଏ ସମୟର ଚକ୍ରକୁ ଆବର୍ତ୍ତିତ କରିଥାଆନ୍ତି। ସେଥିପାଇଁ 'ବିଷ୍ଣୁସହସ୍ରନାମ' ସ୍ତୋତ୍ରର ଶ୍ଳୋକ-୨୫ରେ ଅଛି ତାଙ୍କର ଆଉ ଏକ ନାମ- 'ଆବର୍ତନଃ'। ଏଣୁ, ଭଗବାନ ବିଷ୍ଣୁ ହିଁ ବର୍ଷ, ଋତୁ, ମାସ ଓ ଦିନ। ସେ ହିଁ ସୂର୍ଯ୍ୟ ଓ ଚନ୍ଦ୍ର। ସଂକ୍ଷେପରେ କହିଲେ ସେ 'କାଳ'। ଏହି 'କାଳଃ' ନାମଟି ବି 'ବିଷ୍ଣୁ ସହସ୍ର ନାମ ସ୍ତୋତ୍ରର ଶ୍ଳୋକ-୪୫ରେ ଅଛି। ଏଣୁ ଆସନ୍ତୁ, ଯାହାଙ୍କଠାରୁ ସମୟର ଉତ୍ପତ୍ତି, ସେହି କାଳର ଦେବତାଙ୍କୁ ଆଜି ଏହି ଇଂରେଜୀ ନୂଆବର୍ଷରେ ପ୍ରଣାମ କରିବା। ତାଙ୍କୁ ପ୍ରାର୍ଥନା କରିବା- ଆମର ଏ ବର୍ଷଟି ଭଲରେ ବିତୁ।

# ସ୍ପ୍ରେ କେଶକୁ ମଜବୁତ କରିବ, ଘରେ ପ୍ରସ୍ତୁତ କରନ୍ତୁ



ଆଜିକାଲି କେଶ ଝଡିବା ସମସ୍ତଙ୍କ ଏକ ପ୍ରମୁଖ ସମସ୍ୟା ପାଲଟିଛି । ସଠିକ୍ ଯତ୍ନର ଅଭାବ, ଖାଦ୍ୟପାନୀୟ, ଅନିଦ୍ରା, ଅତ୍ୟଧିକ ଚିନ୍ତା କରିବା ଏସବୁ ସମସ୍ୟା ପାଇଁ କେଶ ଝଡିବାର ଏକ କାରଣ ହୋଇଛି । ହେଲେ ଯଦି ଆପଣ ସଠିକ୍ ଭାବେ କେଶର ଯତ୍ନ ନେବେ, କେଶ ମୂଳରୁ ମଜବୁତ ହେବ, ଫଳରେ ଝଡିବା ମଧ୍ୟ ବନ୍ଦ ହୋଇଯିବ । ଆମେ ପ୍ରାୟତଃ ବିଭିନ୍ନ କେଶ ଯତ୍ନ ଉତ୍ପାଦ ଚେଷ୍ଟା କରିଥାଉ, କିନ୍ତୁ ପ୍ରତ୍ୟେକ ଉତ୍ପାଦ କାମ କରେ ନାହିଁ, ଏବଂ ଅନେକ ଏହାକୁ କ୍ଷତି ମଧ୍ୟ ପହଞ୍ଚାଇପାରନ୍ତି । ଏପରି ସ୍ଥିତିରେ ଆପଣ ଯଦି ଘରୋଇ ଉପଚାର ଚେଷ୍ଟା କରିପାରିବେ ତେବେ ଏହା ଅନେକ ଲାଭବାନ ହେବ । ଅନେକ ଆୟୁର୍ବେଦିକ ଉପଚାର ଅଛି ଯାହା ସଠିକ୍ ଭାବରେ ବ୍ୟବହାର କଲେ, କେବଳ କେଶ ଝଡ଼ିବାକୁ ଅଟକାଏ ନାହିଁ ବରଂ ମୂଳରୁ ଶେଷ ପର୍ଯ୍ୟନ୍ତ କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇଥାଏ।

ଏହି ହେୟାର ସ୍ପ୍ରେ ତିଆରି କରିବାକୁ, ଆପଣଙ୍କୁ ମନ୍ଦାର ଫୁଲ, ଗୋଲାପ ପତ୍ର, ଭୃସଙ୍ଗ ପତ୍ର, ଏକ ଚାମଚ ମେଥି ଦାନା, ଏକ ଚାମଚ କଳା ରାଶି, ୨ ରୁ ୩ ଲବଙ୍ଗ ଆବଶ୍ୟକ ହେବ। ସମସ୍ତ ସାମଗ୍ରୀକୁ ଏକ ପ୍ୟାନରେ ରଖନ୍ତୁ ଏବଂ ପାଣି ସହିତ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ମିଶ୍ରଣ ଫୁଟିଗଲେ, ଏହାକୁ ଛାଣି ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରନ୍ତୁ। ଏହି ସ୍ପ୍ରେକୁ ବ୍ୟବହାର କରିବା ପୂର୍ବରୁ ୪ ରୁ ୫ ଦିନ ପାଇଁ ରଖନ୍ତୁ। ଏହି ସ୍ପ୍ରେକୁ ପ୍ରତି ଦିନ ଆପଣଙ୍କ କେଶରେ ଲଗାନ୍ତୁ ଏବଂ ୧ ରୁ ୧.୫ ଘଣ୍ଟା ପାଇଁ ଛାଡି ଦିଅନ୍ତୁ। ସ୍ପ୍ରେକୁ ଆପଣଙ୍କ ମୁଣ୍ଡରେ ଛିଞ୍ଚନ୍ତୁ ଏବଂ ଏହାକୁ ଆପଣଙ୍କ ଆଙ୍ଗୁଠିରେ ହାଲୁକା ଭାବରେ ମାଲିସ କରନ୍ତୁ । ବିଶେଷଜ୍ଞ ମତରେ ଏହି ସ୍ପ୍ରେ କେଶକୁ ମଜବୁତ କରିବ, କେଶ ଝଡ଼ିବା କମ କରିବ, ଚମକ ଦେବ ଏବଂ କେଶକୁ ଘନ କରିବାରେ ସାହାଯ୍ୟ କରେ।

# ତ୍ୱଚାର ସୁନ୍ଦରତା ବଢ଼ାଏ ତୁଳସୀ ପତ୍ର



ମୁଖମଣ୍ଡଳର ସୁନ୍ଦରତା ପାଇଁ କିଏ କେତେ ଉପାୟ ଅବଲମ୍ବନ କରୁଛନ୍ତି। ଏମିତି କି ଘରୋଇ ଉପଚାର ମଧ୍ୟ କରୁଛନ୍ତି। କିଛି କିଛି ଜିନିଷ ଆମ ହାତ ପାହାନ୍ତାରେ ଥାଏ କିନ୍ତୁ ଆମେ ଏହାର ଠିକ୍ ଉପଯୋଗ କରିପାରୁ ନାହୁଁ। ଏହା ମଧ୍ୟରେ ରହିଛି ତୁଳସୀ ପତ୍ର। ଆମ ଘର ସମ୍ମୁଖରେ ନିତି ପାଇବା। ତେବେ ଚାଲନ୍ତୁ ଏହା ଆମ ତ୍ୱଚା ପାଇଁ କେତେ ଉପକାରୀ ଜାଣିବା ।

ଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି, ଯାହା ଖରାପ ତ୍ୱଚାକୁ ଏକ ଚମକ ଦେବାରେ ସାହାଯ୍ୟ କରିବା ସହ କୁଞ୍ଚନରେଖାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ।

ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍‌ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ। ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ।

ପତ୍ର ବଟା କିମ୍ବା ଏହାର ପାଉଡ଼ର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର କଳାଦାଗ ସମସ୍ୟା କମାଇବା ସହ ମୁହଁରେ ଚମକ ଆସିଥାଏ।

# କିଡନୀ ସୁସ୍ଥତା ପାଇଁ ଏହି ସବୁ ଉପାୟ ଆପଣାନ୍ତୁ



କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ଆମ ରକ୍ତକୁ ଶୁଦ୍ଧ କରିବା ସହ ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଦୂଷିତ ଖାଦ୍ୟ ପାନୀୟର ସେବନ କରି ଆମେ ଆମ କିଡନୀକୁ ଖରାପ କରିଥାଉ। ତେବେ ଏହାକୁ କାର୍ଯ୍ୟକ୍ଷମ ଏବଂ ସୁସ୍ଥ ରଖିବା ପାଇଁ କଣ କରିବା ଆସନ୍ତୁ ଜାଣିବା। ଆପଣ ଯଦି ନିଜ କିଡନୀକୁ ସଫା ରଖିବାର ଚାହୁଁଛନ୍ତି ତେବେ ପ୍ରଚୁର ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ। ଏହା କିଡନୀରେ ପଥର ହେବା ଆଶଙ୍କାକୁ ମଧ୍ୟ ବହୁତ ହ୍ରାସ କରିଥାଏ। ଖାଦ୍ୟରେ ଲୁଣ ମିଶାଇ ଖାଇବା ଦ୍ୱାରା ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିଥାଏ। ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରେ ଯାହା ସିଧାସଳଖ କିଡନୀର ଶିରାକୁ ପ୍ରଭାବିତ କରେ। ସେହିପରି ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ ଯାହାକୁ କିଡନୀ କ୍ଷତିର ସବୁଠାରୁ ବଡ କାରଣ ବୋଲି ବିବେଚନା କରାଯାଏ। ସରଳ ଏବଂ କମ୍ ମସଲାଯୁକ୍ତ ଖାଦ୍ୟ କିଡନୀ ପାଇଁ ଭଲ ହୋଇଥାଏ । ଲୋକମାନେ ପ୍ରାୟତଃ ସାମାନ୍ୟ ଯନ୍ତ୍ରଣା ପାଇଁ ନିଜେ ଔଷଧ ଖାଇବା ଆରମ୍ଭ କରିଦିଅନ୍ତି। ଏହି ଅଭ୍ୟାସ କିଡନୀ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ ବିନା ବାରମ୍ବାର ଔଷଧ ଖାଇବା ଦ୍ୱାରା କିଡନୀ ଧୀରେ ଧୀରେ କାମ କରିବା ବନ୍ଦ କରିଦେଇଥାଏ। ଦିନରେ ଅତି କମରେ ଅଧ ଘଣ୍ଟା ଚାଲିବା କିମ୍ବା ଯୋଗ କରିବା କିଡନୀ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଯାହାଦ୍ୱାରା ଶରୀରର ଓଜନ ସନ୍ତୁଳିତ ରହିଥାଏ ।ଫଳରେ କିଡନୀକୁ ସେମାନଙ୍କର କାର୍ଯ୍ୟ କରିବା ସହଜ ହୋଇଥାଏ। ଏହା ସହିତ ଆପଣଙ୍କ କିଡନୀକୁ ସର୍ବଦା ଭଲ ରଖିବା ପାଇଁ ଆପଣ ବର୍ଷକୁ ଅତି କମରେ ଥରେ କେଏଫଟି ବା (କିଡନୀ ଫଙ୍କସନ୍ ଟେଷ୍ଟ) କରନ୍ତୁ।

# ଶରୀର ପାଇଁ କେତେ ପ୍ରୋଟିନ୍ ଆବଶ୍ୟକ




ନିକଟରେ ଉତ୍ତର ପ୍ରଦେଶର କନୌଜରେ ଜଣେ ୧୯ ବର୍ଷୀୟ ବାଳକ ପ୍ରୋଟିନ୍ ଶେକ୍ ଖାଇବା ପରେ ମୃତ୍ୟୁବରଣ କରିଥିଲେ। ଶେକ୍ ଖାଇବା ପରେ ତାଙ୍କ ଫୁସଫୁସ କାମ କରିବା ବନ୍ଦ କରିଦେଇଥିଲା, ଯାହା ଫଳରେ ତାଙ୍କ ଶରୀରରେ ଅମ୍ଳଜାନର ଅଭାବ ହୋଇଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ଅନୁସାରେ ବାଳକ ଜଣଙ୍କ କିଛି ଦିନ ପୂର୍ବରୁ ଏକ ଜିମ୍ ?ରେ ଯୋଗ ଦେଇଥିଲେ ଏବଂ ସେଠାରେ ପ୍ରୋଟିନ୍ ଶେକ୍ ପିଇଥିଲେ। ଏହା ଆଜିର ଫିଟନେସ୍ ଧାରା ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ। ଶୀଘ୍ର ମାଂସପେଶୀ ନିର୍ମାଣ କରିବା ଏବଂ ଫିଟ୍ ଦେଖାଯିବା ପାଇଁ, ଲୋକମାନେ ଭୁଲିଯାଆନ୍ତି ଯେ ପ୍ରତ୍ୟେକ ଶରୀରର ଭିନ୍ନ ଭିନ୍ନ ଆବଶ୍ୟକତା ଥାଏ। ଡାକ୍ତରଙ୍କ ପରାମର୍ଶ ବିନା ପ୍ରୋଟିନ୍ ସପ୍ଲିମେଣ୍ଟ ନେବା ବିପଜ୍ଜନକ ହୋଇପାରେ। ଅନ୍ୟପକ୍ଷରେ, ଭାରତରେ ବିକ୍ରି ହେଉଥିବା ୩୬ଟି ସବୁଠାରୁ ଲୋକପ୍ରିୟ ପ୍ରୋଟିନ୍ ସପ୍ଲିମେଣ୍ଟ ମଧ୍ୟରୁ ୭୦% ସେମାନଙ୍କ ଲେବଲ୍ ?ରେ ଭୁଲ୍ ଲେଖାଯାଇଛି। ଏହି ସପ୍ଲିମେଣ୍ଟ ମଧ୍ୟରୁ ୧୪% ରେ ବିଷାକ୍ତ ପଦାର୍ଥ ଥିବା ଜଣାପଡିଛି। ତେବେ ଚାଲନ୍ତୁ ଜାଣିବା ଯେ ପ୍ରୋଟିନ୍ କ'ଣ, ଏହା ଶରୀର ପାଇଁ କାହିଁକି ଜରୁରୀ, ଏବଂ ପ୍ରୋଟିନ୍ ଗ୍ରହଣ କରିବାର ଏକ ସଠିକ୍? ଉପାୟ କ'ଣ। ଆମର ଶରୀର ତିନୋଟି ମୁଖ୍ୟ ଉପାଦାନରେ ଗଠିତ: ୬୦ପ୍ରତିଶତ ପାଣି, ୧୬ ପ୍ରତିଶତ ପ୍ରୋଟିନ୍?, ୧୬ ପ୍ରତିଶତ ଚର୍ବି। ପ୍ରୋଟିନ୍ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ, ଯାହା କୋଷଗୁଡ଼ିକର ଗଠନ ଏବଂ କାର୍ଯ୍ୟ ଉଭୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ମାଂସପେଶୀ ନୁହେଁ ବରଂ ସମଗ୍ର ଶରୀରର କାର୍ଯ୍ୟକାରିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରୋଟିନ୍ ଆମିନୋ ଏସିଡ୍ ରେ ଗଠିତ, ଯାହା ଶରୀରର ନିର୍ମାଣ ବ୍ଲକ୍। ପ୍ରୋଟିନ୍ ମାଂସପେଶୀ, ଚର୍ମ, କେଶ ଏବଂ ନଖ ଗଠନରେ ସାହାଯ୍ୟ କରେ। ପ୍ରୋଟିନ୍ ଏନଜାଇମ୍ ଏବଂ ହରମୋନ୍ ଗଠନ ପାଇଁ ଅତ୍ୟାବଶ୍ୟକ। ପ୍ରୋଟିନ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ ? ?କରେ ଏବଂ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ। ପ୍ରୋଟିନ୍ ଶରୀର ମରାମତି ଏବଂ ବୃଦ୍ଧି ପାଇଁ ଅତ୍ୟାବଶ୍ୟକ। ପ୍ରୋଟିନ୍ ମେଟାବୋଲିଜିମ୍ ଏବଂ ଶକ୍ତି ସନ୍ତୁଳନକୁ ସମର୍ଥନ କରେ। ଆଘାତ କିମ୍ବା ଅସୁସ୍ଥତା ପରେ ଆରୋଗ୍ୟରେ ପ୍ରୋଟିନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

# ଅସଲି ଓ ନକଲି ଚା' ମଧ୍ୟରେ ପ୍ରଭେଦ ଜାଣିବା ପାଇଁ ଘରେ ଆପଣାନ୍ତୁ ଏହି ଉପାୟ



ଆମ ଦେଶରେ ଚା' ପ୍ରେମୀଙ୍କ ଅଭାବ ନାହିଁ। କିଛି ଲୋକ ଉଠିବା ମାତ୍ରେ ବିଛଣାରେ ଗରମ ଚା' ପିଇବାକୁ ଚାହାଁନ୍ତି। କିଛି ଲୋକ ଦିନକୁ ୪-୫ କପ୍ ଚା ପିଅନ୍ତି। ଚା' ଅନେକ ସ୍ୱାଦ ଏବଂ ସ୍ୱାଦରେ ଏବଂ ଅନେକ ଉପାୟରେ ଆସିଥାଏ। କ୍ଷୀର ଚା' ପିଉଥିବା ଲୋକ ହର୍ବାଲ୍ ଚା' ଅପେକ୍ଷା ଅଧିକ। ଚା' ତିଆରି ପାଇଁ ବଜାରରେ ବିଭିନ୍ନ ପ୍ରକାରର ଚା' ପତ୍ର ଉପଲବ୍ଧ। କିଛି ପ୍ୟାକେଜ୍ କରାଯାଇଥାଏ ଓ କିଛି ଖୋଲା ଚା' ପତ୍ର ମଧ୍ୟ ବିକ୍ରି କରନ୍ତି। ଆଜିକାଲି ଖାଦ୍ୟ ଏବଂ ପାନୀୟରେ ଅଧିକ ମିଶାଣ ହେଉଛି। କିଣିବା ସମୟରେ ଅସଲି ଏବଂ ନକଲି ଚା' ପତି ମଧ୍ୟରେ ପାର୍ଥକ୍ୟ କରିବା ସହଜ ନୁହେଁ। ତେଣୁ ଆପଣ କେବଳ ଘରେ ସେମାନଙ୍କର ଶୁଦ୍ଧତା ଯାଞ୍ଚ କରିପାରିବେ।

ଚା' ପତିରେ ମଧ୍ୟ ଏବେ ମିଶାଣ କରାଯାଉଛି। ତେଣୁ ଆପଣ ଘରେ ଅସଲି ଏବଂ ନକଲି ଚା' ପତି ମଧ୍ୟରେ ପାର୍ଥକ୍ୟ କରିବା ପାଇଁ ଏକ ବିଶେଷ ପଦ୍ଧତି ବ୍ୟବହାର କରିପାରିବେ। ଫୁଡଫାର୍ମର ନାମକ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟ ଅସଲି ଏବଂ ନକଲି ଚା' ପତି ମଧ୍ୟରେ ପାର୍ଥକ୍ୟ କରିବା ପାଇଁ ଏକ ସରଳ ପରୀକ୍ଷା ବର୍ଣ୍ଣନା କରିଛି।

ଯଦି ଆପଣ ଖୋଲା ଚା' ପତି କିମ୍ବା ଅନ୍ୟ କୌଣସି ବ୍ରାଣ୍ଡ କିଣିଛନ୍ତି କିନ୍ତୁ ସ୍ୱାଦ ଠିକ୍ ନାହିଁ,ଚା' ପତିର ରଙ୍ଗ ଉତ୍ପାଦନ କରୁଥିବା ପରି ଦେଖାଯାଉନାହିଁ, ତେବେ ଆପଣ ଘରେ ସହଜରେ ଚା' ଅସଲି କି ନକଲି ତାହା ନିର୍ଣ୍ଣୟ କରିପାରିବେ। ଚା' ପତ୍ରରେ ମିଶ୍ରିତ ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ, ଆପଣଙ୍କୁ ଏକ ସରଳ ପରୀକ୍ଷା କରିବାକୁ ପଡ଼ିବ। ଚା' ପତିର ଶୁଦ୍ଧତା ନିର୍ଣ୍ଣୟ କରିବା ପାଇଁ, ଦୁଇଟି ପୃଥକ ପାତ୍ରରେ ଅଳ୍ପ ପରିମାଣର ଚା' ପତି ରଖନ୍ତୁ। ପ୍ରତ୍ୟେକ ପାତ୍ରରେ ଚୁମ୍ବକର ଏକ ଛୋଟ ଖଣ୍ଡ ରଖନ୍ତୁ। ଯଦି ଚା ପତି ଚୁମ୍ବକ ସହିତ ଲାଗି ରହିଥାଏ, ତେବେ ଏହା ନକଲି ହୋଇପାରେ। ଏଥିରେ ଛୋଟ ଛୋଟ ଲୁହା ଫାଇଲିଂ ଥିବାର ସମ୍ଭାବନା ଅଛି। ଯଦି ଆପଣ ଚା ପତି ପାତ୍ରରୁ ଚୁମ୍ବକକୁ ବାହାର କରନ୍ତି ଏବଂ ଚା ପତିର ଗୋଟିଏ ବି ଦାନା ସେଥିରେ ଲାଗି ନଥାଏ ତେବେ ଚା'ପତି ଅସଲି। ସେଗୁଡ଼ିକ ଶୁଦ୍ଧ, କୌଣସି ପ୍ରକାରର ଭେଜାଲ ହୋଇନାହିଁ ବୋଲି ଜାଣିବା।

# ମୃତ୍ୟୁ ପରେ ଆତ୍ମା କଣ ଅନୁଭବ କରେ !



ଜୀବନରେ ଆମେ ଆମର ସମ୍ପର୍କ ସହିତ ସର୍ବାଧିକ ଜଡିତ ହୋଇଥାଉ। ମା, ବାପା, ପିଲା, ଜୀବନସାଥୀ, ବନ୍ଧୁ । ଏଗୁଡ଼ିକ ଆମ ହୃଦୟର ମୂଳଦୁଆ ଗଠନ କରନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି, ଯେଉଁଦିନ ଆମେ ଏହି ଶରୀର ଛାଡିବୁ, ଆମର ଆତ୍ମା କାହାକୁ ଖୋଜିବ ଏହା ପ୍ରଥମେ କାହାକୁ ଡାକିବ ଏହା ଆମର ମା, ପିଲା, କିମ୍ବା ଜୀବନସାଥୀ ହେବ ନା ଏହା ଆମ ହୃଦୟର ଅତି ନିକଟତର ଅନ୍ୟ ଏକ ସମ୍ପର୍କ ହେବ। ଏହି ପ୍ରଶ୍ନ ଏତେ ଗଭୀର ଯେ ଅନେକ ଲୋକ ଏହାର ଉତ୍ତର ଖୋଜିବା ପାଇଁ ନିଜର ସମଗ୍ର ଜୀବନ ଆଧ୍ୟାତ୍ମିକତାରେ ବୁଡ଼ି ବିତାଇ ଦିଅନ୍ତି। ତଥାପି, ଭଗବାନ ଶ୍ରୀକୃଷ୍ଣ ଏକ ଅତି ସରଳ ଏବଂ ଆତ୍ମା-ଆକର୍ଷଣକାରୀ କାହାଣୀରେ ଏହାର ଉତ୍ତର ବ୍ୟାଖ୍ୟା କରିଥିଲେ। ଥରେ, ଦ୍ୱାରକାର ଶାନ୍ତ ପରିବେଶରେ ବସି ଗରୁଡ଼ ଶ୍ରୀକୃଷ୍ଣଙ୍କୁ ଏହି ପ୍ରଶ୍ନ ପଚାରିଥିଲେ। ତାଙ୍କର ପ୍ରଶ୍ନ କେବଳ ଏକ କୌତୁହଳ ନୁହେଁ, ବରଂ ପ୍ରତ୍ୟେକ ମାନବ ହୃଦୟ ଭିତରେ ଥିବା ଲୁକ୍କାୟିତ ଭୟ, ଆସକ୍ତି ଏବଂ ଭ୍ରାମ୍ୟର ପ୍ରତିଫଳନ ଥିଲା। ଭଗବାନ ଶ୍ରୀକୃଷ୍ଣ ହସି କହିଲେ ଯେ ଏହି ପ୍ରଶ୍ନ କେବଳ ଏକ ପ୍ରଶ୍ନ ନୁହେଁ, ବରଂ ଜ୍ଞାନ ଯାହା ମାନବ ଜୀବନର ଗତିକୁ ପରିବର୍ତ୍ତନ କରିପାରିବ। ମୃତ୍ୟୁ ପରେ ଯାତ୍ରା କିପରି। ଆତ୍ମା କିପରି ଅନୁଭବ କରେ ଏହା କାହାକୁ ଡାକିଥାଏ ଏବଂ କର୍ମ, ଆସକ୍ତି ଏବଂ ପ୍ରେମ କିପରି ତାଙ୍କର ପଥ ନିର୍ଣ୍ଣୟ କରନ୍ତି ।

ଶ୍ରୀକୃଷ୍ଣ ଗରୁଡ଼ଙ୍କୁ କହିଥିଲେ ଯେ ଆତ୍ମା ସମ୍ପର୍କ ଦ୍ୱାରା ନୁହେଁ ବରଂ ଭାବନାର ଗଭୀରତା ଦ୍ୱାରା ଜଡିତ। ପୃଥିବୀ ଛାଡିବା ପରେ, ଆତ୍ମା ପ୍ରଥମେ ସେହି ବ୍ୟକ୍ତିକୁ ଖୋଜେ ଯାହାଙ୍କ ପ୍ରତି ଏହାର ସର୍ବାଧିକ ପ୍ରେମ, ସ୍ନେହ କିମ୍ବା ଅପୂର୍ଣ୍ଣ ସମ୍ପର୍କ ଥିଲା। ଯଦି ମାଆ ପ୍ରତି ଗଭୀର ସ୍ନେହ ଥାଏ, ତେବେ ଆତ୍ମା ପ୍ରଥମେ ତାଙ୍କୁ ଡାକିବ। ଯଦି ଜୀବନସାଥୀଙ୍କ ପାଇଁ ହୃଦୟରେ ଅନେକ ଅବ୍ୟକ୍ତ ଥାଏ, ତେବେ ଆତ୍ମା ସେମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିବ। ଯଦି ପିଲାମାନଙ୍କ ପ୍ରତି ଚିନ୍ତା ଅପୂର୍ଣ୍ଣ ରହିଥାଏ, ତେବେ ଆତ୍ମା ସେଠାରେ ରହିବ ଯେପର୍ଯ୍ୟନ୍ତ ଏହାକୁ ଏକ ହୃଦୟସ୍ପର୍ଶୀ ବିଦାୟ ନମିଳେ। ଶରୀର ମରିଯିବା ମାତ୍ରେ, ଆତ୍ମା ଏକ ଝଟକାରେ ବାହାରକୁ ଆସିଯାଏ। ଏହା ବୁଝିପାରେ ନାହିଁ କ'ଣ ହୋଇଛି। ଆତ୍ମା ନିଜ ଶରୀରକୁ ଦେଖେ, ଲୋକମାନଙ୍କୁ କାନ୍ଦୁଥିବା ଦେଖେ। ଆତ୍ମା କୁହେ, "ମୁଁ ଏଠାରେ ଅଛି, ମୋ କଥା ଶୁଣ।" କିନ୍ତୁ କେହି ଶୁଣିପାରନ୍ତି ନାହିଁ। ପ୍ରଥମ କିଛି ମିନିଟ୍ ଆତ୍ମା ? ?ପାଇଁ ସବୁଠାରୁ ଯନ୍ତ୍ରଣାଦାୟକ, କାରଣ ଭାବନା ଜୀବିତ ଅଛି କିନ୍ତୁ ଶରୀର ଜୀବିତ ନାହିଁ। ଏହା ତାର ପ୍ରିୟଜନଙ୍କ ଚାରିପାଖରେ ଘୁରି ବୁଲେ ଏବଂ ବାରମ୍ବାର କୁହେ, "ମୋତେ ଛାଡି ଯାଅ ନାହିଁ, ମୁଁ ଏବେ ବି ତୁମ ସହିତ ଅଛି।" ଯଦି ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ଭଲ ହୋଇଥାଏ, ତେବେ ଦିବ୍ୟ ଶକ୍ତି ତାଙ୍କୁ ସଠିକ୍ ପଥରେ ଆଗମନ କରିବାକୁ ଆସେ। କିନ୍ତୁ, ଯଦି ସେମାନଙ୍କର ଜୀବନ ପାପ, ଛଳ, ଲୋଭ ଏବଂ ଭୁଲରେ ପରିପୂର୍ଣ୍ଣ ହୋଇ ରହିଥାଏ, ତେବେ ଆତ୍ମା ଭୟ ଏବଂ ଅସ୍ୱସ୍ତି ଅନୁଭବ କରେ। ଯମଦୂତ ଭଳି ରୂପ ସେମାନଙ୍କୁ ପରବର୍ତ୍ତୀ କ୍ଷେତ୍ରରେ ନେଇଯିବା ପରି ମନେହୁଏ, ଯେଉଁଠାରେ ସେମାନେ ସେମାନଙ୍କ କର୍ମର ଫଳ ପାଆନ୍ତି।

ମୃତ୍ୟୁ ପୂର୍ବରୁ ଅନେକ ଲକ୍ଷଣ ଦେଖାଯାଏ। ଏଥିରେ ଶରୀରରେ ଶୀତଳତା ଅନୁଭବ, ନିଶ୍ୱାସ ନେବାର ଗତିରେ ପରିବର୍ତ୍ତନ, ଆଖିରେ ଏକ ସ୍ପାର୍କିଂ, ପୁରୁଣା ପ୍ରିୟଜନଙ୍କ ସ୍ୱପ୍ନ କିମ୍ବା କୌଣସି ଅଦୃଶ୍ୟ ଶକ୍ତିର ସ୍ପର୍ଶ ଅନ୍ତର୍ଭୁକ୍ତ। ଅନେକ ଲୋକ କୁହନ୍ତି ଯେ ଶେଷ ମୁହୂର୍ତ୍ତରେ ମୁହଁରେ ଏକ ଅନନ୍ୟ ଶାନ୍ତି ଆସେ। ଏହା ସୂଚାଇ ଦିଏ ଯେ ଆତ୍ମା ତା'ର ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତ।

ଗରୁଡ଼ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ପରେ ପ୍ରଥମ ତିନି ଦିନ ପର୍ଯ୍ୟନ୍ତ ଆତ୍ମା ଘର ପାଖରେ ରହିଥାଏ, ତା'ର ଶରୀର ଏବଂ ପରିସ୍ଥିତିକୁ ବୁଝିବାକୁ ଚେଷ୍ଟା କରିଥାଏ। ସପ୍ତମ ଦିନ ପରେ, ଏହା ଆଗକୁ ବଢ଼ିବା ପାଇଁ ଏକ ସଙ୍କେତ ପାଏ। ୧୩ତମ ଦିନ ସୁଦ୍ଧା, ଆତ୍ମାର ପରବର୍ତ୍ତୀ ପଥ ନିର୍ଣ୍ଣୟ କରାଯାଏ। ଯଦି ପରିବାରର ସଦସ୍ୟମାନେ ଭକ୍ତି କରନ୍ତି, ପ୍ରଭୁଙ୍କ ନାମ ଜପ କରନ୍ତି, ଦାନ କରନ୍ତି ଏବଂ ପ୍ରାର୍ଥନା କରନ୍ତି, ତେବେ ଆତ୍ମାର ଉନ୍ନତି ସହଜ ହୋଇଯାଏ। କିନ୍ତୁ, ଯଦି ଘରେ ଅତ୍ୟଧିକ କାନ୍ଦଣା, ଚିତ୍କାର କିମ୍ବା ଆସକ୍ତି ଥାଏ, ତେବେ ଆତ୍ମା ଫସିଯାଇପାରେ।

ଶ୍ରୀକୃଷ୍ଣ କହିଛନ୍ତି, "ଭଗବାନଙ୍କ ନାମ ଜପ କରିବା ଆତ୍ମାର ସର୍ବୋତ୍ତମ ପଥ। ଏହା ଭୟ, ଆସକ୍ତି, ଦୁଃଖ ଏବଂ ଭ୍ରମକୁ ଅତିକ୍ରମ କରି ଆଲୋକ ଆଡକୁ ଗତି କରିବାରେ ସାହାଯ୍ୟ କରେ। କାର୍ଯ୍ୟ ଏବଂ ପ୍ରେମ ହେଉଛି ଜୀବନର ପ୍ରକୃତ ସମ୍ପତ୍ତି। ଏଗୁଡ଼ିକ ହିଁ ଆତ୍ମାକୁ ଆଗକୁ ବଢ଼ାଏ ।

# ଆପଣଙ୍କ ଫୋନକୁ କିଏ କଣ୍ଟ୍ରୋଲ କରୁଛି ଏମିତି ଜାଣନ୍ତୁ




ଆଜିର ଡିଜିଟାଲ୍ ଯୁଗରେ, ଫୋନ୍ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ଫୋନ୍ କିମ୍ବା ସ୍ମାର୍ଟଫୋନ୍ ବିନା ଆମେ ଜୀବନ କଳ୍ପନା କରିପାରିବା ନାହିଁ। କଲ୍ କରିବା ପାଇଁ, ମନୋରଞ୍ଜନ ଏବଂ ସୂଚନା ପାଇବା ପାଇଁ ମୋବାଇଲ ଫୋନ ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି। ଏହି କାରଣରୁ ଅନେକ ଗ୍ୟାଙ୍ଗ୍ ଏବଂ ସାଇବର ଅପରାଧୀ ଆମର ସ୍ମାର୍ଟଫୋନ୍ ହ୍ୟାକ୍ କରିବାକୁ ଚେଷ୍ଟା କରନ୍ତି ଏବଂ ଆମର ବ୍ୟକ୍ତିଗତ ଏବଂ ବ୍ୟାଙ୍କିଂ ସୂଚନା ପାଇବା ପାଇଁ ସାଇବର ଆକ୍ରମଣ ଆରମ୍ଭ କରନ୍ତି। ଏହାକୁ ଏଡାଇବା କଷ୍ଟକର ହୋଇପାରେ, କିନ୍ତୁ ଏହି ଆଲେଖ୍ୟରେ ଆପଣ ମଧ୍ୟ ଜାଣିପାରିବେ ଯେ ଆପଣଙ୍କ ମୋବାଇଲ୍ ଫୋନ୍ ହ୍ୟାକ୍ ହୋଇନାହିଁ ତ ! କେଉଁ ସବୁ ସଙ୍କେତ ଦେଖିଲେ ଆପଣ ବି ଜାଣିବେ ଯେ ଆପଣଙ୍କ ଫୋନ ହ୍ୟାକ ହୋଇଯାଇଛି । ଯଦି ଆପଣଙ୍କ ଫୋନ୍ ଅତ୍ୟଧିକ ଗରମ ହେଉଛି, ତେବେ ଏହା ସର୍ବଦା ଏକ ସମସ୍ୟା ନୁହେଁ। ଏହା ମଧ୍ୟ ହୋଇପାରେ ଯେ ସାଇବର ଅପରାଧୀମାନେ ଆପଣଙ୍କ ଫୋନ୍ ହ୍ୟାକ୍ କରିଛନ୍ତି। ଯେତେବେଳେ କେହି ସ୍ପାଏ ଆପ୍ ବ୍ୟବହାର କରି ଆପଣଙ୍କ ଫୋନ୍ ହ୍ୟାକ୍ କରନ୍ତି, ବ୍ୟାଟେରୀ ଏବଂ ଡାଟା ବ୍ୟବହାର ବୃଦ୍ଧି ପାଏ। ଏହା ମୋବାଇଲ୍ ହାର୍ଡୱେର୍ ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ସ୍ମାର୍ଟଫୋନ୍ ଅତ୍ୟଧିକ ଗରମ କରିଦିଏ। ଯଦି ଆପଣଙ୍କ ଫୋନ୍ ହ୍ୟାକ୍ ହୋଇଯାଏ, ତେବେ ସବୁଠାରୁ ବଡ଼ ସଙ୍କେତ ହେଉଛି ଆପଣଙ୍କ ଫୋନ୍ ର ଡାଟା ବ୍ୟବହାର ହଠାତ୍ ବୃଦ୍ଧି ପାଇବା। ଏହା ଘଟେ କାରଣ ଯେତେବେଳେ ହ୍ୟାକର୍ସ ଆପଣଙ୍କ ଫୋନ୍ କୁ ସେମାନଙ୍କର ସର୍ଭର ସହିତ ସଂଯୋଗ କରନ୍ତି, ସେମାନେ ଫୋନ୍ ରେ ସଂରକ୍ଷିତ ସମସ୍ତ ସୂଚନାକୁ ନିଜ ପାଖକୁ ସ୍ଥାନାନ୍ତର କରିବା ଆରମ୍ଭ କରନ୍ତି। ଏହା ଦ୍ୱାରା ଆପଣଙ୍କର ଇଣ୍ଟରନେଟ୍ ଶୀଘ୍ର ସରିଯାଏ। ଏହା ଜାଣିବା ପାଇଁ, ଆପଣଙ୍କ ଫୋନ୍ ର ସେଟିଂସକୁ ଯାଆନ୍ତୁ ଏବଂ ଆପଣଙ୍କର ଡାଟା ବ୍ୟବହାର ଯାଞ୍ଚ କରନ୍ତୁ। ଏହା ଦ୍ୱାରା କେଉଁ ଆପ୍ ଅତ୍ୟଧିକ ଡାଟା ବ୍ୟବହାର କରୁଛି ତାହା ଜଣାପଡିବ। ହ୍ୟାକର୍ସ ଆପଣଙ୍କ ଫୋନ୍ ହ୍ୟାକ୍ କରିବାର ସବୁଠାରୁ ସାଧାରଣ କାରଣ ହେଉଛି ବ୍ୟାଙ୍କ ଏବଂ ଆର୍ଥିକ କାରବାର ସହିତ ଜଡିତ ମେସେଜ୍। ଏଗୁଡ଼ିକ ମାଧ୍ୟମରେ, ସେମାନେ ବ୍ୟାଙ୍କ ଠକେଇ କରି ଆପଣଙ୍କର ସଞ୍ଚୟକୁ ହ୍ରାସ କରିପାରିବେ। ଯଦି ଆପଣଙ୍କ ଫୋନ୍ ରେ ମେସେଜ୍ ଫରୱାର୍ଡିଂ ବିକଳ୍ପ ସ୍ୱୟଂଚାଳିତ ଭାବରେ ସକ୍ଷମ ହୋଇଯାଏ କିମ୍ବା ଆପଣଙ୍କ କଲ୍ ଅନ୍ୟ ନମ୍ବରକୁ ଡାଇଭର୍ଟ କରାଯାଉଛି, ତେବେ ବୁଝନ୍ତୁ ଯେ ଜଣେ ହ୍ୟାକର କିମ୍ବା ଠକ ଆପଣଙ୍କ ମେସେଜ୍ ପଢୁଛନ୍ତି ଏବଂ କଲ୍ ଶୁଣୁଛନ୍ତି। ଯଦି ଆପଣଙ୍କ ଅନୁମତି ବିନା ଆପଣଙ୍କ ସ୍ମାର୍ଟଫୋନରେ ଅଜଣା ଆପ୍ ସ୍ୱୟଂଚାଳିତ ଭାବରେ ଡାଉନଲୋଡ୍ ହେଉଛି, ତେବେ ଏହା ହ୍ୟାକିଂର ଏକ ସଙ୍କେତ ହୋଇପାରେ। ହ୍ୟାକର୍ସ ଆପଣଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇବା ପାଇଁ ଆପଣଙ୍କ ଫୋନ୍ ରେ ଗୁପ୍ତଚର ଆପ୍ ଇନଷ୍ଟଲ କରିପାରନ୍ତି ।

# ୯ରୁ ବାଜିବ ମହିଳା ପ୍ରିମିୟର ଲିଗ୍ ବିଗୁଲ୍

## ବିଜୟ-ପରାଜୟର ରୋମାଞ୍ଚରେ ଝୁମିବେ କ୍ରିକେଟ୍‌ପ୍ରେମୀ




**ନୂଆଦିଲ୍ଲୀ**

ଆଇପିଏଲ ଢାଞ୍ଚାରେ ୨୦୨୩ରୁ ଆରମ୍ଭ ହୋଇଥିଲା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁଏଲ)। ୫ଟି ଦଳ ଦିଲ୍ଲୀ କ୍ୟାପିଟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଜାଏଣ୍ଟସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୟୁପି ୱାରିୟର୍ସ। ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦ୍ୱିତୀୟ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ ହୋଇଥିଲା। ପୁଣି ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ଟାଇଟଲ ଜିତିଥିଲା। ଏଥର ଚତୁର୍ଥ ସଂସ୍କରଣ ଆସନ୍ତା ୯ରୁ ଆରମ୍ଭ ହୋଇ ଫେବୃଆରୀ ୫ ତାରିଖରେ ଶେଷ ହେବ। ଏହି ସଂସ୍କରଣରେ ୫ଟି ଦଳ ମୋଟ୍ ୨୨ଟି ମ୍ୟାଚ୍ ଖେଳିବେ। ନଭି ମୁମ୍ବାଇ ଓ ଭଦୋଦରାରେ ସମସ୍ତ ମ୍ୟାଚ୍ ଖେଳାଯିବ।

ଗତ ନଭେମ୍ବର ଶେଷ ସପ୍ତାହରେ ୨୦୨୬ ସଂସ୍କରଣର ଡବ୍ଲୁପିଏଲ ପାଇଁ ଖେଳାଳି ନିଲାମ ହୋଇଥିଲା। ଭାରତର ଷ୍ଟାର ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ୟୁପି ୱାରିୟର୍ସ ୩.୨ କୋଟି ଟଙ୍କା ମୂଲ୍ୟରେ କିଣିଥିଲା। ନ୍ୟୁଜିଲାଣ୍ଡର ଆମେଲିଆ କେର, ଶୋଫି ଡିଭାଇନ, ଶିଖା ପାଣ୍ଡେ, ମେଗ ଲାନିଂ, ଶ୍ରୀ ଚରଣୀ ଅନ୍ୟ ଦାମୀ ଖେଳାଳି ଭାବେ ବିକ୍ରି ହୋଇଥିଲେ।

ମିନି ନିଲାମୀରେ ୭୩ଟି ସ୍ଥାନ ପାଇଁ ୨୭୭ ଜଣ ଖେଳାଳିଙ୍କୁ ନେଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ୮୩ଜଣ ବିଦେଶୀ ଖେଳାଳି ରହିଥିଲେ। ବିଦେଶୀ ଖେଳାଳିଙ୍କ ପାଇଁ ସମସ୍ତ ଫ୍ରାଞ୍ଚାଇଜ୍‌ରେ ୨୩ଟି ସ୍ଥାନ ଫାଙ୍କା ରହିଥିଲା। ତାଲିକାରେ ଅଷ୍ଟ୍ରେଲିଆରୁ ସର୍ବାଧିକ ୨୩ ଖେଳାଳି, ଇଂଲଣ୍ଡରୁ ୨୨, ନ୍ୟୁଜିଲାଣ୍ଡରୁ ୧୩ ଓ ଦକ୍ଷିଣ ଆଫ୍ରିକାରୁ ୧୧ ଜଣ ଖେଳାଳି ସ୍ଥାନ ପାଇଥିଲେ।

ୟୁପି ୱାରିୟର୍ସ ମେଗ ଲ୍ୟାନିଂ (୧କୋଟି ୯୦ଲକ୍ଷ), ଫୋଏବ ଲିଚଫିଲ୍ଡ (୧କୋଟି ୨୦ ଲକ୍ଷ), କିରଣ ନଭଗିରେ, ଶିଖା ପାଣ୍ଡେ (୨କୋଟି ୪୦ଲକ୍ଷ), କ୍ରାନ୍ତି ଗୌଡ଼ଙ୍କୁ କିଣିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ୩ କୋଟି ଟଙ୍କା ମୂଲ୍ୟରେ ଆମେଲିଆ କେରଙ୍କୁ ଦଳକୁ ଫେରାଇ ଆଣିବାରେ ସଫଳ ହୋଇଥିଲା। ଗୁଜରାଟ ଜାଏଣ୍ଟ୍‌ସ ୨କୋଟି ଟଙ୍କାରେ ଶୋଫି ଡିଭାଇନ, ୧ କୋଟି ଟଙ୍କାରେ ଜର୍ଜିୟା ୱାରେହାମ, ୭୦ ଲକ୍ଷ ଟଙ୍କାରେ ଭାରତୀ ଫୁଲମାଲିଙ୍କୁ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ୧ କୋଟି ୩୦ ଲକ୍ଷ ଟଙ୍କାରେ ଶ୍ରୀ ଚରଣୀଙ୍କୁ, ଚିନେଲି ହେନରୀଙ୍କୁ ୧ କୋଟି ୩୦ ଲକ୍ଷ ଓ ଲୌରା ଉଲଭାର୍ଟଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାରେ କିଣିଥିଲା।

ଡବ୍ଲୁପିଏଲ ନିଲାମିରେ ବିକ୍ରି ହେବାରେ ସବୁଠୁ କନିଷ୍ଠା ଖେଳାଳି ହେଉଛନ୍ତି ଦିୟା ଯାଦବ। ତାଙ୍କୁ ଏବେ ମାତ୍ର ୧୬ ବର୍ଷ ବୟସ। ସେ ମୂଳ ଦର ୧୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ କିଣିଥିଲା।

# ରାହୁଲ ଦ୍ରାବିଡ଼ଙ୍କୁ ପଛରେ ପକାଇଲେ ଷ୍ଟିଭ୍ ସ୍ମିଥ୍



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟର ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଟେଷ୍ଟ କ୍ରିକେଟରେ ଏକ ନୂତନ ଇତିହାସ ରଚିଛନ୍ତି। ମେଲବର୍ଣ୍ଣଠାରେ ଚାଲିଥିବା ଆସେସ୍ ସିରିଜର ଚତୁର୍ଥ ଟେଷ୍ଟରେ ସ୍ମିଥ୍ ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ଼ଙ୍କୁ ପଛରେ ପକାଇ ସର୍ବାଧିକ ଟେଷ୍ଟ କ୍ୟାଚ୍ ଧରିବା କ୍ଷେତ୍ରରେ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଏହାସହ ସେ ନିଜର ୩୭ତମ ଟେଷ୍ଟ ଶତକ ହାସଲ କରି ଡନ୍ ବ୍ରାଡମ୍ୟାନ୍‌ଙ୍କ ରେକର୍ଡ ଅଭିମୁଖେ ଆଗକୁ ବଢୁଛନ୍ତି। ମେଲବର୍ଣ୍ଣ ଟେଷ୍ଟରେ ସ୍ମିଥ୍ ବ୍ୟାଟିଂରେ ବିଶେଷ ସଫଳତା ପାଇନଥିଲେ ମଧ୍ୟ ଫିଲ୍ଡିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସରେ ଦୁଇଟି କ୍ୟାଚ୍ ଧରିବା ସହ ଟେଷ୍ଟ କ୍ରିକେଟରେ ତାଙ୍କର ମୋଟ କ୍ୟାଚ୍ ସଂଖ୍ୟା ୨୧୨ରେ ପହଞ୍ଚିଛି। ଏହା ପୂର୍ବରୁ ରାହୁଲ ଦ୍ରାବିଡ଼ ୨୧୦ଟି କ୍ୟାଚ୍ ସହ ଦ୍ୱିତୀୟ ସ୍ଥାନରେ ଥିଲେ। ବର୍ତ୍ତମାନ ସ୍ମିଥ୍‌ଙ୍କ ଆଗରେ କେବଳ ଇଂଲଣ୍ଡର ଜୋ ରୁଟ୍ (୨୧୪ କ୍ୟାଚ୍) ରହିଛନ୍ତି। ଷ୍ଟିଭ୍ ସ୍ମିଥ୍ ନିକଟରେ ନିଜର ୩୭ତମ ଟେଷ୍ଟ ଶତକ ପୂରଣ କରିଛନ୍ତି। ଏହି ମାଇଲଖୁଣ୍ଟ ଛୁଇଁବାରେ ସେ ସଚିନ ତେନ୍ଦୁଲକରଙ୍କ ଠାରୁ ମଧ୍ୟ ଦ୍ରୁତତର ହୋଇଛନ୍ତି। ଆସେସ୍ ଇତିହାସରେ ସର୍ବାଧିକ ଶତକ ମାମଲାରେ ସେ ବର୍ତ୍ତମାନ ଡନ୍ ବ୍ରାଡମ୍ୟାନ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବ୍ରାଡମ୍ୟାନ୍‌ଙ୍କ ନାମରେ ୧୯ଟି ଆସେସ୍ ଶତକ ଥିବାବେଳେ ସ୍ମିଥ୍ ଏବେ ୧୩ଟି ଶତକ ହାସଲ କରି ସାରିଲେଣି।

# ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ ସେମିଫାଇନାଲରେ ଜେ.ସି.ଏ, ଭୁବନେଶ୍ୱର




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦିନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାରର ଖେଳରେ ଜେ.ସି.ଏ, ଭୁବନେଶ୍ୱର କିଶୋର କ୍ଲବ, ଭୁବନେଶ୍ୱରକୁ ୫୭ ରନ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।

# ଆଇସିସିର ଜବାବ ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନେବ ବାଂଲାଦେଶ




**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ ଫେବୃଆରୀ ୭, ୨୦୨୬ ରେ ଆରମ୍ଭ ହେବାକୁ ଯାଉଛି, କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ କ୍ରିକେଟ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି।

୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଭାରତ ଗସ୍ତ ନେଇ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ସଭାପତି ଅମିନୁଲ ଇସଲାମ କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ ଟି-୨୦ ବିଶ୍ୱକପ୍ ପାଇଁ ଜାତୀୟ ଦଳକୁ ଭାରତ ପଠାଇବାକୁ ବୋର୍ଡ ଆଗ୍ରହୀ ନୁହେଁ। ବିସିବି ଆନୁଷ୍ଠାନିକ ଭାବରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)କୁ ଟୁର୍ଣ୍ଣାମେଣ୍ଟର କିଛି ମ୍ୟାଚ୍ ଭାରତ ବାହାରେ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛି। ଏବେ ବିସିସିଆଇ ନୁହେଁ ଆଇସିସି ସହ କଥା ହେବୁ ବୋଲି କହିଛି ବିସିବି।

ବିସିବି ସଭାପତି ଅମିନୁଲ ଇସଲାମ କହିଛନ୍ତି କି, ସମସ୍ତ ବୋର୍ଡ ନିର୍ଦ୍ଦେଶକଙ୍କ ସହ ଦୁଇଟି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଖେଳାଳିଙ୍କ ସୁରକ୍ଷା ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ଏବଂ ଏହି ଉଲ୍ଲେଖ କରାଯାଇ ଆଇସିସିକୁ ଏକ ଚିଠି ପଠାଯାଇଛି। ଏବେ ଆଇସିସିର ଉତ୍ତରକୁ ଅପେକ୍ଷା ରହିଛି। ପରବର୍ତ୍ତୀ ଆକ୍ସନ ଜବାବ୍ ଆସିବା ଉପରେ ନିର୍ଭର କରୁଛି। ଆମେ ବିସିସିଆଇ ସହିତ ସିଧାସଳଖ କଥା ହେଉନାହୁଁ କାରଣ ଟି-୨୦ ବିଶ୍ୱକପ୍ ଏକ ଆଇସିସି ଇଭେଣ୍ଟ। ଆମେ ଆଇସିସି ସହିତ ଯୋଗାଯୋଗରେ ଅଛୁ ଏବଂ ଆମର ପକ୍ଷ ରଖିବାକୁ ସେମାନଙ୍କ ସହିତ ଏକ ବୈଠକ ପାଇଁ ଆଶା କରୁଛୁ।'

ବାଂଲା କ୍ରିକେଟର ମୁସ୍ତାଫିଜୁରଙ୍କୁ ବିଦା କରାଯିବା ପରେ ଭାରତଠାରୁ ପ୍ରତିଶୋଧ ନେଇଛି ବାଂଲାଦେଶ। ବାଂଲାଦେଶୀରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢି ଚାଲିଛି। ଏହାପରେ ବାଂଲା କ୍ରିକେଟରଙ୍କୁ ଆଇପିଏଲ ଖେଳାଯିବାକୁ ନେଇ ବିରୋଧ ହୋଇଥିଲା। ବିସିସିଆଇ ନିର୍ଦ୍ଦେଶ ପରେ ମୁସ୍ତାଫିଜୁରଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ରିଲିଜ କରିଥିଲା। ଏହାପରେ ବାଂଲାଦେଶ ସରକାର ବଡ଼ ନିଷ୍ପତ୍ତି ନେଇ ଆଇପିଏଲର ସବୁ ମ୍ୟାଚର ପ୍ରସାରଣ ଉପରେ ରୋକ୍ ଲଗାଇଛନ୍ତି। ବାଂଲାର ଏହି ନିଷ୍ପତ୍ତି ଭାରତ-ବାଂଲାଦେଶ କ୍ରିକେଟ୍ ସମ୍ପର୍କ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି।

# ସାଇନ୍‌ଙ୍କୁ ଦ୍ୱିତୀୟ ବିବାହ କରିବେ ଶିଖର ଧାୱନ



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ଦ୍ୱିତୀୟ ଥର ବିବାହ କରିବାକୁ ଯାଉଛନ୍ତି। ୪୦ ବର୍ଷ ବୟସ୍କ ଧାୱନ ତାଙ୍କ ପ୍ରେମିକା ଆୟରଲାଣ୍ଡର ସୋଫି ସାଇନ୍‌ଙ୍କୁ ବିବାହ କରିବାକୁ ଯାଉଛନ୍ତି ଶିଖର। ଫେବୃୟାରୀ ତୃତୀୟ ସପ୍ତାହରେ ଦିଲ୍ଲୀର ଏକ ତାରକା ହୋଟେଲରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟ୍ ଓ ବଲିଉଡ୍‌ର କିଛି ନାମୀ ତାରକା ସାମିଲ ହେବେ ବୋଲି ଗଣମାଧ୍ୟମ ରିପୋର୍ଟରୁ ପ୍ରକାଶ। ଏକ ଆଡ଼ମ୍ବରପୂର୍ଣ୍ଣ ବିବାହ ଲାଗି ପ୍ରସ୍ତୁତି ଚଳିଛି। ଏହି ବିବାହକୁ ଧାୱନ ଓ ତାଙ୍କ ଭାବି ପତ୍ନୀ ସୋଫି ସାଇନ୍ ଗୋପନ ରଖିବାର ପ୍ରୟାସ କରିଥିଲେ। ଗତବର୍ଷ ପ୍ରାରମ୍ଭରେ ଦୁବାଇରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ସାଇନ୍‌ଙ୍କ ସହ ଶିଖରଙ୍କର ପ୍ରଥମ ଭେଟ ହୋଇଥିଲା। ପରେ ଉଭୟଙ୍କ ସମ୍ପର୍କ ଘନିଷ୍ଠ ହେବାରେ ଲାଗିଥିଲା। ସୋଫିଙ୍କ ସହ ଧାୱନଙ୍କ ସମ୍ପର୍କକୁ ନେଇ ବିଭିନ୍ନ ଖବର ପ୍ରକାଶ ପାଇଥିଲା। ଗତ କିଛିମାସ ହେଲା ଶିଖର ଓ ସାଇନ୍ ଏକାଠି ମଧ୍ୟ ରହୁଛନ୍ତି। ନିକଟରେ ସେମାନେ ବଡ଼ଦିନ ପାଳନ କରୁଥିବାର ଫଟୋ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଶିଖର ଧାୱନ ପୂର୍ବରୁ ଭାରତରେ ଜନ୍ମ ନେଇଥିବା ଅଷ୍ଟ୍ରେଲୀୟ କିକ୍ ବକ୍ସର ଆୟେଶା ମୁଖାର୍ଜୀଙ୍କୁ ୨୦୧୨ରେ ବିବାହ କରିଥିଲେ। ଧାୱନଙ୍କଠାରୁ ଆୟେଶା ବୟସରେ ୮ ବର୍ଷ ବଡ଼ ଥିଲେ ଏବଂ ତାଙ୍କର ପୂର୍ବରୁ ଦୁଇଟି ସନ୍ତାନ ଥିଲେ। ଶିଖରଙ୍କୁ ବିବାହ ପରେ ଆୟେଶା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତା'ର ନାମ ହେଉଛି ଜୋରାବର ଧାୱନ। ୨୦୨୧ରେ ଧାୱନ-ଆୟେଶାଙ୍କର ବିବାହ ବିଚ୍ଛେଦ ହୋଇଥିଲା। ୩୫ ବର୍ଷ ବୟସ୍କା ସୋଫି ସାଇନ୍ ଏବେ ଆବୁଧାବିରେ ରହୁଛନ୍ତି। ଶିଖର ଧାୱନ ଫାଉଣ୍ଡେସନ୍‌ର ଚଳାଉଛନ୍ତି।

# ଦୁରିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା ବୈଦେହୀ ସାଗର ଖେଳ ପଡ଼ିଆ ଠାରେ ୧୦ତମ ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱର୍ଗତ ଭଗବାନ ଦୁରିଆଙ୍କ ନାତି କ୍ଷେତ୍ର ମୋହନ ଦୁରିଆଙ୍କ ପ୍ରଚେଷ୍ଟା ଓ ଶିବ ଶକ୍ତି କ୍ରିକେଟ କ୍ଲବ ଚିନ୍ଦାଗୁଡ଼ାର ଯୁବକମାନଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଗତ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏଥିରେ ୨୬ ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ନେହେନା ଓ ବିଜେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ନେହେନା ଦଳ ପ୍ରଥମ ବ୍ୟାଟିଂ କରି ବିଜେପୁର ଘାତକ ବୋଲିଂ ଆଗରେ ମାତ୍ର ୫୮ ରନ କରିବାରେ ସକ୍ଷମ ହୋଇଥିଲା। ବିଜେପୁର ଦଳ ୫୮ ରନର ପିଛା କରି ମାତ୍ର ଛଅ ଓଭର ମଧ୍ୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଏହି ଫାଇନାଲ ଖେଳକୁ ପ୍ରସିଦ୍ଧ ଡ୍ୟାନସିଂ ଅମ୍ପୟାର ବସନ୍ତ ଶବର ଓ ବିରେଶ୍ୱର ବିଶି ପରିଚାଳନା କରିଥିବାବେଳେ ମ୍ୟାଚ୍ ରିଫେରି ଭାବରେ ଦୁଲ୍ଲଭଚନ୍ଦ୍ର ମାଝୀ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ସ୍କୋରର ଭାବରେ ଭାରତ ଭୂଷଣ ମାଝୀ ଓ ଭାଷ୍ୟକାର ଭାବରେ ସାରାନ୍ସ ଦୁରିଆ ଓ ଶିବଦତ୍ତ କୁମାର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଅବସରରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଫିସର ବୁଟୁଲୁ ମାଝୀ, ସାମ୍ବାଦିକ କୁନୁ କରୁଆଁ, ଶିକ୍ଷକ ହେମନ୍ତ ମାଝୀ, ଅବସର ପ୍ରାପ୍ତ ଏକ୍ସ ଆର୍ମୀ ପବିତ୍ର ମାଝୀ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ତିରିଶ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ଅଠର ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ପରିଶେଷରେ ଆୟୋଜକ କ୍ଷେତ୍ର ମୋହନ ଦୁରିଆଙ୍କ ଦ୍ୱାରା ଚିନ୍ଦାଗୁଡ଼ା ପଞ୍ଚାୟତର ସତାଧିକ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଶିବ ଶକ୍ତି କ୍ରିକେଟ କ୍ଲବର ହରେକୃଷ୍ଣ ବାରିକ, ଚୁମନଲାଲ ବାଗ, ଦିଗାମ୍ବର ବାଗ, ଜ୍ୟୋତି ପ୍ରକାଶ ମାଝୀ, ରୋଶନ ପ୍ରଧାନୀ କେଶରୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଟଙ୍କା ପାଇଁ ୟୁଟ୍ୟୁବରେ ଭିଡିଓ କରିବେ ବିରାଟ କୋହଲି : ମିଷ୍ଟର ବିଷ୍ଟ



**ନୂଆଦିଲ୍ଲୀ**

ଲୋକପ୍ରିୟ ୟୁଟ୍ୟୁବରଙ୍କ ସହ ଭିଡିଓ କରିବେ ବିରାଟ କୋହଲି। ପୂର୍ବରୁ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପରି ବିଶ୍ୱ ପ୍ରସିଦ୍ଧ ତାରକାଙ୍କ ସହିତ ଭିଡିଓ କରିଥିବା ୟୁଟ୍ୟୁବର ଏହି ଖୁଲାସା କରିଛନ୍ତି। ଲୋକପ୍ରିୟ ଆମେରିକୀୟ ୟୁଟ୍ୟୁବର ମିଷ୍ଟର ବିଷ୍ଟ ପୁଣିଥରେ ଭାରତୀୟ କ୍ରିକେଟ ତାରକା ବିରାଟ କୋହଲିଙ୍କ ସହ କାମ କରିବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ସେ ବିରାଟଙ୍କ ସହ ଏକ ଭିଡିଓ ଶୁଟିଂ କରିବା ପାଇଁ ଚେଷ୍ଟା କରୁଛନ୍ତି।

ମିଷ୍ଟର ବିଷ୍ଟ ସିଧାସଳଖ ବିରାଟଙ୍କୁ ସମ୍ବୋଧନ କରି କହିଛନ୍ତି, "ହାଏ ବିରାଟ କୋହଲି, ମୁଁ ତୁମ ସହ ଭିଡିଓ ଶୁଟ୍ କରିବାକୁ ଚେଷ୍ଟା କରୁଛି।" ପୂର୍ବରୁ ୨୦୨୫ରେ ମଧ୍ୟ ସେ କୋହଲିଙ୍କୁ ଏହି ଅନୁରୋଧ କରିଥିଲେ। ଭାରତକୁ ନିଜର ସବୁଠାରୁ ବଡ଼ ଦର୍ଶକ ବର୍ଗ ଭାବେ ଦର୍ଶାଇ ସେ ଭାରତୀୟ ପ୍ରଶଂସକଙ୍କ ପାଇଁ କିଛି ସ୍ୱତନ୍ତ୍ର କରିବାକୁ ଚାହୁଁଥିବା କହିଛନ୍ତି।

ଜାନୁଆରୀ ୭, ୨୦୨୬ରୁ ପ୍ରାଇମ ଭିଡିଓରେ ଆରମ୍ଭ ହେବାକୁ ଥିବା ତାଙ୍କର ରିଆଲିଟି ଶୋ'ରେ ପ୍ରସିଦ୍ଧ ଭାରତୀୟ ୟୁଟ୍ୟୁବର କ୍ୟାରିମିନାଟି ମଧ୍ୟ ନଜର ଆସିବେ ବୋଲି ସେ ନିଶ୍ଚିତ କରିଛନ୍ତି। ଏହି ଶୋ'ର ଦ୍ୱିତୀୟ ସିଜନରେ ୨୦୦ ଜଣ ପ୍ରତିଯୋଗୀ ୫ ମିଲିୟନ ଡଲାର (ପ୍ରାୟ ୪୧ କୋଟିରୁ ଅଧିକ ଟଙ୍କା) ପୁରସ୍କାର ପାଇଁ ପରସ୍ପର ସହ ଲଢ଼ିବେ।

ମିଷ୍ଟର ବିଷ୍ଟଙ୍କ ଏହି ଆହ୍ୱାନ ପରେ ସୋସିଆଲ ମିଡିଆରେ କ୍ରିକେଟ ପ୍ରେମୀ ଓ ୟୁଟ୍ୟୁବ୍ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଯଦି ଏହି ଦୁଇ ଜଣ ଏକାଠି ହୁଅନ୍ତି, ତେବେ ଏହା ଡିଜିଟାଲ ଜଗତର ସବୁଠାରୁ ବଡ଼ ସହଯୋଗ ହେବ ବୋଲି କୁହାଯାଉଛି।

# ଡାକ୍ତର ସଂଘର ଆନ୍ଦୋଳନ : ରୋଗୀ ହନ୍ତସନ୍ତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଡିସେମ୍ବର ୨୬ ତାରିଖରୁ ଡାକ୍ତର ସଂଘ ପକ୍ଷରୁ ଘଣ୍ଟା ଲେଖାଏଁ ଓପିଡି କାର୍ଯ୍ୟବନ୍ଦ କରି ଆନ୍ଦୋଳନ ଜାରି ରହିଥିବା ବେଳେ ଏହାକୁ ୨ ଘଣ୍ଟାକୁ ବୃଦ୍ଧି କରାଯାଇଛି। ସକାଳ ୯ଟା ଠାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଥିଲେ ଡାକ୍ତର। ୨୦୨୪ ସେପ୍ଟେମ୍ବର ୧୮ ଠାରୁ ସରକାରଙ୍କ ନିକଟରେ ୧୮ଦଫା ଦାବି ରଖିଥିଲୁ, ଯାହା ଆଜି ଯାଏଁ ପୂରଣ ହୋଇପାରିନାହିଁ। ଏଥିପାଇଁ ସେପ୍ଟେମ୍ବର ମାସ ୨୦ ତାରିଖରୁ କଳା ବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ଆନ୍ଦୋଳନ ପୂର୍ବକ ସରକାରଙ୍କ ଜଣାଇଥିଲୁ। ଏହାପରେ ଆମେ ଡିସେମ୍ବର ୨୬ରୁ ୧ ଘଣ୍ଟା ପାଇଁ ଓପିଡିକୁ ବନ୍ଦ ରଖି ସରକାରଙ୍କ ସହ ଆଲୋଚନା ପାଇଁ ଦାବି କରିଥିଲୁ। ଏଥିରେ କୌଣସି ବାଟ ନ ଫିଟିବାରୁ ସକାଳ ୯ରୁ ୧୧ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାଦ୍ୱାରା ଏନଆରଏଚଏମର ସମସ୍ତ କାର୍ଯ୍ୟ ପ୍ରଭାବିତ ହେବ, ମିଟିଂ କିମ୍ବା ଟ୍ରେନିଂ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେବ। ସରକାର ଦାବି ନ ମାନବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ଡାକ୍ତର ସଂଘ ସଭାପତି ଡା. ସୁଭାଷ ଚନ୍ଦ୍ର ନାୟକ ଓ ସମ୍ପାଦକ ତଥା କୋଷାଧ୍ୟକ୍ଷ ଡା ସୌମ୍ୟରଞ୍ଜନ ନାୟକ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୨୬ଟି ସିଏଚସି, ୮୯ଟି ପିଏଚସି ଓ ୩ଟି ଉପଖଣ୍ଡ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୮ଟି ବିଭାଗରେ କାର୍ଯ୍ୟରତ ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

# କେନ୍ଦୁଝରରୁ ମଦୁରାଇ ଓ ରାମେଶ୍ୱରମ୍ ଅଭିମୁଖେ ବାହାରିଲେ ୧୪୦ ତୀର୍ଥଯାତ୍ରୀ

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା'ରେ କେନ୍ଦୁଝର ଜିଲ୍ଲାରୁ ୧୪୦ ଜଣ ବରିଷ୍ଠ ନାଗରିକ ମଦୁରାଇ ଓ ରାମେଶ୍ୱରମ୍ ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ସ୍ଥାନୀୟ କେନ୍ଦୁଝର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ପତାକା ପ୍ରଦର୍ଶିତ କରି ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତୀର୍ଥଯାତ୍ରୀମାନଙ୍କର ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କ ଦେଖାଶୁଣା, ଉପଯୁକ୍ତ ଖାଇବା ପିଇବା ଏବଂ ବିଶ୍ରାମ ସହିତ ଯାତ୍ରାକୁ ଆରାମଦାୟକ କରିବା ପାଇଁ ଏସ୍କୋର୍ଟ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ। ଦୀର୍ଘ ଦିନରୁ ତୀର୍ଥ ଦର୍ଶନ ପାଇଁ ଆଶା ରଖିଥିବା ବରିଷ୍ଠ ନାଗରିକମାନେ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଧାର୍ମିକ ସ୍ଥଳ ଭ୍ରମଣ କରିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

# ଆମ୍ବୁଲାନ୍ସ ମରାମତି ଗ୍ୟାରେଜ୍‌ରୁ ଚୋରି : ୩ ଗିରଫ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ଥାନା ଅନ୍ତର୍ଗତ କପାଳେଶ୍ୱରସ୍ଥିତ ଏକ ଆମ୍ବୁଲାନ୍ସ ମରାମତି ୱାର୍କସପ୍‌ରୁ ଯନ୍ତ୍ରପାତି ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ୍ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚୌଦ୍ୱାର ତଳବଜାର ଅଞ୍ଚଳର ସୁଶାନ୍ତ ବେହେରା (୨୧), ଏ. ମଧୁସୂଦନ ରେଡ୍ଡି(୨୦) ଏବଂ କାହ୍ନା ବେହେରା (୨୩)। ସେମାନଙ୍କ ନିକଟରୁ ବହୁ ପରିମାଣର ଆମ୍ବୁଲାନ୍ସ ଯନ୍ତ୍ରପାତି ପୋଲିସ୍ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ କଳିଙ୍ଗ ଛକରେ ଥିବା ଏମ୍‌ରି ଗ୍ରୀନ୍ ହେଲଥ ସର୍ଭିସ୍ ନାମକ ଏକ ୧୦୮ ଆମ୍ବୁଲାନ୍ସ ମରାମତି ଗ୍ୟାରେଜର ମ୍ୟାନେଜର ଉତ୍ତମ ତ୍ରିପାଠୀ ଗତ ନଭେମ୍ବର ୨୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଗ୍ୟାରେଜ୍‌ରେ ମରାମତି ପାଇଁ ଥିବା ପ୍ରାୟ ୩୪ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୨୦ଟି ଆମ୍ବୁଲାନ୍ସରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ବହୁ ମାତ୍ରାରେ ଯନ୍ତ୍ରପାତି ଚୋରମାନେ ଚୋରେଇ ନେଇଛନ୍ତି। ତେବେ ଗତ ରବିବାର ରାତିରେ ପ୍ରାୟ ୫ ଜଣ ଚୋର ଚୋରିପାଇଁ ପୁଣି ଗ୍ୟାରେଜ ଭିତରେ ଥିବା ପାର୍କିଂରେ ପଶିଥିବା ବେଳେ ଗ୍ୟାରେଜର ସିକ୍ୟୁରିଟି ଗାର୍ଡ଼ ଓ କର୍ମଚାରୀମାନେ ସେମାନଙ୍କୁ ଘେରି ଯାଇ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରେ ଗ୍ୟାରେଜ କର୍ମଚାରୀ ମାନେ ଧରିଥିବା ୩ ଜଣ ଚୋରଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

**OFFICE OF THE NOTIFIED AREA COUNCIL, KESINGA.** C-1988
No.20/NAC(K) Dated 03.01.2026
**TENDER CALL NOTICE**

Sealed tender are invited from registered, experienced and eligible agencies/firm for providing Tent, Light, Sound system and other ancillary arrangements for the smooth conduct of Kalahandi Utsav 2026 to be held on 10th& 11th January, 2026 at Kesinga NAC.

The detailed tender call notice (DTCN) containing terms and conditions, eligibility, criteria scope of work? and other details may be obtained from the office on payment of Rs. 600/- (non-refundable) towards cost of the tender paper along with Demand draft Rs. 5000/- drawn in favour of Executive Officer, N.A.C., Kesinga. The starting date of sale of paper Is 4.1.26 and last date sale is 8.1.26 upto 5.00 P.M. The tender paper will be received through Regd post/Speed post/By hand/Corhier up to 1.00 P.M. on 09.01.26 and the same will be on the same day at 3.00 P.M. The authority reserves the right to accept or reject any or all tenders without assigning any reason thereof.

Sd/- Executive Officer,
NAC., Kesinga
OIPR-13109/11/0051/2526

**Office of the Municipal Council, Bhawanipatna.** C-2010
NO. 29 /BPM DT. 06 / 01 / 2026
**CORRIGENDUM**

The Quotation call notice No.4154/BPM. dt. 29.12.2025 was schedule as per documents to last date of submission of Tender Paper on 06.01.2026 at 1.00 PM is hereby reschedule as follows due to unavoidable circumstances. Other terms & Conditions are remain unchanged.

| Description | As per previous published in Tender Paper | Now Changed |
|---|---|---|
| Last date of submission of EoI<br>Opening of EoI | 06/01/2026, 1.00 PM<br>06.01.2026,4.30 PM | 12/01/2026 at 5 PM<br>13/01/2026 at 11.30 AM |

Sd/- Executive Officer
Bhawanipatna Municipality
OIPR-13100/11/0025/2526

# ବିନା ଟ୍ରେଡ୍ ଲାଇସେନ୍ସରେ ଚାଲିଛି ୫୩୦ରୁ ଉର୍ଦ୍ଧ୍ୱ ଦୋକାନ : ରାଜସ୍ୱ ହରାଉଛି ଜଳେଶ୍ୱର ପୌରପାଳିକା



**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକାରେ ୫୩୦ରୁ ଉର୍ଦ୍ଧ୍ୱ ଦୋକାନ ବିନା ଟ୍ରେଡ୍ ଲାଇସେନ୍ସରେ ଚାଲିଛି। ଉତ୍ତର ବାଲେଶ୍ୱର ସମେତ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳ-ବାସୀଙ୍କ ପାଇଁ ମୁଖ୍ୟ ବ୍ୟବସାୟ କେନ୍ଦ୍ର ହେଉଛି ଜଳେଶ୍ୱର ସହର। ତେବେ ଆଇନ୍ ଉଲ୍ଲଂଘନ ପୂର୍ବକ ଜଳେଶ୍ୱର ସହର ମଧ୍ୟରେ ସହସ୍ରାଧିକ ଦୋକାନ ବିନା ଟ୍ରେଡ୍ ଲାଇସେନ୍ସରେ ଚାଲିଥିବା ବେଳେ ପୌରପାଳିକା କର୍ତ୍ତୃପକ୍ଷଙ୍କ ନରମ ଆଭିମୁଖ୍ୟ ଆଇନ ଉଲ୍ଲଂଘନ-କାରୀଙ୍କୁ ସୁହାଉଛି। ଫଳରେ କର୍ତ୍ତୃପକ୍ଷ ବିପୁଳ ପରିମାଣରେ ରାଜସ୍ୱ ହରାଉଥିବା ବେଳେ ମୁନାଫା ନେଉଛନ୍ତି ଅସାଧୁ ବ୍ୟବସାୟୀ। ଜଳେଶ୍ୱର ପୌର ପାଳିକାରୁ ମିଳିଥିବା ସୂଚନା ଅନୁଯାୟୀ ଜଳେଶ୍ୱର ସହର ମଧ୍ୟରେ ପାଖାପାଖି ୮ ଶହ ବ୍ୟବସାୟୀ ରହିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଆଜିସୁଦ୍ଧା ମାତ୍ର ୨୬୮ ଜଣ ଟ୍ରେଡ ଲାଇସେନ୍ସ ଫି ପୌର ପ୍ରଶାସନକୁ ପ୍ରଦାନ କରୁଛନ୍ତି। ପୌର ପ୍ରଶାସନର ସୂଚନା ଅନୁଯାୟୀ ୫୩୦ରୁ ଉର୍ଦ୍ଧ୍ୱ ଦୋକାନ ବା ବ୍ୟବସାୟ ପ୍ରତିଷ୍ଠାନ ବିନା ଟ୍ରେଡ୍ ଲାଇସେନ୍ସରେ ଚାଲିଛି। ସବୁଠାରୁ ବଡ଼ କଥା ଯେଉଁ ୨୬୮ ଜଣ ଟ୍ରେଡ ଲାଇସେନ୍ସ ନେଇଛନ୍ତି ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ଚଞ୍ଚକତା ପୂର୍ବକ ଧାର୍ଯ୍ୟ ଦର ଠାରୁ ବହୁତ କମ୍ ମୂଲ୍ୟ ପ୍ରଦାନ କରି ପୌର ପ୍ରଶାସନକୁ ଠକି ଚାଲିଛନ୍ତି। ବିଶେଷ କରି ଟ୍ରେନ ଲାଇସେନ୍ସ ଫି' ଦେଉଥିବା ତାଲିକାରେ ଘରୋଇ ଉଦ୍ୟୋଗ ବା କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ, ମଦ ଦୋକାନ, ହୋଟେଲ ରେସ୍ତୋରାଁ, ଲଜିଂ, ନର୍ସିହୋମ, ମଟର ସୋରୁମ, କଲ୍ୟାଣ ମଣ୍ଡପ, ଘରୋଇ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଘରୋଇ ବ୍ୟାଙ୍କ, ବଡ଼ବଡ଼ ଲୁଗା ଦୋକାନ, ହାର୍ଡ ଓୟାର ଦୋକାନ, ବୈଦ୍ୟୁତିକ ସାମଗ୍ରୀ ଦୋକାନ, ଫର୍ଣ୍ଣିଚର ଦୋକାନ ଗୁଡ଼ିକ ବୃହତ ପରିସରରେ ଚାଲୁଥିବା ବେଳେ ସେହି ଅନୁସାରେ ସେମାନେ ଫି' ନ ଦେଇ ପୌର ପ୍ରଶାସନକୁ ଠକୁଛନ୍ତି। ପୌରପାଳିକା କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିୟମିତ ଭାବେ ଏପରି ଅନିୟମିତତା ବିରୋଧରେ ଚଢ଼ଉ କରାଯାଇ ଜରିମାନା ଓ ଦୋକାନ ସିଲ୍ କରିବା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ଏହାକୁ ଭୟ କରୁନାହାନ୍ତି ବ୍ୟବସାୟୀ। ପ୍ରଶାସନ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଧାର୍ଯ୍ୟ ଟ୍ରେଡ ଲାଇସେନ୍ସ ଫି' ଦେଉ ନଥିବା ବା ସମ୍ପୂର୍ଣ୍ଣ ଟ୍ରେଡ୍ ଲାଇସେନ୍ସ ନନେଇ ରାଜସ୍ୱ ଫାଙ୍କୁଥିବା ଦୋକାନୀମାନେ ଫି' ଦେବାକୁ ବାଧ୍ୟ ହୁଅନ୍ତେ ବୋଲି ସାଧାରଣରେ ଦାବି ହୋଇଛି। ଟ୍ରେଡ୍ ଲାଇସେନ୍ସ ଫି' ଆଦାୟ ହେଲେ ଏହା ଜଳେଶ୍ୱର ସହରର ସାମଗ୍ରୀକ ବିକାଶରେ ସହାୟ ହୁଅନ୍ତା ବୋଲି ମତପ୍ରକାଶ ପାଇଛି। ଏସମ୍ପର୍କରେ ଜଳେଶ୍ୱର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ପୌର ପରିଷଦ ପକ୍ଷରୁ ଟ୍ରେନ ଲାଇସେନ୍ସ ନେବାକୁ ଅଥବା ଯେଉଁମାନେ ଲାଇସେନ୍ସ ନେଇଛନ୍ତି ସେମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଫି' ଦିଅନ୍ତୁ ବୋଲି ଦୋକାନୀମାନଙ୍କୁ ନିୟମିତ ସଚେତନ କରାଯାଉଛି। ଏପରିକି ଅନେକ ସମୟରେ ଚଢ଼ଉ କରାଯାଇ ଓଡ଼ିଆରେ ଦୋକାନ ନାଁ ଲେଖି ନଥିଲେ ପାଞ୍ଚ ଶହ ଓ ଟ୍ରେଡ୍ ଲାଇସେନ୍ସ ନଥିଲେ ଏକ ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ଏହି ଚଢ଼ଉକୁ ଆହୁରି ଜୋରଦାର କରାଯିବ ବୋଲି ଶ୍ରୀ ସିଂହ ପ୍ରକାଶ କରିଛନ୍ତି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସନ୍ଧ୍ୟାରୁ ସକାଳ...

ତାଳଚେର ଏକ୍ୟୁଆଇ ଯଥାକ୍ରମେ ୩୧୦, ୩୮୦, ୩୩୨, ୨୫୫, ୨୫୭ ଏବଂ ୨୨୬ ରହିଥିଲା । ଜଙ୍ଗଲ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ସହିତ ଇଂଜିନିୟର ଓ ବରିଷ୍ଠ ବୈଜ୍ଞାନିକମାନଙ୍କର ଏକ ସ୍ୱତନ୍ତ୍ର ବୈଠକ କରାଯାଇଛି । ପ୍ରଦୂଷଣକୁ କିପରି ରୋକା ଯାଇପାରିବ ସେନେଇ ଆଲୋଚନା ହୋଇଛି । କିଛି ଦିନ ହେଲା ରାଜ୍ୟରେ ପ୍ରଦୂଷଣ ବଢୁଥିବାରୁ ପ୍ରଥମେ ବାରିପଦାରେ କଟକଣା କରାଯାଇଥିଲା । ପରବର୍ତ୍ତୀ ସମୟରେ ବାଲେଶ୍ୱରରେ ମଧ୍ୟ କରାଯାଥିଲା । ମଙ୍ଗଳବାର ଟ୍ୱିଇନ ସିଟିରେ ମଧ୍ୟ କଟକଣା ଲଗାଇଛି ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ । ଏହାକୁ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ସାଧାରଣ ନିର୍ମାଣ କାମକୁ ବନ୍ଦ କରାଯାଇଛି । ଯେହେତୁ ସକାଳ ସମୟରେ ପାଗ ଓଦା ରହିଥାଏ ସେହି ସମୟରେ ବାଲି ଉଡ଼ିପାରିବ ନାହିଁ । ତେଣୁ ପ୍ରଦୂଷଣ ବଢ଼ିବା ସମ୍ଭାବନା ଅଧିକ ଥାଏ ବୋଲି କହିଛନ୍ତି ଜଙ୍ଗଲ ମନ୍ତ୍ରୀ । ସେ ଆହୁରି କହିଛନ୍ତି, କଟକ ଭୁବନେଶ୍ୱରରେ ଅଧିକାଂଶ ସ୍ଥାନରେ କନଷ୍ଟ୍ରକସନ କାମ ଚାଲିଛି । ତେଣୁ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ କନଷ୍ଟ୍ରକସନକୁ ବନ୍ଦ କରାଯାଇଛି । ବାହାରେ ଆବର୍ଜନା କିମ୍ବା ଢ଼ାବାରେ କୋଇଲା ଜାଳିବା ଉପରେ ମଧ୍ୟ କଟକଣା ମଧ୍ୟ କରାଯାଇଛି । ରାତିରେ ଭାରି ଯାନବାହାନ ଚଳା ଚଳ ଉପରେ ମଧ୍ୟ କଟକଣା ଲାଗିଛି । ଜାତୀୟ ରାଜପଥ ଉପରେ ଦିନକୁ ୩ ଥର କରାଯିବା ପାଣି ସିଞ୍ଚନ । ମ୍ୟୁନସିପାଲଟି ଅଞ୍ଚଳରେ କୌଣସି ଭଙ୍ଗାରୁଜା କାର୍ଯ୍ୟ ହୋଇ ପାରିବ ନାହିଁ । ସହର ମଧ୍ୟରେ ଟ୍ରକ ଚଳା ଚଳ ବନ୍ଦ ରହିବ । କଟକଣାକୁ ବଳ ବତ୍ତର ରଖିବାକୁ ପୋଲିସ, ଆରଟିଓକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି ଜଙ୍ଗଲ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ । ମନ୍ତ୍ରୀ ଆହୁରି କହିଛନ୍ତି, ଏହି ସମୟରେ ପ୍ରଦୂଷଣ ଅଚାନକ ବଢ଼ିବାରେ ଲାଗିଛି । ପାଣିପାଗର ପରିବର୍ତ୍ତନ ହେଉଥିବା ସହ ଜାତୀୟ ରାଜପଥରେ କାମ ଚାଲିଛି । କ୍ରସରରେ କାମ, ବିଲଡିଂ କାମ ଇତ୍ୟାଦି ଚାଲିଛି । ଯାହା ଫଳରେ ପ୍ରଦୂଷଣ ବଢ଼ିବାରେ ଲାଗିଛି । ତେବେ ଓଡିଶା ପାଇଁ ଏହା କୌଣସି ଖରାପ ସ୍ଥିତି ଆଣିବ ନାହିଁ । ତଥାପି ଆମେ ସତର୍କ ରହିବା ଆବଶ୍ୟକ । ଆଖପାଖରେ ଶିଳ୍ପସଂସ୍ଥା ନ ଥାଇ ମଧ୍ୟ ବାଲେଶ୍ୱର, ବାରିପଦାରେ କାହିଁକି ପ୍ରଦୂଷଣ ବଢୁଛି ତାହାର ସମାଧାନ ଖୁବ ଶୀଘ୍ର ବାହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ ମନ୍ତ୍ରୀ । ପରିବହନ ବିଭାଗ ଗାଡି ଉପରେ ନଜର ରଖାଯାଇଛି । ପରିବହନ, କନଷ୍ଟ୍ରକସନ, ଅର୍ବାନ ଏବଂ ଇଣ୍ଡ୍ରଷ୍ଟି ବିଭାଗ ସହିତ ଆଲୋଚନା କରାଯାଉଛି । ଖୁବ ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି ମନ୍ତ୍ରୀ । ଏପଟେ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ବରିଷ୍ଠ ବୈଜ୍ଞାନିକ ନିରଞ୍ଜନ ମଲ୍ଲିକ କହିଛନ୍ତି, ପ୍ରଦୂଷଣ ବଢ଼ିବାରେ ମୁଖ୍ୟ କାରଣ ହେଉଛି , ଖରାପ ରାସ୍ତା । ବାଲି ଟ୍ରକ ଯିବାବେଳେ ରାସ୍ତାରେ ଧୂଳି ଉଡୁଛି । ଯାହା ଫଳରେ ପ୍ରଦୂଷଣ ବଢୁଛି । ଏହାକୁ କିଭଳି ଭାବରେ ରୋକାଯାଇ ପାରିବ ସେନେଇ ଆଲୋଚାନ କରାଯାଉଛି ବୋଲି କହିଛନ୍ତି ।

## ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ...

ପାସ୍ କରିବା ପରେ ୧୯୯୦ରେ ଆନନ୍ଦପୁର କଲେଜରୁ ଯୁକ୍ତ୨ ପାସ୍ କରିଥିଲେ । ଚମ୍ପୁଆ ଚନ୍ଦ୍ରଶେଖର କଲେଜରୁ ୧୯୯୩ରେ ସ୍ନାତକ (ଗ୍ରାଜୁଏସନ) ଏବଂ ପରେ ସ୍ନାତକୋତ୍ତର (ଏମ୍ଏ) ପାସ୍ କରିଥିଲେ । ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଏଲଏଲବି ପାସ୍ କରି ପ୍ରଥମେ ଝୁମ୍ପୁରାସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା (ଗୁରୁଜୀ) ଆରମ୍ଭ କରିଥିଲେ । ଶିକ୍ଷକତା ସମୟରୁ ହିଁ ତାଙ୍କ ମଧ୍ୟରେ ସମାଜସେବା ଓ ଶୃଙ୍ଖଳିତ ଜୀବନଯାପନର ମୂଳଦୁଆ ପଡ଼ିଥିଲା । ତାଙ୍କର ରାଜନୈତିକ ଜୀବନ ତୃଣମୂଳ ସ୍ତରରୁ ଆରମ୍ଭ ହୋଇଥିଲା । ସେ ପ୍ରଥମେ ନିଜ ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ୧୯୯୭ରେ ନିର୍ବାଚିତ ହୋଇଥିଲେ । ୨୦୦୦ ମସିହା ଯାଏ ସେ ଏହି ପଦବୀରେ ଜନସେବା କରିଥିଲେ । ଏହାପରେ ସେ କେନ୍ଦୁଝର ସଦର ବିଧାନସଭା ଆସନରୁ ଭାଜପା ଟିକେଟରେ ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ବିଜୟୀ ହୋଇଛନ୍ତି । ୨୦୧୯ରୁ ୨୦୨୪ ମଧ୍ୟରେ ସେ ଭାଜପାର ମୁଖ୍ୟ ସଚେତକ ଭାବେ ବିଧାନସଭାରେ ଲୋକଙ୍କ ସମସ୍ୟାକୁ ଦୃଢ଼ ଭାବେ ଉପସ୍ଥାପନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

## 'ଭିବି ଜି ରାମ...

ବୋଲି ସେମାନେ ଦର୍ଶାଉଛନ୍ତି । କିନ୍ତୁ କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନ୍‌ରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ କୃଷକ ଓ ଗରିବଙ୍କ ରୋଜଗାର ବୃଦ୍ଧି ପାଇଁ ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ଅନେକ ଥର ପ୍ରୟାସ କରାଯାଇଛି । ୧୮୭୬ରୁ ୧୮୭୮ ମଧ୍ୟରେ ଭାରତରେ ଦୁର୍ଭିକ୍ଷ ହୋଇଥିଲା । ଏହା ପରବର୍ତ୍ତୀ ଅବସ୍ଥାରେ ଇଂରେଜ ଶାସନ ସମୟରେ ୧୮୮୦ରେ ଦୁର୍ଭିକ୍ଷ ବୋର୍ଡ ପ୍ରସ୍ତୁତ କରାଯାଇଥିଲା । ଏଥିରେ ଲୋକଙ୍କୁ ସହାୟତା ଦେବା ପାଇଁ କାମ ବାଧ୍ୟତାମୂଳକ ଥିଲା । କିନ୍ତୁ ଲୋକଙ୍କର କୌଣସି ଅଧିକାର ନ ଥିଲା । ସ୍ୱାଧୀନତା ପରେ ସମ୍ବିଧାନର ଧାରା ୪୧ ଅନୁଯାୟୀ ଦେଶର ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଲୋକଙ୍କୁ କାମ ଯୋଗାଇବା ଏକ ନୈତିକ ଦାୟିତ୍ୱ ବୋଲି କେନ୍ଦ୍ର ସରକାର ସେତେବେଳେ ହୃଦୟଙ୍ଗମ କରିଥିଲେ । ମାତ୍ର ଏହାକୁ କାର୍ଯ୍ୟକାରୀ କରାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଥିଲେ । ୧୯୬୦ ଏବଂ ୧୯୭୧ରେ ଗ୍ରାମୀଣ ରୋଜଗାର ପାଇଁ ନୂଆ ଯୋଜନା କରାଯାଇଥିଲା । ଏଥିରେ ଦର୍ଶାଯାଇଥିଲା ଯେ, ଯଦି କାମ ଥିବ ତେବେ ସେମାନଙ୍କୁ କାମ ଯୋଗାଇ ଦିଆଯିବ । ମାତ୍ର ଲୋକଙ୍କ ପାଇଁ ଆଦୌ କର୍ମ ନିଯୁକ୍ତି ସୃଷ୍ଟି କରାଯାଉ ନ ଥିଲା । ଲୋକ କିପରି ନିୟମିତ ଭାବେ କାମ ପାଇବେ ସେମାନଙ୍କ ଆର୍ଥିକ ରୋଜଗାର ବଢ଼ିବ ସେଥିପ୍ରତି ଆଦୌ ପ୍ରାଧାନ୍ୟ ଦିଆଯାଉ ନ ଥିଲା । ଗଳାବାଟ ଥିବା କାରଣରୁ ଗରିବ ଚାଷୀ, ମୂଲିଆ ଶୋଷିତ ହେଉଥିଲେ । ସେହିପରି ପ୍ରଶାସନିକ କାର୍ଯ୍ୟାନ୍ୱୟନରେ ମଧ୍ୟ ବିଫଳତା ଯୋଗୁ ଏସବୁ ଯୋଜନା ଅନେକ ସମୟରେ ଅସଫଳ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ଅନେକ ଯୋଜନା କରାଯାଇଥିଲେ ମଧ୍ୟ ତାହା ସବୁ ବିଫଳ ହୋଇଥିଲା । ଲକ୍ଷ୍ୟହୀନତା, ଦୁର୍ବଳ ବିକେନ୍ଦ୍ରୀକରଣ ଓ ଦୁର୍ନୀତି ଯୋଗୁ ବିଭିନ୍ନ ସମୟରେ ଏହିସବୁ ଯୋଜନା ସଫଳ ହୋଇପାରିନାହିଁ । ଗରିବ ଓ ଶ୍ରମିକମାନଙ୍କ ପାଇଁ ଏହା କେବେ ଫଳପ୍ରଦ ହୋଇପାରି ନ ଥିଲା । ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ନରେଗା) ଆରମ୍ଭ କରାଯାଇଥିଲା । ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତ ଯୋଜନା(ମନରେଗା)ରେ ନାମିତ କରାଯାଇଥିଲା । ମାତ୍ର ଏହାର ମୌଳିକ ଢ଼ାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା । ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାବାକୁ ୟୁପିଏ ସରକାର ଏହି ଯୋଜନା କାର୍ଯ୍ୟ କରିଥିଲା । ଏଥିରେ ୧୦୦ ଦିନର ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା । ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା । ଏହି ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ୍ୟ ଦେଖିବାକୁ ମିଳିଥିଲା । ମିଛ ମଷ୍ଟରରୋଲ୍ ଦେଖାଇ ମୃତ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଯୋଡ଼ି ଦିଆଯାଇଥିଲା । ମଜୁରୀ ପ୍ରଦାନରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳିଥିଲା । ୟୁପିଏ ସରକାର ସମୟରେ ଯୋଜନାବଦ୍ଧ ଭାବେ ଏସବୁ ଦୁର୍ନୀତି ହୋଇଥିଲା । ବିହାରରେ ୬୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ି ନଥିଲା । ୨୦୧୨ ମସିହାରେ ସମ୍ବଲପୁରରେ କେତେଜଣ ମୃତବ୍ୟକ୍ତି, ରୋଗୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରୀ ଟଙ୍କା ଉଠାଯାଇଥିଲା । ମଷ୍ଟର ରୋଲ୍‌ରେ ମିଛ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା । କିଛି ରାସ୍ତା କାମ ଆଦୌ କରା ନଯାଇ ଅର୍ଥ ହଡ଼ପ କରାଯାଇଥିଲା । ମନରେଗାରେ ଋତୁକାଳୀନ ସମସ୍ୟା ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିଲା । ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଯୋଜନାର ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିଲା । ଢ଼ାଞ୍ଚାଗତ ଦୁର୍ବଳତା ଓ ଅପରଗତା ପାଇଁ ଏହି ଯୋଜନା ବିଫଳ ହୋଇଥିଲା । ଏହି ଯୋଜନା ଦୁର୍ନୀତିକୁ ବ୍ୟାପକଭାବେ ପ୍ରଶୟ ଦେଉଥିଲା । ସେହିପରି ବେକାର ଭତ୍ତା ପ୍ରଦାନରେ ମଧ୍ୟ ବିଫଳତା ହୋଇଥିଲା । ଟେକ୍ନୋଲୋଜିକୁ ବ୍ୟବହାର କରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି । ଗ୍ରାମସ୍ୱରାଜ ଆଣିବା ପାଇଁ ଗାନ୍ଧୀଜୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ବିକଶିତ ଆଡ଼କୁ କିପରି ଅଗ୍ରସର ହେବା ସେନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି । ୨୦୪୭ ଲକ୍ଷ୍ୟ ରଖି ଫ୍ରେମୱାର୍କ କରାଯାଇଛି । କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି । ଅର୍ଥାତ୍ ଗ୍ରାମାଞ୍ଚଳର ଏକ ପରିବାର ଏବେ ୧୨୫ ଦିନ ନିଯୁକ୍ତି ପାଇବାକୁ ହକ୍‌ଦାର ବୋଲି ସ୍ପଷ୍ଟ କରାଯାଇଛି । ଗ୍ରାମରେ ବିଭିନ୍ନ ଉତ୍ପାଦକୁ ବୃଦ୍ଧି କରାଇବାରେ ନୂତନ ଯୋଜନା ସହାୟକ ହୋଇପାରିବ । ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ପାଇଁ ୯୦:୧୦, କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୧୦୦ ପ୍ରତିଶତ ଓ ଅନ୍ୟ ରାଜ୍ୟଗୁଡ଼ିକରେ କେନ୍ଦ୍ର ସରକାର ୬୦ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ କରିବେ । ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ବଢ଼ିବ । ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱବୋଧ ବୃଦ୍ଧି ପାଇବ । ୪ ପ୍ରମୁଖ କ୍ଷେତ୍ରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସେଗୁଡ଼ିକ ହେଲା ଜଳ ସୁରକ୍ଷା ଓ ଜଳ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ପ୍ରୋତ୍ସାହନ, ମୌଳିକ ଗ୍ରାମୀଣ ଭିତ୍ତିଭୂମି ସୁଦୃଢ଼ କରିବା, ଜୀବିକାର ସୁଯୋଗ ବିସ୍ତାରିତ କରିବା ଓ ପ୍ରତିକୂଳ ପାଣିପାଗଜନିତ ଘଟଣାଗୁଡ଼ିକର ମୁକାବିଲା ପାଇଁ ପ୍ରସ୍ତୁତି କରିବା । କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ । ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି । ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ । ଫଳରେ ଆଉ କେହି ବି ଠକି ସେହି ସମୟରେ କାମ ହେଉଛି ବୋଲି କହି ଦୁର୍ନୀତି କରିପାରିବେ ନାହିଁ । ଏଆଇ, ଜିପିଏସ୍ ଓ ମୋବାଇଲ୍ ଜରିଆରେ ସ୍ୱଚ୍ଛତା ଅଣାଯାଇପାରିବ । କାମ ମାଗିବାର ୧୫ ଦିନ ମଧ୍ୟରେ କାମ ନ ମିଳିଲେ ଭତ୍ତା ଦେବା ବାଧ୍ୟତାମୂଳକ କରାଯାଇଛି । ମହାତ୍ମା ଗାନ୍ଧୀଙ୍କ ନୀତିକୁ ପ୍ରସାର କରିବା ଉଦ୍ଦେଶ୍ୟରେ ଆଇନରେ ଏସବୁ ସଂସ୍କାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ବାବୁ ସିଂ, ଆଶ୍ରିତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଥର ରବିବାର ...

ସତ୍ତ୍ୱେ ଫେବ୍ରୁଆରି ୧ରେ ହିଁ ବଜେଟ ଉପସ୍ଥାପନ ହେବ । ଫଳରେ ପ୍ରଥମ ଥର ପାଇଁ ଏକ ଛୁଟି ଦିନରେ ବଜେଟ ଉପସ୍ଥାପନ ହେବ । ତେବେ ଛୁଟି ଦିନରେ ସଂସଦ ଖୋଲିବା ଏକ ନୂଆ କଥା ନୁହେଁ । ପୂର୍ବରୁ ବି ବିଶେଷ ପରିସ୍ଥିତିରେ ଛୁଟିଦିନରେ ସଂସଦର ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଛି । ସୂଚନା ଅନୁସାରେ ଜାନୁଆରୀ ୨୮ରେ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବ । ସେହିଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର ଅଭିଭାଷଣ ରଖିବେ । ସେହିପରି ଜାନୁଆରୀ ୩୧ରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ ହୋଇପାରେ ।

## ବସ୍ ଧକ୍କାରେ...

ଘରୋଇ ଚ୍ୟାନଲର ରିପୋର୍ଟର ସିଲା ପଟ୍ଟନାୟକ ବୋଲି ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି । କାହିଁକି ନା ଦୁର୍ଘଟଣା ସ୍ଥଳରୁ ହିଁ ତାଙ୍କର ଆଇ କାର୍ଡଟି ପୁଲିସ୍ କୁ ମିଳିଥିବା ବେଳେ ଅନ୍ୟ ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ । ତେବେ ରାସ୍ତା ମଝିରେ ବାଲି ଗଦା ହୋଇ ରହିଥିବା ଯୋଗୁଁ ଆକ୍ଟିଭା ସ୍କୁଟି ଭାରସାମ୍ୟ ହରାଇବା ବେଳେ ପଛରୁ ଆସୁଥିବା ସାରଳା ବସ ତାଙ୍କ ଉପରେ ଚଢ଼ି ଯାଇଥିଲା । ଯାହାଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟ ହୋଇଥିଲା । ଏପଟେ ଦୁର୍ଘଟଣା ଘଟାଇ ଥିବା ବସ୍ ସମେତ ଡ୍ରାଇଭର ଓ ହେଲ୍ପରଙ୍କୁ ଅଟକ ରଖିଛି ସାକ୍ଷୀଗୋପାଳ ପୁଲିସ୍ ।

## ପ୍ରବାସୀ ପକ୍ଷୀ...

ମାନଙ୍କର ଆଗମନ, ଗତି ଓ ରହଣି ବିଷୟରେ ଆଲୋଚନା କରିବା ସହ ଚିଲିକାର ଜୈବ ବିବିଧତା ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପରିବେଶର ସଂରକ୍ଷଣ ଓ ସୁରକ୍ଷା ଓଡ଼ିଶା ସରକାରଙ୍କ ପ୍ରାଥମିକତା ବୋଲି ମତ ରଖିଥିଲେ । ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀମାନଙ୍କ ସମାଗମ ସହିତ ସ୍ଥାନୀୟ ଲୋକମାନଙ୍କ ରୋଜଗାରର ଉତ୍ସ ହେଲା ଚିଲିକା ହ୍ରଦ । ଜାତୀୟ ପକ୍ଷୀ ମହୋତ୍ସବ ଚିଲିକାର ଶୋଭା ବୃଦ୍ଧି କରିବ ବୋଲି ସେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରଧାନମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ଝାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ପକ୍ଷୀପ୍ରେମୀ, ବିଶେଷଜ୍ଞ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ବିଭାଗର ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ଚିଲିକା ହ୍ରଦର ଉଲ୍ଲେଖନୀୟ ସୁଯୋଗ ଓ ସମ୍ଭାବନା ବିଷୟରେ ଆଲୋକପାତ କରିଥିଲେ । ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଓଡ଼ିଶା ବନ୍ୟ ସମ୍ପଦରେ ଚିଲିକାର ଭୂମିକାକୁ ଉଲ୍ଲେଖ କରିବା ସହ ସ୍ଥାନୀୟ ଲୋକମାନଙ୍କ ଜୀବନଜୀବିକା ଚିଲିକା ଉପରେ ନିର୍ଭର ବୋଲି ସେ ପରିପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୫୦ ମିଲିୟନ ପକ୍ଷୀମାନଙ୍କ ଉପରେ ପର୍ଯ୍ୟବେଶିତ ଏକ ପକେଟ ଗାଇଡ, ଫ୍ଲାମିଙ୍ଗୋ ପକ୍ଷୀର ଜୀବନ ଉପରେ ଏକ ପତ୍ରିକା ଓ ଓଡ଼ିଶାରେ ପକ୍ଷୀ ସଂରକ୍ଷଣ ଉପରେ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ରାଜ୍ୟ ବନ୍ୟପ୍ରାଣୀ ସଂଗଠନ, ଭୁବନେଶ୍ୱର ସହ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଯାଇଛି । ଇକୋ ଟୁରିଜିମ ଉତ୍ପାଦ ବିକାଶ, ମାର୍କେଟିଂ ଓ ପ୍ଲାନିଂ ସପୋର୍ଟ ଏହି ବୁଝାମଣା ପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ପ୍ରଧାନମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ଝା ସ୍ୱାଗତ ଭାଷଣ ରଖିବା ସହ ଅତିରିକ୍ତ ପ୍ରଧାନ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଡ. ମନୋଜ ଭି ନାୟାର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଣି ଲଘୁଚାପ...

ପ୍ରବଳ ଥଣ୍ଡାରେ ଜୀବନ ଅତିବାହିତ କରୁଛନ୍ତି । ରାଜ୍ୟର ସର୍ବାଧିକ ତାପମାତ୍ରାର ସହର ଝାରସୁଗୁଡ଼ାରେ ତାପମାତ୍ରା ୭୨ ବର୍ଷର ରେକର୍ଡ ଭାଙ୍ଗିଛି । ସୋମବାର-ମଙ୍ଗଳବାର ରାତିରେ ଏଠାରେ ତାପମାତ୍ରା ୫-ରୁ ୬ ଡିଗ୍ରୀ ରେକର୍ଡ କରାଯାଇଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଚଳିତ ସପ୍ତାହ ଥଣ୍ଡାରୁ ଆଶ୍ୱସ୍ତି ମିଳିବା ସମ୍ଭାବନ କମ୍ ରହିଛି । ରାଜ୍ୟବ୍ୟାପୀ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱରରେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ୨୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ କଟକରେ ଏହା ୨୩ ଡିଗ୍ରୀ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଭାରତ-ବାଂଲାଦେଶ...

କାରଣ ଏହା ଉତ୍ତର-ପୂର୍ବକୁ ଭାରତ ସହିତ ସଂଯୋଗ କରେ । ତେଣୁ, ଏହାର ସୁରକ୍ଷା ବୃଦ୍ଧି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଏସଏଫ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ସୁରକ୍ଷାକୁ ଆହୁରି ମଜଭୁତ କରାଯାଉଛି । ନୂତନ ବାଡ଼ ସହିତ, ପ୍ୟାନ୍-ଟିଲ୍ଟ-ଜୁମ୍ କ୍ୟାମେରା ମଧ୍ୟ ଲଗାଯାଇଛି । ଏଗୁଡ଼ିକ ଲାଇଭ୍ ଫିଡ୍ ପ୍ରଦାନ କରେ ଯାହା ଦ୍ୱାରା ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ।

## ମୁଖ୍ୟମନ୍ତ୍ରୀଙ୍କ...

ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ, ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଯୁବ ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ । ଏପରି ଖବର ଦୁଃଖଦାୟକ । ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

# ଥାଲାସେମିଆ ଓ ରକ୍ତଶିକୁଳି ରୋଗ ପରୀକ୍ଷା ପରେ ନଷ୍ଟ କରାଗଲା ଏସ୍‌ସିବିରେ ୨୦୦ରୁ ୨୦ ଭ୍ରୂଣ

**କଟକ, ନ୍ୟୁଜ ବ୍ୟୁରୋ**




ଥାଲାସେମିଆ ଓ ରକ୍ତଶିକୁଳି ରୋଗ ବଂଶଗତ ହୋଇଥିବାରୁ ଗର୍ଭାବସ୍ଥାରେ ପ୍ରସୂତିଙ୍କ କୋରିଓନିକ୍ ଭିଲସ୍ ସାମ୍ପଲିଂ(ସିଭିଏସ୍) ପରୀକ୍ଷା ମାଧ୍ୟମରେ ଏହି ରୋଗର ଚିହ୍ନଟ କରି ଭ୍ରୂଣ ନଷ୍ଟ କରିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏସ୍‌ସିବି ମେଡିକାଲ କଲେଜର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ କୋରିଓନିକ୍ ଭିଲସ୍ ସାମ୍ପଲିଂ(ସିଭିଏସ୍) ପରୀକ୍ଷା ମାଧ୍ୟମରେ ମୋଟ ୨୦୦ ପ୍ରସୂତିଙ୍କ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ ଜଣ ପ୍ରସୂତିଙ୍କ ଗର୍ଭସ୍ଥ ଶିଶୁ ଥାଲାସେମିଆ ଓ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ଫଳରେ ବିଭାଗ ପକ୍ଷରୁ ଭ୍ରୂଣ ନଷ୍ଟ କରାଯାଇଛି । ଥାଲାସେମିଆ ରୋଗୀର ରକ୍ତରେ ହିମୋଗ୍ଲୋବିନ୍ ପରିମାଣ କମିଯାଏ । ଯେଉଁମାନଙ୍କ ଜିନ୍‌ରେ ଏହି ରୋଗ ଅଳ୍ପ ମାତ୍ରାରେ ରହିଥାଏ ସେମାନଙ୍କୁ ଥାଲାସେମିଆ ମାଇନର୍ କୁହାଯାଏ । କିନ୍ତୁ ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ଥାଲାସେମିଆ ମାଇନର ହୋଇଥାନ୍ତି ତେବେ ସେମାନଙ୍କ ଗର୍ଭସ୍ଥ ଶିଶୁ ଥାଲାସେମିଆରେ ପୀଡ଼ିତ ହେବାର ସମ୍ଭାବନା ଥାଏ । ଗର୍ଭବତୀ ମହିଳାଙ୍କ ଗର୍ଭର ପ୍ରଥମ ମାସରେ ଏଚ୍‌ପିଏଲ୍‌ସି(ହାଇ ପରଫର୍ମାନ୍ସ ଲିକ୍ୟୁଡି କ୍ରୋମାଟୋଗ୍ରାଫି) ରକ୍ତ ପରୀକ୍ଷା ଆରମ୍ଭ ହୋଇଛି । ଯଦି ମହିଳାଙ୍କ ଜିନ୍‌ରେ ସମସ୍ୟା ଥାଏ ତେବେ ତାଙ୍କ ସ୍ୱାମୀଙ୍କ ରକ୍ତ ମଧ୍ୟ ଏଚ୍‌ପିଏଲ୍‌ସି ଦ୍ୱାରା ପରୀକ୍ଷା କରାଯାଉଛି । ଯଦି ଉଭୟଙ୍କ ଜିନ୍‌ରେ ଏହି ଦୋଷ ଥାଏ ତେବେ ଗର୍ଭସ୍ଥ ଶିଶୁର ଅବସ୍ଥା ଜାଣିବା ପାଇଁ କୋରିଓନିକ୍ ଭିଲସ୍ ସାମ୍ପଲିଂ(ସିଭିଏସ୍) ପରୀକ୍ଷା କରାଯାଉଛି । ଏହି ପରୀକ୍ଷା ଗର୍ଭ ରହିବାର ୧୨ରୁ ୧୪ ସପ୍ତାହ ବା ପ୍ରଥମ ତିନିରୁ ଚାରି ମାସ ମଧ୍ୟରେ କରାଯାଏ । ଏହି ପରୀକ୍ଷାରେ ଅଲଟ୍ରାସାଉଣ୍ଡ ସାହାଯ୍ୟରେ ଛୁଞ୍ଚି ଦ୍ୱାରା ଗର୍ଭସ୍ଥ ଶିଶୁର ଫୁଲରୁ ମାଂସ କାଢ଼ି ବାୟୋକେମିଷ୍ଟ୍ରି ବିଭାଗରେ ଥିବା ଜେନେଟିକ୍ ଲାବୋରେଟୋରିରେ ପରୀକ୍ଷା କରାଯାଉଛି । ଯଦି ଶିଶୁ ଥାଲାସେମିଆ ରୋଗରେ ଆକ୍ରାନ୍ତ ହେବାର ଜଣାପଡୁଛି, ତେବେ ଗର୍ଭକୁ ନଷ୍ଟ କରାଯାଉଛି । ରକ୍ତଶିକୁଳି ରୋଗରେ ମଧ୍ୟ ସମାନ ପ୍ରକ୍ରିୟା କରାଯାଉଛି । ଏସ୍‌ସିବି ମେଡିକାଲ କଲେଜର ତଥ୍ୟ ମୁତାବକ, ପଶ୍ଚିମ ଓଡ଼ିଶାରୁ ଆସୁଥିବା ପ୍ରସୂତି ମହିଳାଙ୍କ ଗର୍ଭରେ ଥିବା ଶିଶୁଙ୍କ ରକ୍ତଶିକୁଳି ରୋଗ ଚିହ୍ନଟ ହୋଇଥିବା ବେଳେ ଉପକୂଳ ଜିଲ୍ଲାର ପ୍ରସୂତିଙ୍କ ଥାଲାସେମିଆ ଚିହ୍ନଟ ହେଉଛି । ଘରୋଇ ଡାକ୍ତରଖାନାରେ ଏଥିପାଇଁ ପାଖାପାଖି ୩୦ରୁ ୪୦ ହଜାର ଟଙ୍କା ସିଭିଏସ୍ ପାଇଁ ଖର୍ଚ୍ଚ ହେଉଥିବା ବେଳେ ଏସ୍‌ସିବି ଓ ଭିମ୍‌ସାରରେ ଏହି ପରୀକ୍ଷା ମାଗଣାରେ ଆରମ୍ଭ ହୋଇଥିବା ଏସ୍‌ସିବି ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସର୍ସ୍ମିତା ସ୍ୱାଇଁ ସୂଚନା ଦେଇଛନ୍ତି ।

### ପୋଲିସ ଏସ୍ଆଇ ନିଯୁକ୍ତି ମାମଲା

# ସିବିଆଇ ଯେତିକି ପଦାକୁ ଆଣିଛି ତା'ଠାରୁ ଅଧିକ ଲୁଚାଉଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୋଲିସ ଏସଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ ସିବିଆଇ ପ୍ରାଥମିକ ଚାର୍ଜସିଟ ଦାଖଲ କରିଥିବା ବେଳେ, ଉପରେ ପ୍ରତିକ୍ରିୟା ଦେଇ, ବଡ଼ ମୁଣ୍ଡ ମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ସିବିଆଇ ଏହାର ପ୍ରାଥମିକ ଆରୋପପତ୍ରରେ, ଯେତିକି ପଦାକୁ ଆଣିଛି ତାଠାରୁ ଅଧିକ ଲୁଚାଇବାକୁ ଉଦ୍ୟମ କରିଛି ବୋଲି ବିଜେଡି କହିଛି । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ପୋଲିସ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ ଯଦିଓ ସିବିଆଇର ଏହା ପ୍ରାଥମିକ ଆରୋପପତ୍ର ଦାଖଲ କରିଛି, ପ୍ରଥମରୁ ହିଁ ସିବିଆଇର ଆଭିମୁଖ୍ୟ ବଡ଼ ବଡ଼ିଆଙ୍କୁ ଖସାଇ ଦେବା ପାଇଁ ରହିଛି ବୋଲି ସ୍ପଷ୍ଟ ଜଣାପଡୁଛି । ସିବିଆଇର ଆରୋପପତ୍ରରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଓପିଆରବି ଏହି ପୋଲିସ ଏସଆଇ ନିଯୁକ୍ତି ଦାୟିତ୍ୱରେ ଥିଲାବେଳେ, ଏହାଦ୍ୱାରା ଭାରତ ସରକାରଙ୍କ ସଂସ୍ଥା ଆଇଟିଆଇକୁ ୨୦୨୪ ମସିହା ଡିସେମ୍ବର ୩୧ ତାରିଖ ଦିନ ଦିଆଯାଇଥିଲା । ଏହାପରେ ଆଇଟିଆଇ ଏହି କାମକୁ ରିଚ୍ ମାଇଣ୍ଡକୁ ପ୍ରଦାନ କରିଥିଲା, ଯାହାକୁ ମେ' ମାସ ୨୦୨୫ରେ ବାତିଲ କରି ଦିଆଯାଇଥିଲା । ଏହାର ପ୍ରାୟ ୪୦ ଦିନ ପରେ ଅର୍ଥାତ ଜୁଲାଇ ୯ ତାରିଖରେ ସିଲିକନ ଟେକ୍ଲାବ୍କୁ ଏହି କାମ ଦିଆଯାଇଥିଲା । ଏହାପରେ ସିଲିକନ ଏହି କାମ ପଂଚସଫ୍ଟ ଟେକ୍ନୋଲୋଜିକୁ ଓପିଆରବି ଓ ଆଇଟିଆଇର ବିନା ଅନୁମୋଦନରେ ଦିଆଯାଇଥିଲା ବୋଲି କୁହାଯାଇଛି । ଏଥିରେ ସିଲିକନ ଟେକ୍ଲାବ୍ର ମାଲିକ ସୁରେଶ ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଇଥିବା ବେଳେ ପଂଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟି ଓ ଅନ୍ୟ ୧୪ ଜଣଙ୍କୁ ସେମାନଙ୍କ ସହଯୋଗୀ ବୋଲି କୁହାଯାଇଛି । ସମସ୍ତ ଅଭିଯୁକ୍ତ ମାନେ ସିଲିକନ ଓ ପଂଚସଫ୍ଟ କମ୍ପାନୀ ସହିତ ସମ୍ପୃକ୍ତ । ଡ଼ ମହାନ୍ତି କହିଥିଲେ, ନିଯୁକ୍ତି ପରୀକ୍ଷା ରାଜ୍ୟ ସରକାରଙ୍କ ଗୃହ ବିଭାଗର ଅଂଶ ହୋଇଥିବା ବେଳେ, ଏହି ଆରୋପପତ୍ରରେ ଓପିଆରବି, ଆଇଟିଆଇ ଓ ଗୃହ ବିଭାଗର କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି କଥା କୁହାଯାଇନାହିଁ । ଆରୋପପତ୍ରରେ ଓପିଆରବି ଓ ଆଇଟିଆଇର ବିନା ଅନୁମୋଦନରେ ସିଲିକନ ପଂଚସଫ୍ଟ କମ୍ପାନୀକୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲା ବୋଲି କୁହାଯାଇଛି । କିନ୍ତୁ ଓପିଆରବି ଓ ଗୃହ ବିଭାଗର ବିଫଳତା କାରଣରୁ ଏପରି ଏକ ବଡ଼ ଦୁର୍ନୀତି ହୋଇପାରିଲା, ତେଣୁ ଏହି ଦୁଇ ସଂସ୍ଥାର ଅଧିକାରୀ ମାନେ ଏଥିପାଇଁ ଦାୟୀ । ସିବିଆଇ ଏହି ଅଧିକାରୀ ମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ମଧ୍ୟ ସ୍ପଷ୍ଟ ହେଉଛି । ଏହାଛଡ଼ା କେଉଁ ଆଧାରରେ ବା କାହାର ଅନୁମୋଦନରେ ଓପିଆରବି ଆଇଟିଆଇ ଓ ପରେ ସିଲିକନ ଭଳି କମ୍ପାନୀକୁ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିଥିଲା, ସେ ବିଷୟରେ ସିବିଆଇ ନିରବ ରହିଛି । ବଡ଼ବଡିଆଙ୍କ ନିର୍ଦ୍ଦେଶରେ ଏହି କାମକୁ ଆଉଟସୋର୍ସିଂ କରାଯିବା ସହିତ ଏଥିପାଇଁ ମୋଟା ଅଙ୍କର ଅର୍ଥ ନେଣଦେଣ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି । ତେଣୁ ଏସବୁ ଦିଗକୁ ତଦନ୍ତ ପ୍ରକ୍ରିୟାରେ ସାମିଲ କରି ସମ୍ପୃକ୍ତ ବଡ଼ ମୁଣ୍ଡ ମାନଙ୍କୁ ଦଣ୍ଡିତ କରିବାକୁ ବିଜୁ ଜନତା ଦଳ ଦାବି କରୁଛି । ସେହିପରି ଯୁବ ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ । ଏପରି ଖବର ଦୁଃଖଦାୟକ । ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଭୁବନେଶ୍ୱରରୁ ପୁରୀ ଯିବାବେଳେ ପିପିଲି ମଙ୍ଗଳପୁର ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନ୍ୟୁଜ୭ର ସାମ୍ବାଦିକା ଶୀଳା ପଟ୍ଟନାୟକ ଏବଂ ତାଙ୍କ ସହଯୋଗୀଙ୍କ ଅକାଳ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛି ବିଜୁ ଜନତା ଦଳ । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ୍ ମହାନ୍ତି ଏବଂ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ ଯେ, ଆଜି ନ୍ୟୁଜ୭ର ସାମ୍ବାଦିକା ଶୀଳା ପଟ୍ଟନାୟକ ତାଙ୍କ ମହିଳା ବନ୍ଧୁଙ୍କ ସହିତ ଭୁବନେଶ୍ୱରରୁ ପୁରୀ ଯାଉଥିଲେ । ପିପିଲିର ମଙ୍ଗଳପୁର ଛକରେ ବେଆଇନ ଭାବରେ ପଡ଼ିଥିବା ବାଲିରେ ତାଙ୍କ ସ୍କୁଟି ଖସି ଯାଇଥିଲା । ଦ୍ରୁତ ଗତିରେ ପୁରୀ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ତାଙ୍କ ସ୍କୁଟିକୁ ଧକ୍କା ଦେବା ଫଳରେ ବସ୍ ଚକା ତଳେ ଚାପି ହୋଇ ଘଟଣାସ୍ଥଳରେ ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ, ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ସହଯୋଗୀଙ୍କ ମୃତ୍ୟୁ ହୋଇଥିଲା । ମଙ୍ଗଳପୁର ଛକ ନିକଟରେ ଜାତୀୟ ରାଜପଥ-୩୧୬ରେ ଗଚ୍ଛିତ ହୋଇଥିବା ବେଆଇନ ବାଲି ହିଁ ଦୁର୍ଘଟଣାର ମୁଖ୍ୟ କାରଣ । ରାଜ୍ୟରେ ବାଲି ମାଫିଆ ମାନେ ବ୍ୟାପକ ବାଲି ଲୁଟ୍ କରୁଥିବା ସମ୍ପର୍କରେ ବିଜେଡି ବାରମ୍ବାର ସୂଚାଉଥିବା ବେଳେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ରାଜ୍ୟ ସରକାରଙ୍କ ଛତ୍ରଛାୟା ତଳେ ବାଲି ମାଫିଆ ମାନେ ବେଆଇନ ବାଲି ଚୋରି କରୁଥିବା ସ୍ପଷ୍ଟ ବାରି ହେଉଛି । ବିଜେଡି ଏହି ଘଟଣାର ଶୀଘ୍ର ତଦନ୍ତ ଏବଂ ସାମ୍ବାଦିକାଙ୍କ ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି । ଯଦି ଏହି ଦୁଃଖଦ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ସାମ୍ବାଦିକଙ୍କ ନ୍ୟାୟ ପାଇଁ ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରିବ । ଏହି ଅବସରରେ ସାମ୍ବାଦିକା ଶୀଳା ପଟ୍ଟନାୟକ ଏବଂ ତାଙ୍କ ସହଯୋଗୀଙ୍କ ଅକାଳ ବିୟୋଗରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ୍ ମହାନ୍ତି, ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ମୁଖପାତ୍ର ମିହିର ରାୟ ଏବଂ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସମସ୍ତ ସାମ୍ବାଦିକ ଓ ସାମ୍ବାଦିକା ମାନେ ଗୋଟିଏ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ଚାଷୀଙ୍କଠୁ ନେଉଥିଲେ ଲାଞ୍ଚ, ଭିଜିଲାନ୍ସ ଜାଲରେ ପଡିଲେ ଫରେଷ୍ଟର



**କଟକ, ନ୍ୟୁଜ ବ୍ୟୁରୋ**

ଚାଷୀଙ୍କଠୁ ୧୦ ହଜାର ଲାଞ୍ଚ ନେଇ ଧରାପଡିଲେ ଫରେଷ୍ଟର । ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧିନସ୍ଥ ଗୁଲ୍ମୀ ବନଖଣ୍ଡ ଅଧିକାରୀ ଫରେଷ୍ଟର ଅଶୋକ କୁମାର ନାୟକଙ୍କ ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି । ଏକକାଳୀନ ଦୁଇଟି ସ୍ଥାନରେ ଚଢାଉ ଜାରି । ଗତକାଲି ମୟୂରଭଞ୍ଜର ଦୁଇ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ଧରାପଡିଥିଲେ । ଭିଜିଲାନ୍ସ ବିଭାଗ ଦେଇଥିବା ସୂଚନା ଅନୁସାରେ, ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧିନସ୍ଥ ଗୁଲ୍ମୀ ବନଖଣ୍ଡ ଅଧିକାରୀ ଫରେଷ୍ଟର ଅଶୋକ କୁମାର ନାୟକଙ୍କୁ ଭିଜିଲାନ୍ସ ଲାଞ୍ଚ ନେବା ବେଳେ ଧରିଛି । ତେବେ ଗୁଲ୍ମୀ ଅଞ୍ଚଳର ଜଣେ ଚାଷୀ ନିଜ ବିଲରେ ଥିବା ଗଛ କରିବା ଓ ତାକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ଆବେଦନ କରିଥିଲେ । ଏହାକୁ ନେଇ ଫରେଷ୍ଟର ଅଶୋକ ନାୟକ ତାଙ୍କୁ ଦଶ ହଜାର ଲାଞ୍ଚ ମାଗିବା ସହ ଦୁଇ ହଜାର ଟଙ୍କା ଫାଇନ କରିଥିଲେ । ସେପଟେ ସଂପୃକ୍ତ ଚାଷୀ ଜଣକ ଭିଜିଲାନ୍ସ ବିଭାଗରେ ଏହାର ଅଭିଯୋଗ କରିଥିଲେ । ଯାହା ପରେ ଆଜି(ମଙ୍ଗଳବାର) ଚାଷୀ ଜଣକ ତାଙ୍କୁ ଲାଞ୍ଚ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଅଭିଯୁକ୍ତ ଫରେଷ୍ଟର ଅଶୋକ କୁମାର ନାୟକଙ୍କୁ ଗିରଫ କରିଛି । ସେହିପରି ତାଙ୍କଠୁ ଦଶ ହଜାର ଲାଞ୍ଚ ଟଙ୍କା ସମେତ ୧୨ ହଜାର ଟଙ୍କା ଜବତ କରିଛି । ସମାନ ଭାବରେ ଭିଜିଲାନ୍ସ ବିଭାଗ ଏକ କାଳୀନ ଦୁଇଟି ସ୍ଥାନରେ ଚଢାଉ ଜାରି ରଖିଛନ୍ତି । ସମ୍ବଲପୁର ଭିଜିଲାନ୍ସ ବିଭାଗ କେସ ନମ୍ବର ୧/୨୦୨୬, ଆଇପିସି - ୭ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ସେପଟେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ ଜାରି ରଖିଥିବା ବେଳେ ସେ କେବେଠୁ ଚାକିରି କରିଥିଲେ । ତାଙ୍କର କୌଣସି ଆୟ ବହିର୍ଭୂତ ସମ୍ପତ୍ତି ଅଛି କି ନାହିଁ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି ।

**ସୁବର୍ଣ୍ଣପୁର ଜିଲ୍ଲା ଚାଷୀ ଭାଇ ମାନଙ୍କ ପାଇଁ କୃଷି ବିଭାଗ ଓ ଆତ୍ମା ତରଫରୁ ଗୁରୁତ୍ୱ ସୂଚନା**

- ସମସ୍ତ ଫସଲ ଚାଷ ପୂର୍ବରୁ ବିହନ ବିଶୋଧନ ନିଶ୍ଚିତ କରନ୍ତୁ ।
- ନିଜ ଜମିର ମାଟି ପରୀକ୍ଷା କରାନ୍ତୁ ।
- ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ଅନୁମୋଦିତ ପରିମାଣର ଜୈବିକ ଓ ରାସାୟନିକ ଖାଦ୍ୟସାର ପ୍ରୟୋଗ କରନ୍ତୁ ।
- ରବିଋତୁରେ ଜଳସେଚିତ ଅଂଚଳର ଶେଷ ମୁଣ୍ଡରେ ଧାନ ବଦଳରେ ଅଣଧାନ (ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ଶୋରିଷ ଇତ୍ୟାଦି) ଫସଲ ଚାଷ କରନ୍ତୁ ।
- ସମନ୍ୱିତ ଚାଷ କରିବା ନିମନ୍ତେ ଇଚ୍ଛୁକ ଚାଷୀ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଆବେଦନ କରନ୍ତୁ ।
- ଠିକ୍ ସମୟରେ ଫସଲ ବୀମା ଦେୟ ପଇଠ କରି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ହେଉଥିବା କ୍ଷୟକ୍ଷତି ଭରଣା କରନ୍ତୁ । ଯଥା ଖରିଫ ଋତୁରେ ଜୁଲାଇ ୩୧ ଓ ରବିଋତୁରେ ଡିସେମ୍ବର ୩୧ ଶସ୍ୟବୀମା ପଇଠ ଶେଷ ତାରିଖ ।
- ଡି.ବି.ଟି ମାଧ୍ୟମରେ ରିହାତି ପାଇବା ନିମନ୍ତେ ସମସ୍ତ ଚାଷୀ ନିଜର ବ୍ୟାଙ୍କ ସଂଚୟ ଖାତାର ବିବରଣ, ମୋବାଇଲ ନମ୍ବର, ପରିଚୟ ପ୍ରମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରି ପଂଜିକରଣ କରିବା ବାଧ୍ୟତା ମୂଳକ । ଏଥିନିମନ୍ତେ ଫର୍ମ ନିକଟସ୍ଥ ପ୍ୟାକ୍ସ, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଇଂଟରନେଟ ସାଇଟ୍ www.agrisnetodisha.gov.in ରେ ଉପଲବ୍ଧ ।
- କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ ।
- କୃଷକ ରେଜିଷ୍ଟ୍ରି (ଇଶକ୍ଷସଷ୍ଟଷବମଲ) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ । ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ ।

ଶ୍ରୀଯୁକ୍ତ ଡ. ନୃପରାଜ ସାହୁ
ଜିଲ୍ଲାପାଳ ତଥା ଅଧକ୍ଷ୍ୟ,
ଆତ୍ମା ପରିଚାଳନା କମିଟି
ସୁବର୍ଣ୍ଣପୁର

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ
ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ତଥା
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ସୁବର୍ଣ୍ଣପୁର

ଭୁବନେଶ୍ୱର
୦୭ ଜାନୁଆରୀ,
ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଆଜି ମହାପ୍ରଭୁଙ୍କ ବନକଲାଗି ନୀତି, ଦର୍ଶନ କଟକଣା



ପୁରୀ,୦୬/୦୧ ନ୍ୟୁଜ ବ୍ୟୁରୋ

ବୁଧବାର ଚତୁର୍ଥୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ତଥା ବନକଲାଗି ନୀତି ହେବ। ଏଥିପାଇଁ ଅପରାହ୍ଣରେ ଦର୍ଶନ କଟକଣା ରହିବ । ବନକଲାଗି ସମୟରେ ସର୍ବସାଧାରଣ ଠାକୁର ଦର୍ଶନ ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଠାକୁରଙ୍କ ଏହି ସ୍ୱତନ୍ତ୍ର ନୀତି ହେବ। ଦତ୍ତମହାପାତ୍ର ସେବକମାନେ ଶ୍ରୀବିଗ୍ରହଙ୍କ ଏହି ନୀତି ସମ୍ପାଦନ କରିବେ । ବନକଲାଗି ଶେଷ କରି ଦତ୍ତମହାପାତ୍ର ସେବାୟତମାନେ ଗର୍ଭଗୃହ ବାହାରକୁ ଆସିଲେ ସିଂହାସନ ଧୁଆ ସହ ମହାପ୍ରଭୁଙ୍କ ମହାସ୍ନାନ ଆଦି ନୀତି ବଢ଼ି ପୁନଃ ଠାକୁରଙ୍କ ଦର୍ଶନ ଆରମ୍ଭ ହେବ। ଏଥର ୩୪ ଦିନ ବ୍ୟବଧାନରେ ହେଉଛି ମହାପ୍ରଭୁଙ୍କ ବନକଲାଗି। ଗତ ଡ଼ିସେମ୍ବର ମାସ ୩ ତାରିଖ ମହାପ୍ରଭୁଙ୍କ ବନକଲାଗି ନୀତି ହୋଇଥିଲା । ଏହାପରେ ଜାନୁଆରୀ ୭ରେ ବନକଲାଗି ପାଇଁ ସ୍ଥିର ହୋଇଛି । ପୂର୍ବ ବର୍ଷ ମାନଙ୍କରେ ଡିସେମ୍ବର ୧୨ ତାରିଖରୁ ୨୦ ତାରିଖ ମଧ୍ୟରେ ଠାକୁରଙ୍କ ବନକଲାଗି ନୀତି ହୋଇଥିଲା । ବନକଲାଗି ଦ୍ୱାରା ଠାକୁରଙ୍କ ଶ୍ରୀମୁଖ ଝଟକି ଉଠେ ।

# ନାଲ୍କୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳା : ନେତୃତ୍ୱ ଓ ପରିବର୍ତ୍ତନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୬/୧
ନ୍ୟୁଜ ବ୍ୟୁରୋ

ନାଲ୍କୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ ମଙ୍ଗଳବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଅଭିଭାଷଣ ହେଉଛି ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ଏକ ପ୍ରମୁଖ ବାର୍ଷିକ କାର୍ଯ୍ୟକ୍ରମ ଯାହା କମ୍ପାନୀର ଚିନ୍ତାଧାରା ନେତୃତ୍ୱ ଏବଂ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ମାଧ୍ୟମ ଅଟେ। ଏହି କ୍ରମରେ ଟାଟା ଷ୍ଟିଲ୍ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ 'ନେତୃତ୍ୱ: ରୂପାନ୍ତରର କଳା' ବିଷୟବସ୍ତୁ ଉପରେ ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ,







ବୈଠକରେ ଅଧକ୍ଷତା କରି ନାଲ୍କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ନାଲ୍କୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାକୁ ଜ୍ଞାନ ଆଦାନ ପ୍ରଦାନ ଏବଂ ସାମୂହିକ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଥିଲେ। ସେ ନାଲ୍କୋର ସମସ୍ତ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଅଂଶୀଦାର ଏବଂ କମ୍ପାନୀର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ନେତୃତ୍ୱଙ୍କ ପ୍ରତି ସେମାନଙ୍କର ଅଭିବୃଦ୍ଧି ଯାତ୍ରାରେ ନିରନ୍ତର ଅବଦାନ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ ସିଂହ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲ୍କୋର ରେକର୍ଡ ପ୍ରଦର୍ଶନ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରି ଟି. ଭି. ନରେନ୍ଦ୍ରନ୍ ନେତୃତ୍ୱ ପାଇଁ ପରିବର୍ତ୍ତନ, ଅନୁକୂଳନ, ସ୍ଥିରତା, ନବସୃଜନ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଶିଳ୍ପ କ୍ଷେତ୍ରରେ ପ୍ରତିଦିନ ନୂଆ ଚ୍ୟାଲେଞ୍ଜର ସମ୍ଭାବନା ଥାଏ, ତେଣୁ ପରିବର୍ତ୍ତନ ଅତ୍ୟାବଶ୍ୟକ, ବିଶେଷକରି ବିଶ୍ୱ ବାଣିଜ୍ୟ ଗତିଶୀଳତା ଏବଂ ଭୂରାଜନୈତିକ ପରିସ୍ଥିତି ବ୍ୟବସାୟ ପରିବେଶକୁ ପ୍ରଭାବିତ କରିଥାଏ। କାର୍ଯ୍ୟକ୍ରମ ଶେଷରେ ଡା. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲ୍କୋ କର୍ମଚାରୀଙ୍କ ବ୍ୟତୀତ ବିଭିନ୍ନ ଶିଳ୍ପ ସଂସ୍ଥାର ବରିଷ୍ଠ ଅଧିକାରୀ, ସରକାରୀ ପ୍ରତିନିଧି ଏବଂ ଶିକ୍ଷାନୁଷ୍ଠାନର ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ, ନାଲ୍କୋ ୨୦୦୨ ମସିହାରୁ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳା ଆୟୋଜନ କରିଆସୁଛି, ଯାହା ବୌଦ୍ଧିକ ସମ୍ପର୍କ ପାଇଁ ଏକ ସମ୍ମାନଜନକ ମଞ୍ଚରେ ପରିଣତ ହୋଇଛି। ସଂଗଠନ ଏବଂ ବିଭିନ୍ନ ଶିଳ୍ପ ସମୁଦାୟ ମଧ୍ୟରେ ଶିକ୍ଷା, ନବସୃଜନ ଏବଂ ଆଲୋଚନାର ସଂସ୍କୃତିକୁ ଏହି କାର୍ଯ୍ୟକ୍ରମ ପ୍ରୋତ୍ସାହିତ କରୁଛି।

## ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନୀତି ଆୟୋଗ ରିପୋର୍ଟ

# ବିଦେଶୀ ଶିକ୍ଷାର୍ଥୀଙ୍କୁ ଆପଣାଇବାରେ କିଟ୍ ଦେଶର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୬।୧
ନ୍ୟୁଜ ବ୍ୟୁରୋ

ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ବିଦେଶୀ ଛାତ୍ରଛାତ୍ରୀଙ୍କର ଏକ ପସନ୍ଦଯୋଗ୍ୟ ହବ୍‌ରେ ପରିଣତ ହୋଇଛି। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକରେ ବିଦେଶୀ ଶିକ୍ଷାର୍ଥୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି ବୋଲି ନିକଟରେ ନୀତି ଆୟୋଗର ରିପୋର୍ଟ ପ୍ରକାଶ ପାଇଛି।



ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନୀତି ଆୟୋଗର ରିପୋର୍ଟ ଅନୁସାରେ ୨୦୨୧-୨୨ ଶିକ୍ଷାବର୍ଷରେ ଓଡ଼ିଶାକୁ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭ ପାଇଁ ଆସିଛନ୍ତି। ନୀତି ଆୟୋଗ ରିପୋର୍ଟରେ ଭାରତର କେଉଁ ରାଜ୍ୟରେ କେତେ ପିଲା ପଢୁଥିଲେ ଓ କେତେ ବଢ଼ିଛନ୍ତି ତା'ଉପରେ ପୁଙ୍ଖାନୁପୁଙ୍ଖ ସୂଚନା ଦିଆଯାଇଛି। ଖୁସିର କଥା ଓଡ଼ିଶାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ସହ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଆପଣାଇବାରେ ଭାରତର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ସେହିପରି ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି ଓ ବିଦେଶୀ ଛାତ୍ରଛାତ୍ରୀ ଆପଣାଇବାରେ କିଟ୍ ଦେଶରେ ପଞ୍ଚମ ସ୍ଥାନରେ ରହିଛି। ରିପୋର୍ଟରେ କୁହାଯାଇଛି, କୋଲକାତା ଓ ହାଇଦ୍ରାବାଦ ଆଦି କସମୋପଲିଟାନ୍ ନଗର ହୋଇଥିବା ବେଳେ ପଶ୍ଚିମବଙ୍ଗ, ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶଠାରୁ ଓଡ଼ିଶାରେ ଅଧିକ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ, ନୀତି ଆୟୋଗ ରିପୋର୍ଟ ଅନୁସାରେ ଦେଶର ପୂର୍ବାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨୩୬୨ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଥିବା ବେଳେ କେବଳ କିଟ୍‌ରେ ୨ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିଟ୍‌ରେ ବିଶ୍ୱର ୭୦ଟି ବିଭିନ୍ନ ଦେଶରୁ ୨ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଭାରତରେ ୫ଟି ଘରୋଇ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ସେଥିମଧ୍ୟରୁ ସର୍ବାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା କିଟ୍ ୫ମ ସ୍ଥାନରେ ରହିଛି।

ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ କିଟ୍‌ରୁ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି। ଭୁବନେଶ୍ୱର ଏକ ଟାୟାର-ଟୁ ସହର ଓ ଏଠାକୁ ଇଣ୍ଟରନ୍ୟାସ୍‌ନାଲ୍ ଫ୍ଲାଇଟ୍ ସଂଯୋଗର ବିଶେଷ ସୁବିଧା ନଥିଲେ ମଧ୍ୟ କିଟ୍‌ରେ ଶିକ୍ଷାଦାନ ସୁନାମ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟାନ୍ୟ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଥିବାରୁ କିଟ୍ ପ୍ରତି ବିଦେଶୀ ଛାତ୍ରଛାତ୍ରୀଙ୍କ ଆକର୍ଷଣ ରହିଛି । ଭାରତ ସରକାରଙ୍କ ନୂଆ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁସାରେ ଯେଉଁ ଶିକ୍ଷାନୁଷ୍ଠାନରେ ଯେତେ ଅଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବେ, ସେହି ଅନୁସାରେ ଉକ୍ତ ଅନୁଷ୍ଠାନ ବା ରାଜ୍ୟକୁ ସରକାରଙ୍କ ପକ୍ଷରୁ ସେତିକି ଗୁରୁତ୍ୱ ଦିଆଯାଉଛି। କିଟ୍‌ରେ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭର ସୁଯୋଗ ସୃଷ୍ଟି କରିଥିବାରୁ ବୁଦ୍ଧିଜୀବୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି। ୨୦୧୨ ମସିହାରେ ଓଡ଼ିଶାରେ ମାତ୍ର ୧୨ ଜଣ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏବେ କେବଳ କିଟ୍‌ରେ ୨ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଆଗାମୀ ଶିକ୍ଷାବର୍ଷରେ କିଟ୍‌ରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଡ. ସାମନ୍ତ ଆଶା ପ୍ରକାଶ କରିଛନ୍ତି । କିଟ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଭିତ୍ତିଭୂମି, ଶିକ୍ଷା ପରିବେଶ, ସୌନ୍ଦର୍ଯ୍ୟକରଣ, ସବୁଜିମା ଓ ବିଶେଷକରି କ୍ରୀଡ଼ା ଭିତ୍ତିଭୂମି ଆଦି ସୁବିଧା ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଡ. ସାମନ୍ତ କହିଛନ୍ତି।

# ସଞ୍ଚିତା ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୬/୧
ନ୍ୟୁଜ ବ୍ୟୁରୋ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ବିଧାୟିକା ଏବଂ ବିଶିଷ୍ଟ ନେତ୍ରୀ ସଞ୍ଚିତା ମହାନ୍ତିଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ସଞ୍ଚିତା ମହାନ୍ତି ଜଣେ ଲୋକପ୍ରିୟ ଜନପ୍ରତିନିଧି ଭାବେ ରାଜନୀତି ଓ ସମାଜସେବାରେ ଅମୂଲ୍ୟ ଅବଦାନ ରଖିଥିଲେ, ଯାହା ସଦା ସ୍ମରଣୀୟ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ମାମଲା : ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ

ବରଗଡ, ୬/୧ ନ୍ୟୁଜ ବ୍ୟୁରୋ

ବରଗଡ଼ ଜିଲ୍ଲା ପଦ୍ମପୁର ପୋକ୍ସୋ କୋର୍ଟ ମଙ୍ଗଳବାର ଜଣେ ୬ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ନିର୍ମମ ହତ୍ୟା ସଂପର୍କିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲାରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ପ୍ରଶାନ୍ତ ବାଗ ଓରଫ ବରିହାକୁ କୋର୍ଟ ମୃତ୍ୟୁଦଣ୍ଡ ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରି ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ଏହାସହ ମୃତ ନାବାଳିକାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ନ୍ୟାୟ ସଂହିତାର ସଫଳ କାର୍ଯ୍ୟାନ୍ୱୟନ ଯୋଗୁଁ ରାଜ୍ୟରେ ଅପରାଧ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ଅଧିକ ସୁଦୃଢ଼ ହୋଇ ଦୋଷୀକୁ ଦଣ୍ଡାଦେଶ ସୁନିଶ୍ଚିତ କରାଯିବାର ଏହା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ।



ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୫ ତାରିଖରେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଧୀନ ସୋଦା ଗ୍ରାମରେ ଘଟିଥିବା ଏହି ଦୁଷ୍କର୍ମ ଓ ହତ୍ୟା ଘଟଣା ସଂପର୍କରେ ଥାନାରେ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୁକ୍ତ ପ୍ରଶାନ୍ତ ବାଗ ନାବାଳିକାକୁ ଦୁଷ୍କର୍ମ କରିବା ସହ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା। ଏହି ସମ୍ବେଦନଶୀଳ ମାମଲାର ଅଭିଯୋଗ ପାଇବା ପରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସାହାଇ ମୀନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ସମ୍ପନ୍ନ କରାଯାଇଥିଲା । ତତ୍କାଳୀନ ଥାନା ଇନ୍ସପେକ୍ଟର ମମତା ନାଏକ ଏହି ମାମଲାର ତଦନ୍ତ କରିଥିବା ବେଳେ ସରକାରୀ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ମାମଲାଟିକୁ ପରିଚାଳନା କରିଥିଲେ। ତଦନ୍ତ ସମୟରେ ପୋଲିସ ପକ୍ଷରୁ ଡିଏନଏ ବିଶ୍ଲେଷଣ, ଫୋରେନସିକ୍ ପ୍ରମାଣ ସହ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରାଯାଇଥିଲା। ପୋକ୍ସୋ କୋର୍ଟ ମୋଟ ୩୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ଦୃଢ଼ ପ୍ରମାଣ ଆଧାରରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୪୦(୧), ୧୦୩, ୬୫(୨), ୬୬ ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ସହିତ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ଆନ୍ଦୋଳନକାରୀ ମିଲର୍ସଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିବେ ସରକାର

ଭୁବନେଶ୍ୱର ୬।୧
ନ୍ୟୁଜ ବ୍ୟୁରୋ

କେବେ ତୁଟିବ ମଣ୍ଡି ଟେନସନ୍ । ରାଜ୍ୟରେ ମଣ୍ଡି ଅବ୍ୟବସ୍ଥାକୁ ନେଇ ସରକାର ଏବଂ ମିଲର୍ସ ମୁହାଁମୁହିଁ ହୋଇଛନ୍ତି । ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ସରକାର ମିଲରମାନଙ୍କ ସହିତ ବିଚାର ବିମର୍ଶ କରୁଛନ୍ତି କିନ୍ତୁ ନିଷ୍କର୍ଷ ବାହାରି ପାରିନାହିଁ । ମିଲରଙ୍କ ୪ ଦଫା ଦାବି ସରକାର ପୂରଣ କରିବାର ସରକାରଙ୍କର କୌଣସି ବାଧ୍ୟବାଧକତା ନାହିଁ । ସେମାନଙ୍କ ଦାବି ପୂରଣରେ କୌଣସି ଯଥାର୍ଥତା ନାହିଁ । ବର୍ତ୍ତମାନ ଧାନ କିଣା ସିଜିନ ଚାଲିଛି । ତେଣୁ ସେମାନେ ସରକାରଙ୍କୁ ହରଡ଼ ଘଣାରେ ପକେଇବାକୁ ଚେଷ୍ଟା କରୁଛନ୍ତି । ଆଉ କାହା ପ୍ରରୋଚନାରେ ମିଲରମାନେ ଏଭଳି କରୁଛନ୍ତି। ସରକାର କିଛି କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରନ୍ତି । ଯୋଗାଣ ବିଭାଗ ଆଲୋଚନା କରୁଛି। ଖୁବ୍‌ଶୀଘ୍ର ଏ ସମସ୍ୟାର ସମାଧାନ ହୋଇଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ।



ଆନ୍ଦୋଳନରେ ମିଲର୍ସ, ମଣ୍ଡିରୁ ଉଠୁନି ଧାନ ଏବଂ ଧାନ ଉଠୁନଥିବାରୁ ରାସ୍ତାରେ ଚାଷୀ। ୧୦ ତାରିଖ ସୁଦ୍ଧା ସମସ୍ତ ଜିଲ୍ଲାରେ ମଣ୍ଡି ଖୋଲିବା ପାଇଁ ରାଜ୍ୟ ସରକାର ଯୋଜନା କରିଥିବା ବେଳେ ଏପର୍ଯ୍ୟନ୍ତ କିନ୍ତୁ ଧାନ ଉଠାଣ ନେଇ କେଁ ହଟୁନି । ଗୋଟିଏ ପଟେ ମିଲର୍ସ କବାଟ କିଳିଛନ୍ତି ଅନ୍ୟପଟେ ରାସ୍ତାରେ ଧାନ ଗଦେଇଛନ୍ତି ଚାଷୀ । ମିଲର୍ସଙ୍କ ଆନ୍ଦୋଳନ ପାଇଁ ମଣ୍ଡିରେ ପଡି ରହିଛି ଧାନ । ଯେଉଁଥି ପାଇଁ ଧାନକିଣା ଠପ୍ ହୋଇଛି। ଯାହାକୁ ନେଇ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି । ଆଉ ପଡ଼ିରହିଥିବା ଧାନକୁ ଶୀତ କାକରରେ ଜଗି ରହିଛନ୍ତି ଚାଷୀ। ମିଲର୍ସ ସଂଘ ରାଜ୍ୟ ସରକାରଙ୍କ ପାଖରେ ବିଭିନ୍ନ ଦାବି ରଖିଛି । ସରକାର ସମସ୍ତ ବାକି ଥିବା ଟଙ୍କା ତୁରନ୍ତ ପ୍ରଦାନ କରନ୍ତୁ । ୨୦୨୩-୨୦୨୪ ଆର୍ଥିକ ବର୍ଷ ସହ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ ମିଲର ମାନଙ୍କର ରକ୍ଷଣାବେକ୍ଷଣ ଓ ପରିବହନ ବାବଦରେ ୩୫୦ କୋଟି ଟଙ୍କା ବାକି ରହିଛି । ଏହାକୁ କ୍ଲିୟର କରିବା ଲାଗି ମିଲର୍ସ ସଂଘ ଦାବି କରିଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୂଲ୍ୟ ସ୍ଥିର କରନ୍ତୁ ସରକାର । ପୂର୍ବରୁ ବାରମ୍ବାର ସରକାରଙ୍କୁ ଏ ନିଷ୍ପତ୍ତି ନେବାକୁ ଦାବି କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସରକାର ସନ୍ତୋଷଜନକ ନିଷ୍ପତ୍ତି ନେଉନାହାନ୍ତି। ସରକାର ଧାନ ସଂଗ୍ରହ ସହ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ବୁଝିଦେଲେ ମିଲିଂ ଆରମ୍ଭ କରିବୁ । ଚାଷୀଙ୍କୁ ହଇରାଣ କରିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ମିଲର୍ସ ସଂଘ କହିଛି। ପଞ୍ଜାବ ଓ ଛତିଶଗଡ ଭଳି ରାଜ୍ୟରେ ସରକାର ନିଜେ ଧାନ ସଂଗ୍ରହ କରୁଥିବା ମିଲର୍ସ କହିଛନ୍ତି।

## ଦୁର୍ଘଟଣା ରୋକିବାକୁ ପରିବହନ ବିଭାଗର ନୂଆ ନିୟମ

# 'ସଡ଼କ ନିୟମ ମାନିବା, ଜୀବନ ସୁରକ୍ଷିତ ରଖିବା'

ଭୁବନେଶ୍ୱର ୦୬/୦୨ ନ୍ୟୁଜ ବ୍ୟୁରୋ



ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଜାନୁଆରୀ ୧ ରୁ ୩୧ ତାରିଖ ଯାଏଁ ମାସ ବ୍ୟାପୀ ଏହି ଅଭିଯାନ ଚାଲିବ। ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମ ପଦଯାତ୍ରାରେ ପରିବହନ ବିଭାଗ, ଏନ୍‌ସିସି କ୍ୟାଡେଟ, ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଡ୍ରାଇଭର ଓ କଳାକାର ସାମିଲ ହୋଇଛନ୍ତି । କଳାକାରମାନେ ଚନ୍ଦ୍ରଗୁପ୍ତ ଏବଂ ଯମରାଜ୍ ଭୂମିକାରେ ଅଭିନୟ କରି ଲୋକଙ୍କୁ ସଚେତନ କରାଉଛନ୍ତି। ମନ୍ତ୍ରୀ ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, ଡିଜିପି ଯୋଗେଶ ବାହାଦୂର ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ପରିହବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବାକୁ ଆରମ୍ଭ ହୋଇଛି ଅଭିଯାନ । ଏହି ଅଭିଯାନରେ ଟ୍ୟାଗ୍ ଲାଇନ୍ ବି ରହିଛି । ଯେଉଁଥିରେ କୁହାଯାଇଛି ଯେ, ସଡ଼କ ନିୟମ, ଟ୍ରାଫିକ ନିୟମ ସବୁ ଆମେ ମାନି ଚାଲିବା । ଅନ୍ୟମନସ୍କରେ ଗାଡ଼ି ନଚଳାଇ ସବୁଥିରେ ନଜର ରଖିବା । ପ୍ରତି ମୁହୂର୍ତ୍ତରେ ସତର୍କ ରହିବା, ଏଥିପ୍ରତି ଧ୍ୟାନ ଦିଅନ୍ତୁ ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ ।



ସମ୍ପାଦକୀୟ
ପୃଷ୍ଠା-୪
ଡେଡ୍ ଲାଇନ୍, ଡର ପୃଚ୍ଛିଛି, ବଢ଼ୁଛି

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No.: ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol-10 • Issue-27 • 07-13th January 2026 • Bhubaneswar

ଧାନ ଉତ୍ପାଦନରେ ବିଶ୍ୱରେ ଏକ ନମ୍ବର ଭାରତ

ଆପୋଲୋ ମିଶନ୍ ପରେ ଚନ୍ଦ୍ରରେ ପାଦ ଦେବ ମଣିଷ

ଲଞ୍ଚ ହେବ ନାସାର ଆର୍ଟେମିସ୍-୨ ମିଶନ୍

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୫୪୮, ୨୫୪୫୬୭୮
Email : utkaldeepika2016@gmail.com

## ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ତେଲ ମନା ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ମାମଲା

# ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଦ୍ୱନ୍ଦ୍ୱ ପରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ, ୦୬/୦୧ ନ୍ୟୁଜ ବ୍ୟୁରୋ

ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ତେଲ ମନା। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ କମିଶନରଙ୍କ ସ୍ପଷ୍ଟୀକରଣ ଲୋଡିଲେ ହାଇକୋର୍ଟ । ସେହିପରି ପୁରୁଣା ଜରିମାନା ଭରଣା ନକଲେ ପଲ୍ୟୁସନ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଛି ତା'ଉପରୁ ଦ୍ୱନ୍ଦ୍ୱ ହଟୁ ବୋଲି କହିଛନ୍ତି ହାଇକୋର୍ଟ। ଏନେଇ ପରିବହନ ଆୟୁକ୍ତ ଆସନ୍ତା ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି । ତା'ସହ ରାଜ୍ୟ ସରକାରଙ୍କ ଠାରୁ ମଧ୍ୟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ହାଇକୋର୍ଟ । ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଗାଡିର ଇନ୍ଧନ ମିଳିବ ନାହିଁ ଏବଂ ସାର୍ଟିଫିକେଟ୍ ହାସଲ କରିବାକୁ ହେଲେ ସମସ୍ତ ପୁରୁଣା ଜରିମାନା ଦେବାକୁ ହେବ ବୋଲି ପରିବହନ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଛି । ଯାହାକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱର ବାସିନ୍ଦା ସ୍ନିଗ୍ଧା ପାତ୍ର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଦାୟର ପିଟିସନରେ ସେ ଉଲ୍ଲେଖ କରିଛନ୍ତି ଯେ, ଯଦି କେହି ଗାଡ଼ି ଚାଳକ ନିର୍ଦ୍ଦିଷ୍ଟ ସମୟ ଭିତରେ ପ୍ରଦୂଷଣ ପ୍ରମାଣପତ୍ର କରିପାରିନାହାନ୍ତି ତେବେ ନିୟମ ଅନୁସାରେ ତାଙ୍କ ଉପରେ ଫାଇନ କରାଯାଇପାରିବ । କିନ୍ତୁ ତେଲ ଦିଆଯିବ ନାହିଁ ବୋଲି କହିବା ଆଇନସଙ୍ଗତ ନୁହେଁ । ସେହିପରି ପୁରୁଣା ଫାଇନ୍ ଆଦାୟ କରିବା ଲାଗି କାହାକୁ ବାଧ୍ୟ କରାଯିବା ମଧ୍ୟ ବେଆଇନ ବୋଲି ଆବେଦନକାରୀ କୋର୍ଟଙ୍କୁ ଜଣାଇଛନ୍ତି । ଏଭଳି ବ୍ୟବସ୍ଥା ନା କେନ୍ଦ୍ରୀୟ ପରିବହନ ଆଇନ ନା ରାଜ୍ୟ ପରିବହନ ଆଇନରେ ରହିଛି। ତେଣୁ ଆଇନର ଉଲ୍ଲଂଘନ କରି ମନଇଚ୍ଛା କୌଣସି ନିୟମ ଲାଗୁ କରିବା ଅସାମ୍ବିଧାନିକ, ତେଣୁ ଏପରି ନିୟମକୁ ରଦ୍ଦ କରିବା ଲାଗି ଆବେଦନକାରୀ ନିଜ ପିଟିସନରେ ଦର୍ଶାଇଛନ୍ତି । ମଙ୍ଗଳବାର ଉକ୍ତ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଉଭୟ ରାଜ୍ୟ ସରକାର ଓ



ପରିବହନ ଆୟୁକ୍ତଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସେହିପରି ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ୍ ପମ୍ପରୁ ତେଲ ମିଳିବ ନାହିଁ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି । ଏଭଳି ଏକ ବିଜ୍ଞପ୍ତି ସମ୍ପୂର୍ଣ୍ଣ ବେଆଇନ ତଥା ସମ୍ବିଧାନ ବିରୋଧୀ ଏବଂ ଏହି ବିଜ୍ଞପ୍ତି ଜରିଆରେ ମନମୁଖି ଭାବେ ଏହି ନିଷ୍ପତ୍ତିକୁ ସାଧାରଣ ଲୋକଙ୍କ ଉପରେ ଲଦି ଦିଆଯାଇଛି ବୋଲି ପିଟିସନ୍‌ରେ ଅଭିଯୋଗ କରାଯାଇଛି। ତେଣୁ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ଶ୍ରୀମତୀ ପାତ୍ର ତାଙ୍କ ପିଟିସନ୍‌ରେ ପ୍ରାର୍ଥନା କରିଛନ୍ତି। ଆବେଦନକାରିଣୀ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଜଣେ ବ୍ୟକ୍ତି ଯେତେବେଳେ ଗାଡ଼ି କିଣୁଛନ୍ତି ସେତେବେଳେ ଇନ୍ସ୍ୟୁରାନ୍ସ, ପ୍ରଦୂଷଣ ସାର୍ଟିଫିକେଟ୍ ଆଦି ତାଙ୍କର ରହିଥାଏ । ଯେତେବେଳେ ପ୍ରଦୂଷଣ ସାର୍ଟିଫିକେଟ୍ ସମୟ ସୀମା ଶେଷ ହୋଇଯାଏ ସେତେବେଳେ ଗାଡ଼ି କ୍ରେତା ସାର୍ଟିଫିକେଟ୍ ନବୀକରଣ କରିବାକୁ ବାଧ୍ୟ । ଯିଏ ଏହି ସାର୍ଟିଫିକେଟ୍ ହାସଲ ନକରିବେ ସେମାନଙ୍କ ବିରୋଧରେ ମୋଟରଯାନ ଆଇନରେ ମାମଲା ରୁଜୁ କରାଯାଇ ପାରିବ । କିନ୍ତୁ ଏସ୍‌ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ଯେଉଁମାନେ ନିଜ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ କରିନଥିବେ ବା ସେମାନଙ୍କ ପାଖରେ ବୈଧ ସାର୍ଟିଫିକେଟ୍ ନଥିବ ସେମାନଙ୍କୁ ପେଟ୍ରୋଲ ଏବଂ ଡିଜେଲ୍ ମିଳିବ ନାହିଁ ବୋଲି କୁହାଯାଇଛି । ନିୟମ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ପ୍ରଦୂଷଣ କରୁଛନ୍ତି ତାଙ୍କ ଉପରେ ଜରିମାନା କରାଯାଇପାରିବ। ଜରିମାନା ନଦେଲେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । କିନ୍ତୁ ଗାଡ଼ିରେ ତେଲ ଦିଆଯିବ ନାହିଁ ବୋଲି କୌଣସି ନିୟମ ନାହିଁ । ଯେଉଁ ଗାଡ଼ିଗୁଡ଼ିକ ଏହି ପ୍ରଦୂଷଣ ସାର୍ଟିଫିକେଟ୍ କରିବାକୁ ଚାହୁଁଛନ୍ତି ସେମାନଙ୍କର ବକେୟା ଥିବା ଚାଲାଣ ବା ଜରିମାନା ଅର୍ଥ ଦେବା ପରେ ଯାଇ ଏହି ସାର୍ଟିଫିକେଟ୍ ମିଳିବ ବୋଲି ବାଧ୍ୟତାମୂଳକ କରାଯାଇଛି । ଏଭଳି ନିଷ୍ପତ୍ତି ମଧ୍ୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଆବେଦନକାରିଣୀଙ୍କ ପକ୍ଷରୁ ଦର୍ଶାଯାଇଛି। ଉଭୟ କେନ୍ଦ୍ରୀୟ ମୋଟରଯାନ ଆଇନ ଏବଂ ରାଜ୍ୟ ମୋଟରଯାନ ଆଇନରେ ଏଭଳି କୌଣସି ପ୍ରକାର ବ୍ୟବସ୍ଥା ନାହିଁ । ଏହି ମାମଲାରେ ପରିବହନ ବିଭାଗ ସଚିବ, ଏସ୍‌ଟିଏ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ରୁଜୁ କରିଛନ୍ତି ।